**ସିକ୍ୟୁରିଟୀଜ୍ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ ଇଣ୍ଡିଆ**
ଅଫିସ ଅଫ ଇନ୍‌ଭେଷ୍ଟର ଆସିଷ୍ଟାନ୍‌ସ ଆଣ୍ଡ ଏଜୁକେସନ
''ଏକ୍ସଚେଞ୍ଜ ପ୍ଲାଜା'' ସି-୧, ବ୍ଲକ ଜି, ଚତୁର୍ଥ ମହଲା,
ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ପୂର୍ବ),
ମୁମ୍ବଇ-୪୦୦ ୦୫୧

**ଡିସ୍‌କ୍ଲେମର (ଅନସ୍ୱୀକାର୍ଯ୍ୟ) :** ଏହି ପୁସ୍ତିକାରେ ପ୍ରଦତ୍ତ ବିବରଣୀମାନ ପାଠକମାନଙ୍କୁ ବିଶଦ ଭାବରେ ବିଷୟଗୁଡ଼ିକ ବୁଝିବା ପାଇଁ ସନ୍ନିବେଶିତ କରାଯାଇଛି । ଏହି ବିଷୟମାନ ସାଧାରଣ ଭାବରେ ସମସ୍ତଙ୍କ ପାଇଁ ଉଁଷ୍ଟ ପ୍ରଦତ୍ତ ତଥ୍ୟମାନ କୌଣସି ଆକ୍ଟସ (ଆଇନ), ରୁଲ୍‌ସ (ନିୟମ) ସର୍କୁଲର୍‌ସ, ରେଗୁଲେସନ୍‌ସ (କାନୁନ) ଏବଂ ଗାଇଡ୍‌ଲାଇନ୍‌ସକୁ ବିଶ୍ଳେଷଣ ଏବଂ ସମୀକ୍ଷା କରିବାର ଦାବୀ କରେ ନାହିଁ । ଏହି ପୁସ୍ତିକାଟି ବିନିଯୋଗକାରୀଙ୍କ ସଚେତନ କରାଇବା ଉ‘ଶ୍ୟରେ ସେବିଙ୍କ ଦ୍ୱାରା ପ୍ରକାଶିତ କରାଯାଇଛି ।

UCHITHA GRAPHIC ORIYA 2/2004

# ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ ଇଣ୍ଡିଆ

ପ୍ରସ୍ତୁତ

ସିକ୍ୟୁରିଟିଜ ମାର୍କେଟ ସମ୍ବନ୍ଧୀୟ ଜ୍ଞାନ ପ୍ରଚାର

ଆନୁକୂଲ୍ୟରେ

## ପ୍ରଶିକ୍ଷଣ କେନ୍ଦ୍ର

# ''ବିନିଯୋଗକାରୀଙ୍କୁ ଶିକ୍ଷାମାଧ୍ୟମରେ ଅଧିକାର ପ୍ରଦାନ''

# ସୂଚୀପତ୍ର


| | | |
|---|---|---|
| ମୁଖବନ୍ଧ | | ପୃଷ୍ଠାସଂଖ୍ୟା |
| ଅଧ୍ୟାୟ ୧. | ଉପକ୍ରମ (ପରିଚୟ) ................................................. | ୧ |
| ଅଧ୍ୟାୟ ୨. | ବିତ୍ତୀୟ ଯୋଜନା ..................................................... | ୩ |
| ଅଧ୍ୟାୟ ୩. | ସିକ୍ୟୁରିଟୀଜ ମାର୍କେଟରେ ବିନିଯୋଗକାରୀଙ୍କ ସିଦ୍ଧାଂତ (ଚୟନ କରିବାର ବିକଳ୍ପ) ........................................... | ୭ |
| ଅଧ୍ୟାୟ ୪. | ସିକ୍ୟୁରିଟୀଜ୍‌ରେ କିପରି କାରବାର କରିବେ ........................... | ୨୩ |
| ଅଧ୍ୟାୟ ୫. | ବିନିଯୋଗକାରୀଙ୍କ ସମସ୍ୟା ପ୍ରତିକାର ................................ | ୪୩ |


# ମୁଖବନ୍ଧ

ସିକ୍ୟୁରିଟୀଜ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ ଇଣ୍ଡିଆ (ସେବି) ସିକ୍ୟୁରିଟୀଜରେ ବିନିଯୋଗ କରୁଥିବା ବିନିଯୋଗକାରୀଙ୍କ ସ୍ୱାର୍ଥରକ୍ଷା କରିବା ସହିତ ସିକ୍ୟୁରିଟୀଜ ମାର୍କେଟ'ର ବିକାଶ ଏବଂ ସୁନିୟନ୍ତ୍ରିତ କରିବା ପାଇଁ ନିଁଷ୍ଟ ଏକ ଲକ୍ଷ ରଖିଛଂତି । ଏହି ସମସ୍ତ ଆଭିମୁଖ୍ୟ ବ୍ୟତୀତ, ସେବି ବିଭିନ୍ନ ମାର୍କେଟ ଭାଗୀଦାର (ପ୍ରତିଯୋଗୀ) ବିନିଯୋଗକାରୀଙ୍କ ଆସୋସିଏସନ୍‌ସ, ଏବଂ ସରକାରଙ୍କ ସହିତ ଆଂତର୍ଜାତିକ ସ୍ତରରେ ସର୍ବୋତ୍କୃଷ୍ଟ ମାର୍କେଟ ସୃଷ୍ଟି କରିବା ପାଇଁ ସଂକଳ୍ପବଦ୍ଧ ।

ସେବି ଦୃଢ଼ତାର ସହିତ ବିଶ୍ୱାସ କରଂତି ଯେ, ବିନିଯୋଗକାରୀ ହେଉଛଂତି ସିକ୍ୟୁରିଟୀଜ ମାର୍କେଟର ମେରୁଦଣ୍ଡ । ସୁତରାଂ ଆମ୍ଭେ ସେମାନଙ୍କର ସ୍ୱାର୍ଥରକ୍ଷା କରିବାପାଇଁ ଚେଷ୍ଟିତ, ଯାହାଦ୍ୱାରା ସେମାନେ ସର୍ବଦା ସିକ୍ୟୁରିଟୀଜ ମାର୍କେଟକୁ ସାହାଯ୍ୟ ଯୋଗାଇବା ସହିତ ସୁଚାରୁ ଭାବରେ ମାର୍କେଟରେ ମଧ ଅଂଶଗ୍ରହଣ କରିପାରିବେ । ଏକଥା ସତ ଯେ ଅନେକ ବିନିଯୋଗକାରୀଙ୍କ ଆବଶ୍ୟକୀୟ ବିଶେଷଜ୍ଞତା / ଜ୍ଞାନ ନାହିଁ, ଯାହାଦ୍ୱାରା ସେମାନେ ସଠିକ ଭାବରେ ବିନିଯୋଗ ସମ୍ବନ୍ଧରେ ସିଦ୍ଧାଂତ ନେବାପାଇଁ ଅକ୍ଷମ । ସେଥିପାଇଁ ସେମାନଙ୍କୁ ଉତ୍ତମ ମାର୍ଗଦର୍ଶନ ପ୍ରଦାନ କରିବା ସେବି'ଙ୍କର ଲକ୍ଷ । ସେମାନଙ୍କ ମଧ୍ୟରୁ ଅନେକ ବିନିଯୋଗକାରୀ ବିଭିନ୍ନ ପ୍ରକାର ବିନିଯୋଗ ବିକଳ୍ପ ଅନୁଧ୍ୟାନ କରିବା ତଥା ସିକ୍ୟୁରିଟୀଜମାନଙ୍କର ସମ୍ପୂର୍ଣ୍ଣ ରିସ୍କ-ରିଟର୍ଣ୍ଣ (ଆପଦ-ପ୍ରତିଲାଭ) ରୂପରେଖ ସମ୍ବନ୍ଧରେ ସଠିକ ଭାବରେ ଜାଣି ନଥାଂତି । ସେହିପରି, ଅନେକ ବିନିଯୋଗକାରୀ କିପରି ବିଭିନ୍ନ ସିକ୍ୟୁରିଟୀଜକୁ ପରିଚାଳିତ କରିବା ତଥା ମାର୍କେଟ ଇଣ୍ଟରମିଡିଆରୀଜ (ମଧ୍ୟସ୍ଥ)ଙ୍କ ସହିତ ବ୍ୟବସାୟିକ କାରବାର କରିବା ଏବଂ ଏଥିପାଇଁ କୋଉ ପ୍ରକାର ସତର୍କତା ଅବଲମ୍ବନ କରାଯିବା ଆବଶ୍ୟକ ଏ ସମସ୍ତ ବିଷୟରେ ସେମାନଙ୍କର ଯଥେଷ୍ଟ ଜ୍ଞାନ ନାହିଁ । ଏପରିକି ସିକ୍ୟୁରିଟୀଜ ମାର୍କେଟ'ର କାର୍ଯ୍ୟ ପ୍ରଣାଳୀ ଏବଂ ମାର୍କେଟର ଧାରା ସହିତ ବିନିଯୋଗକାରୀମାନେ ମଧ ସେମାନଙ୍କର ନିଜସ୍ୱ ଅଧିକାର ଏବଂ ଦାୟିତ୍ୱ ସମ୍ବନ୍ଧରେ ଅପରିଚିତ ଥାଆଂତି । ସେମାନଙ୍କୁ ଶିକ୍ଷିତ ଏବଂ ଅବଗତ କରାଇବା ହେଉଛି ସେବି'ଙ୍କର ପ୍ରଧାନ ଉ'ଶ୍ୟ, ଯାହାଦ୍ୱାରା ସେମାନେ ସିକ୍ୟୁରିଟୀଜ ମାର୍କେଟରେ ଆଗ୍ରହ ପ୍ରକାଶ କରିବା ସହିତ ଭବିଷ୍ୟତରେ ସେମାନଙ୍କର ସ୍ୱାର୍ଥରକ୍ଷା କରାଇବାରେ ସେବି ଦୃଢ଼ ଭାବରେ ସହାୟକ ହୋଇପାରିବ ।

ସମଗ୍ର ଦେଶରେ ବିନିଯୋଗକାରୀଙ୍କ ମଧରେ ଏକ ଚେତନା ସୃଷ୍ଟି କରାଇବା ସକାଶେ, ସେବି ଜାତୀୟ ସ୍ତରରେ ଏକ ବ୍ୟାପକ ''ବିନିଯୋଗକାରୀ ଶିକ୍ଷା କାର୍ଯ୍ୟକ୍ରମ'' ଆରମ୍ଭ କରିଛଂତି । ଏହି କାର୍ଯ୍ୟକ୍ରମର ଏକ ଅଂଶବିଶେଷ ଭାବରେ ସେବି ଅନେକ ପ୍ରକାରର ବିତ୍ତୀୟ ସାହିତ୍ୟ (ଜ୍ଞାନ) ପ୍ରସ୍ତୁତ କରିଛଂତି । ଏହି ପୁସ୍ତିକାଟି ଉପରୋକ୍ତ କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଅଟେ, ଯାହା ବିନିଯୋଗକାରୀଙ୍କୁ ଅନେକ ଜ୍ଞାତବ୍ୟ ତଥ୍ୟ ପ୍ରଦାନ କରାଇବା ସହିତ ସିକ୍ୟୁରିଟୀଜ ମାର୍କେଟରେ ସେମାନଙ୍କର ଆଗ୍ରହ ବଜାୟ

ରଖିପାରିବ । ସିକ୍ୟୁରିଟୀଜ ମାର୍କେଟରେ ବିନିଯୋଗ ସମ୍ବନ୍ଧରେ ପ୍ରତ୍ୟେକ ବିନିଯୋଗକାରୀଙ୍କ ମନରେ ସାଧାରଣତଃ ଅନେକ ପ୍ରଶ୍ନ ଜାଗ୍ରତ ହୋଇଥାଏ । ଏ ପ୍ରକାର ପ୍ରଶ୍ନମାନଙ୍କର ଉପଯୁକ୍ତ ଉତ୍ତରମାନ ଏହି ପୁସ୍ତିକାରେ ସନ୍ନିବେଶିତ କରାଯାଇଛି ଯାହା, ବିନିଯୋଗକାରୀଙ୍କୁ ଉଚିତ ମାର୍ଗଦର୍ଶନ ଦେବାରେ ସହାୟକ ହୋଇପାରିବ । ମୁଁ ନିଶ୍ଚିତ ଭାବରେ ବିଶ୍ୱାସ କରୁଛି ଏହି ପୁସ୍ତିକାଟି ଯେ କୌଣସି ବିନିଯୋଗକାରୀଙ୍କୁ ସହାୟତା ପ୍ରଦାନ କରିବ ।

**ଜି. ଏନ. ବାଜପେୟୀ**
ଚେୟାରମେନ

ସିକ୍ୟୁରିଟୀଜ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ ଇଣ୍ଡିଆ

### ପ୍ରଥମ ଅଧ୍ୟାୟ

# ପରିଚୟ

ଆପଣ, ସିକ୍ୟୁରିଟୀଜରେ ଜଣେ ବିନିଯୋଗକାରୀ ହିସାବରେ ସିକ୍ୟୁରିଟୀଜ ମାର୍କେଟର ମେରୁଦଣ୍ଡ ଅଟଂତି । ଆପଣଙ୍କର ସ୍ୱାର୍ଥ ରକ୍ଷା କରିବା ହେଉଛି ଆମ୍ଭର ପ୍ରଧାନ ଉଦ୍ଦେଶ୍ୟ। ଆମ୍ଭେ ଏ ବିଷୟରେ ନିଶ୍ଚିତ ଯେ ଆମ୍ଭର ଏହି ମହତ ପ୍ରଚେଷ୍ଟାର ପ୍ରଭାବ ଆପଣଙ୍କ ପାଇଁ ସିମୀତ ହେବ । ଯଦି ଆପଣ ସିକ୍ୟୁରିଟୀଜରେ ବିନିଯୋଗ ସମ୍ବନ୍ଧରେ କେତେକ ଆବଶ୍ୟକୀୟ ସତର୍କତାମୂଳକ ପଦକ୍ଷେପ ଅବଲମ୍ବନ ନ କରଂତି, ସେ ପ୍ରକାର ସତର୍କତା ମୂଳକ ପଦକ୍ଷେପ ସହିତ ଏହି ପୁସ୍ତିକା ଆପଣଙ୍କୁ ପରିଚିତ କରାଇବ । ଆପଣ ଯେତେବେଳେ ବିଭିନ୍ନ ସିକ୍ୟୁରିଟୀଜ ଏବଂ ମାର୍କେଟ ଇଣ୍ଟରମିଡିଆରୀଜ (ମଧ୍ୟସ୍ଥ)ଙ୍କ ସହିତ କାରବାର ପରିଚାଳନା କରିବାକୁ ଯାଉଛଂତି, ଉପରୋକ୍ତ ସତର୍କତାକୁ ଆଖିଆଗରେ ରଖଂତୁ ଓ ସିଦ୍ଧାଂତ ଗ୍ରହଣ କରଂତୁ । ସିକ୍ୟୁରିଟୀଜମାନଙ୍କରେ ବିନିଯୋଗ ସମ୍ବନ୍ଧୀୟ କେତେକ ନିର୍ଦ୍ଦିଷ୍ଟ ପ୍ରଶ୍ନଗୁଡ଼ିକର ଉତ୍ତର ଏହି ପୁସ୍ତିକାରେ ବିଶଦଭାବରେ ଆଲୋଚିତ କରାଯାଇଛି।

## ମୁଁ କାହିଁକି ବିନିଯୋଗ କରିବି ?

ଆପଣଙ୍କ ଦ୍ୱାରା ବ୍ୟବହୃତ କରାଯାଉନଥିବା ଆର୍ଥିକ ସମ୍ବଳ ଯଦି ଆପଣ ବିନିଯୋଗ କରି ଅଧିକ ପ୍ରତିଲାଭ ଅର୍ଜନ କରିପାରିବେ, ଜୀବନର କୌଣସି ନିର୍ଦ୍ଦିଷ୍ଟ ଲକ୍ଷ ପୂରଣ କରିବା ସକାଶେ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ଉପାର୍ଜନ କରିବା ସଙ୍ଗେସଙ୍ଗେ ଆପଣଙ୍କ ଅନିଶ୍ଚିତ ଭବିଷ୍ୟତ ପାଇଁ ଏକ ସୁଚିଂତିତ ବ୍ୟବସ୍ଥା ପ୍ରସ୍ତୁତ କରିପାରିବେ । ସୁତରାଂ ଆପଣଙ୍କୁ ସେଥିପାଇଁ ବିଶେଷଜ୍ଞତା ଏବଂ ସତର୍କତାର ସହିତ ବିନିଯୋଗକାରୀ ହିସାବରେ ଆପଣଙ୍କ ଲକ୍ଷ ହାସଲ କରିବାରେ ସମର୍ଥ ହୋଇ ପାରିବେ ।

## ମୋ ପାଇଁ କୋଉ ପ୍ରକାର ବିନିଯୋଗ  ବିକଳ୍ପମାନ ଉପଲବ୍ଧ ହୋଇପାରିବ ?

ବିନିଯୋଗକାରୀ ହିସାବରେ ଆପଣଙ୍କ ଆଗରେ ଅନେକ ପ୍ରକାରର ବିନିଯୋଗ ବିକଳ୍ପମାନ ଉପଲବ୍ଧ ହୋଇଥାଏ । ଆପଣଙ୍କ ଅନେକ ପ୍ରକାର ବିତ୍ତୀୟ ପରିସମ୍ପତ୍ତି (ଆସେଟ୍ସ)ରେ ଯଥା, ସିକ୍ୟୁରିଟୀଜ୍ ଏବଂ ମ୍ୟୁଚୁଆଲ୍ ଫଣ୍ଡସ ୟୁନିଟ୍ସ ମାନଙ୍କରେ ମଧ୍ୟ ବିନିଯୋଗ କରିପାରିବେ ।

ଆପଣଙ୍କର ଏ ପ୍ରକାର ସିଦ୍ଧାଂତ  କେତେକ ନିର୍ଦ୍ଦିଷ୍ଟ କାରଣ ଉପରେ ନିର୍ଭର କରିଥାଏ ଯଥା : ଆପଣ କେତେ ପରିମାଣର ଅର୍ଥ ବିନିଯୋଗ କରିବାକୁ ଚାହୁଁଛଂତି, ଆପଣଙ୍କ ବିନିଯୋଗର ଅବଧି (ଲକ୍ଇନ୍ ସମୟ କାଳ), ଆପଦ (ରିସ୍କ) ନେବାର କ୍ଷମତା,ଲିକ୍ୱିଡିଟୀ (ପରିଶୋଧ ବ୍ୟବସ୍ଥା) ପାଇଁ ଆପଣଙ୍କର ଆବଶ୍ୟକତା, ଆପଣଙ୍କର ବିନିଯୋଗ ଲକ୍ଷ, ଏବଂ କୌଣସି ଆପଦକାଳୀନ ଅତ୍ୟାବଶ୍ୟକତା ପାଇଁ ଆପଣଙ୍କୁ ବିନିଯୋଗକାରୀ ହିସାବରେ କୋଉ ପ୍ରକାର ସହାୟତା ଯୋଗାଇ ପାରିବ ଇତ୍ୟାଦି ।

## ମୋର କୋଉ ପ୍ରକାର ବିନିଯୋଗ ଲକ୍ଷ ରହିବା ଆବଶ୍ୟକ ?

ଆପଣଙ୍କ ଆଗରେ ସାଧାରଣତଃ ତିନୋଟି ଲକ୍ଷ ବା ଆଭିମୂଖ୍ୟ ରହିବା ଆବଶ୍ୟକତା । ସେଗୁଡ଼ିକ ହେଲା, ନିରାପତ୍ତା, ପ୍ରତିଲାଭ ଏବଂ ଲିକ୍ୱିଡିଟୀ (ପରିଶୋଧ ବ୍ୟବସ୍ଥା) । ଆପଣ ନିଶ୍ଚିତ ଭାବରେ ଆପଣଙ୍କ ବିନିଯୋଗ ଧନରାଶିକୁ ସମ୍ପୂର୍ଣ୍ଣ ଭାବରେ ନିରାପଦ ରଖିବାକୁ ଚାହାଁଂତି । ତତ୍ସହିତ ଆପଣ ଏକ ଅଧିକ ପରିମାଣର ପ୍ରତିଲାଭ ଅର୍ଜନ କରିବା ସହିତ ଆପଣଙ୍କ ବିନିଯୋଗର ଲିକ୍ୱିଡିଟୀ (ପରିଶୋଧ ବ୍ୟବସ୍ଥା) ମଧ୍ୟ ଆଶା କରଂତି

। ଏକା ସାଙ୍ଗରେ ଉପରୋକ୍ତ ତିନୋଟି ଲକ୍ଷ ପୂରଣ ହେବା ସମ୍ଭବପର ନ ହୋଇପାରେ । ସାଧାରଣ ଭାବରେ ଗୋଟିଏ ଲକ୍ଷ ପୂରଣ ହେବା ରାସ୍ତାରେ ଅନ୍ୟ ଯେ କୌଣସି ଲକ୍ଷ ବାଧାପ୍ରାପ୍ତ ହୋଇଥାଏ ।

ଉଦାହରଣ ସ୍ୱରୂପ : ଯଦି ଆପଣ ଅଧିକ ରିଟର୍ଣ୍ଣ (ପ୍ରତିଲାଭ) ଚାହୁଁଥାଂତି, ତେବେ ଆପଣଙ୍କ ରିଟର୍ଣ୍ଣସ (ପ୍ରତିଲାଭ) ସହିତ ଆପଦ ଜନିତ ବୁଝାମଣା କରିବାକୁ ପଡ଼ିବ । ଆପଣଙ୍କର ଯଦି ନିୟମିତ ରୋଜଗାର ରହିଥାଏ, ତେବେ ଆପଣ ଏକ ବୃଦ୍ଧିକାରୀ ବିନିଯୋଗ ବିକଳ୍ପ ଯୋଜନା ନିର୍ବାଚିତ କରିବା ଉଚିତ । ସୁତରାଂ ଆପଣଙ୍କର ଲକ୍ଷସାଧନ (ପ୍ରାଧାନ୍ୟତା ରୂପରେ) ଆପଣଙ୍କର ବିତ୍ତୀୟ ରୂପରେଖ ଉପରେ ନିର୍ଭର କରିଥାଏ ।

### ବିନିଯୋଗ କରିବା ସମୟରେ ଆପଣ କୋଉ ପ୍ରକାର ସତର୍କତା ଅବଲମ୍ବନ କରିବା ଆବଶ୍ୟକ ?

ବିନିଯୋଗ କରିବା ପୂର୍ବରୁ ଆପଣ ନିମ୍ନୋକ୍ତ ବିଷୟମାନଙ୍କ ଉପରେ ଧ୍ୟାନ ଦିଅଂତୁ :

କ) ବିନିଯୋଗ ସମ୍ବନ୍ଧରେ ସ୍ପଷ୍ଟିକରଣ କେତେକ ଲିଖିତ ଅଭିଲେଖ (ଡକୁମେଣ୍ଟସ)

ଖ) ଏ ପ୍ରକାର ଡକ୍ୟୁମେଣ୍ଟସକୁ ପଢ଼ଂତୁ ଏବଂ ବୁଝଂତୁ ।

ଗ) ଆପଣଙ୍କ ବିନିଯୋଗର ନ୍ୟାୟିକ ବୈଧତାକୁ ପରୀକ୍ଷା କରି ଦେଖଂତୁ ।

ଘ) ଆପଣଙ୍କ ବିନିଯୋଗ ସମ୍ବନ୍ଧୀୟ ବ୍ୟୟ ଏବଂ ଲାଭ ସମୀକରଣକୁ ପରୀକ୍ଷା କରି ଦେଖଂତୁ ।

ଙ) ଆପଣଙ୍କ ବିନିଯୋଗର 'ଆପଦ-ପ୍ରତିଲାଭ' (ରିସ୍କ-ରିଟର୍ଣ୍ଣସ) ରୂପରେଖ ପରଖି ଦେଖଂତୁ ।

ଚ) ଆପଣଙ୍କ ବିନିଯୋଗର ଲିକ୍ୱିଡିଟୀ (ପରିଶୋଧ ବ୍ୟବସ୍ଥା) ତଥା ନିରାପତ୍ତା ବ୍ୟବସ୍ଥା ସମ୍ବନ୍ଧରେ ସତର୍କ ରୁହଂତୁ ।

ଛ) ଆପଣଙ୍କର ନିର୍ଦ୍ଦିଷ୍ଟ ଲକ୍ଷ ହାସଲ ପାଇଁ ବିନିଯୋଗର ଉପଯୁକ୍ତତାକୁ (ଆବଶ୍ୟକତା ରୂପରେ) ସୁନିଶ୍ଚିତ କରାଂତୁ ।

ଜ) ଅନ୍ୟାନ୍ୟ ବିକଳ୍ପ ବିନିଯୋଗ ସୁବିଧାମାନଙ୍କ ସହିତ ଉପରୋକ୍ତ ସମସ୍ତ ସର୍ତ୍ତମାନଙ୍କୁ ତୁଳନା କରି ଯାଞ୍ଚ କରଂତୁ ।

ଝ) ଅନ୍ୟାନ୍ୟ ବିନିଯୋଗ, ଯାହା ଆପଣ ନିର୍ବାଚିତ କରିବାକୁ ଯାଉଛଂତି କିମ୍ବା କୌଣସି ବିନିଯୋଗ ଅତୀତରେ ଯାହା ଆପଣ କରିସାରିଛଂତି ସେଗୁଡ଼ିକ ସହିତ ବର୍ତ୍ତମାନ କରୁଥିବା ବିନିଯୋଗ ମିଳାଇ ଦେଖଂତୁ ଓ ବିନିଯୋଗର ସିଦ୍ଧାଂତ ସେହି ଅନୁସାରେ ଗ୍ରହଣ କରଂତୁ ।

ଟ) ଆବଶ୍ୟକତା ଅନୁସାରେ କେବଳ ଏକ ସେବିଙ୍କ ସହିତ ରେଜିଷ୍ଟାର୍ଡ ଇଣ୍ଟରମିଡିଆରୀ (ମଧ୍ୟସ୍ଥ)ଙ୍କ ଜରିଆରେ ବିନିଯୋଗ କାରବାର କରଂତୁ ।

ଠ) ବିନିଯୋଗ ତଥା ମଧ୍ୟସ୍ଥମାନଙ୍କ ସମ୍ପର୍କରେ ସମସ୍ତ ପ୍ରକାର ସ୍ପଷ୍ଟିକରଣ ମାଗଂତୁ ।

ଡ଼) ଏଥି ପାଇଁ ଯଦି କୌଣସି ପ୍ରକାର ଅସୁବିଧା ସୃଷ୍ଟି ହୋଇଥାଏ, ତେବେ ଉପଲବ୍ଧ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରଂତୁ ଏବଂ ତା'ପରେ ଯଦି ଆପଣ ନିଜେ ସଂତୁଷ୍ଟ ହୋଇଥାଆଂତି, ତେବେ ବିନିଯୋଗ ସିଦ୍ଧାଂତ ନିଅଂତୁ ।

ଆମ୍ଭେ ଉପରୋକ୍ତ, ସର୍ତ୍ତମାନଙ୍କୁ "ବିନିଯୋଗ ପାଇଁ ବାରଟି ଉପାୟ" ଭାବରେ ନାମିତ କରିଛୁ । ଯଦି ଆପଣ ଏହି ସତର୍କତାମାନଙ୍କୁ ଅବଲମ୍ବନ କରିବାରେ ବିଫଳ ହୁଅଂତି, ତେବେ ଆପଣଙ୍କ ବିନିଯୋଗର ଦାୟିତ୍ୱ ଆପଣ କୌଣସି ବିଶ୍ୱସନୀୟ ଏବଂ ଦକ୍ଷ ସଂସ୍ଥା ଯଥା ମ୍ୟୁଚୁଆଲ୍ ଫଣ୍ଡସ ଯିଏ ଆପଣଙ୍କ ତରଫରୁ ବିନିଯୋଗ କାରବାର ସଠିକ ଭାବରେ ପରିଚାଳିତ କରିପାରିବେ ତାଙ୍କ ଉପରେ ନ୍ୟସ୍ତ କରଂତୁ । ଏପରିକି ଆପଣ ଉପଯୁକ୍ତ ବିନିଯୋଗକାରୀଙ୍କୁ ନିର୍ବାଚିତ କରିବାରେ ମଧ୍ୟ ସତର୍କ ରହିବା ଆବଶ୍ୟକ ଯିଏ ଆପଣଙ୍କର ଆବଶ୍ୟକତା ବୁଝିପାରିବା ତଥା ସ୍ୱାର୍ଥରକ୍ଷା କରିବା ଦିଗରେ ସର୍ବଦା ଚେଷ୍ଟିତ ରହିବେ ।



ଦ୍ୱିତୀୟ ଅଧ୍ୟାୟ

# ବିତ୍ତୀୟ ଯୋଜନା

### ଆପଣଙ୍କ ବିତ୍ତୀୟ ଲକ୍ଷ ହାସଲ ନିମଂତେ ବିଶେଷ ବିବରଣୀ :

ସାଧାରଣତଃ ନିର୍ଦ୍ଦିଷ୍ଟ ବିତ୍ତୀୟ ଲକ୍ଷ ହାସଲ କରିବା ସକାଶେ ବିନିଯୋଗ କରାଯାଇଥାଏ । ଏହି ଲକ୍ଷଗୁଡ଼ିକ ଉପଯୁକ୍ତ ଭାବରେ ବ୍ୟାଖ୍ୟା କରାଯିବା ସହିତ ଆର୍ଥିକ ଲାଭ-କ୍ଷତି ରୂପରେ ସେମାନଙ୍କର ମୂଲ୍ୟାଙ୍କନ କରାଯିବା ଆବଶ୍ୟକ । ଉଦାହରଣ ସ୍ୱରୂପ, ଏକଥା କହିବା ଯଥେଷ୍ଟ ନୁହେଁ "ମୁଁ ଆରାମଦାୟକ ଭାବରେ ଅବସର ଗ୍ରହଣ କରିବାକୁ ଚାହେଁ"। ସେ ପ୍ରକାର ଲକ୍ଷ ଜନିତ ବକ୍ତବ୍ୟକୁ ଏଭଳି ପ୍ରକାଶ କରାଯାଇପାରେ "ମୁଦ୍ରାସ୍ଫିତ (ଇନ୍‌ଫ୍ଲେସନ)ସହିତ ସମତୁଲ୍ୟତା ରକ୍ଷା କରାଯାଇ ବାର୍ଷିକ ୨,୦୦,୦୦୦ ଟଙ୍କା ଖର୍ଚ୍ଚ କରିବାର ସାମର୍ଥ୍ୟ ଲାଭ କରିବା ସହିତ ମୁଁ ଅବସର ଗ୍ରହଣ କରିବାକୁ ଚାହେଁ ।"

ଜଣେ ବିନିଯୋଗକାରୀ ବର୍ତ୍ତମାନ ସମୟ କାଳରେ ଏଥିପାଇଁ ବିନିଯୋଗ କରିଥାଆଂତି ଯେ, ଆଗାମୀ କାଲି ପାଇଁ ସେ ତାଙ୍କର ଭବିଷ୍ୟତ ଆବଶ୍ୟକତା ପୂର୍ଣ୍ଣ କରିବାରେ ସମର୍ଥ ହୋଇପାରିବେ । ଯଦି ବିନିଯୋଗକାରୀ ତାଙ୍କର ବିନିଯୋଗର ଉଦ୍ଦେଶ୍ୟ ବା ଲକ୍ଷ ସମ୍ବନ୍ଧରେ ସଠିକ ଭାବରେ ଜାଣି ନାହାଂତି, ତେବେ ତାଙ୍କର ବିନିଯୋଗ ସମ୍ବନ୍ଧୀୟ ସମସ୍ତ ପ୍ରଚେଷ୍ଟାର ଇପ୍‌ସିତ ଲାଭ ତାଙ୍କୁ ମିଳିପାରିବ ନାହିଁ । ସୁତରାଂ ଜଣେ ବିନିଯୋଗକାରୀ ସର୍ବଦା ତାଙ୍କର ବିତ୍ତୀୟ ଆବଶ୍ୟକତା ସମ୍ବନ୍ଧରେ ପ୍ରଥମେ ଅବଗତ ହେବା ଆବଶ୍ୟକ, ଯଥା ଯେକୌଣସି ବିନିଯୋଗକାରୀଙ୍କ ଗୋଟିଏ କିମ୍ବା ଅନେକ ବିତ୍ତୀୟ ଆବଶ୍ୟକତା ରହିଥାଏ ଯାହା ନିମ୍ନରେ ଦିଆଯାଉଛି :

୧. ୫୫ ବର୍ଷ ବୟସରେ ଅବସର ଗ୍ରହଣ କରୁଥିବା ଏକ ବ୍ୟକ୍ତିବିଶେଷ ଯାହାଙ୍କର ବାର୍ଷିକ ଆୟ ୩,୦୦,୦୦୦ ଟଙ୍କା । ବର୍ତ୍ତମାନ ମୋର ବୟସ ୩୫ ବର୍ଷ ଅଟେ ।

୨. ୨୦ ବର୍ଷ ପରେ ମୁଁ ଯେତେବେଳେ ଅବସର ଗ୍ରହଣ କରିବି, ସେତେବେଳେ ମୋର ହାଉସିଂ ଲୋନ'ର ସମ୍ପୂର୍ଣ୍ଣ ପରିମାଣ ପରିଶୋଧ କରିବାକୁ ଚାହେଁ ।

୩. ମୋର ପାଞ୍ଚବର୍ଷ ବୟସ କନ୍ୟାର କଲେଜ ସକାଶେ ଏକ ଉଚିତ ଆର୍ଥିକ ବ୍ୟବସ୍ଥା କରିବାକୁ ଚାହେଁ, ଯୋଉଥିପାଇଁ ମୋତେ ୪ ବର୍ଷ ପାଇଁ ପ୍ରତିବର୍ଷ ୧,୫୦,୦୦୦ ଟଙ୍କା ହାରରେ ଖର୍ଚ୍ଚ କରିବାକୁ ପଡ଼ିବ ।

ଜଣେ ବିନିଯୋଗକାରୀ ନିଜର ବିତ୍ତୀୟ ଆବଶ୍ୟକତାକୁ ଭଲ ଭାବରେ ଲିଖିତ ଭାବରେ ସୂଚିତ କରିବା ବାଞ୍ଛନୀୟ ଏହା ବିନିଯୋଗକାରୀଙ୍କ ପ୍ରଥମ ପଦକ୍ଷେପ । ବିନିଯୋଗକାରୀଙ୍କ ବିତ୍ତୀୟ ଆବଶ୍ୟକତା ଗୁଡ଼ିକ (ବର୍ତ୍ତମାନ ସମୟରେ) ତଥା (ଭବିଷ୍ୟତ ସମୟରେ) ଆବଶ୍ୟକୀୟ ଅର୍ଥ ପରିମାଣ ରୂପରେ ପ୍ରକାଶ କରାଯିବା ଉଚିତ । ଉପରୋକ୍ତ ତିନୋଟି ଦୃଷ୍ଟାଂତକୁ ଆମ୍ଭେ ନିମ୍ନରେ ଏହି ଭାବରେ ପ୍ରକାଶ କରୁଛୁ :

| ଉଦାହରଣ ନମ୍ବର | ଆବଶ୍ୟକୀୟ ପରିମାଣ | କେବେ ଏହି ପରିମାଣ ଆବଶ୍ୟକ ହୋଇଥାଏ |
|---|---|---|
| ୧ | ୩,୦୦,୦୦୦ ଟଙ୍କା (ବାର୍ଷିକ) | ଆଜିଠାରୁ ଆରମ୍ଭ କରାଯାଇ ୨୦ ବର୍ଷ ସମୟ ପର୍ଯ୍ୟଂତ (ପ୍ରତିବର୍ଷ)ଏବଂ ୪୦ ବର୍ଷ ପୂର୍ଣ୍ଣ ହେବା ପର୍ଯ୍ୟଂତ ବୃଦ୍ଧି କରାଯାଇଥାଏ । |
| ୧ | ୫,୦୦୦ ଟଙ୍କା (ମାସିକ) | ପରବର୍ତ୍ତୀ ୨୦ ବର୍ଷ ସମୟ ପାଇଁ |
| ୩ | ୧,୫୦,୦୦୦ ଟଙ୍କା (ବାର୍ଷିକ) | ଆଜିଠାରୁ ଆରମ୍ଭ କରାଯାଇ ୧୨ ବର୍ଷ ସମୟ ପର୍ଯ୍ୟଂତ ଏବଂ ୧୬ ବର୍ଷ ପୂର୍ଣ୍ଣ ହେବା ପର୍ଯ୍ୟଂତ ବୃଦ୍ଧି । |

ପ୍ରତ୍ୟେକ ବିନିଯୋଗକାରୀ ସମୟ ସୃଷ୍ଟି କରାଇ ଏପ୍ରକାର ବିତ୍ତୀୟ ଲକ୍ଷ ହାସଲ ସକାଶେ ଏକ ବିବରଣୀ ପ୍ରସ୍ତୁତ କରିବା ଉଚିତ । ଏହି ବିବରଣୀରେ ବିନିଯୋଗକାରୀ ତାଙ୍କର ଅନେକ ପ୍ରକାରର ଆବଶ୍ୟକତାକୁ ମଧ୍ୟ ସନ୍ନିବେଶିତ କରିବା ଉଚିତ । ଏହାକୁ ଆଧାର କରାଯାଇ ଏକ ଉପଯୁକ୍ତ ବିତ୍ତୀୟ ଯୋଜନା ପ୍ରସ୍ତୁତ କରାଯାଇପାରିବ । ଯଦି ବିନିଯୋଗକାରୀଙ୍କ ଆର୍ଥିକ ସାମର୍ଥ୍ୟ ତାଙ୍କର ସମସ୍ତ ଆବଶ୍ୟକତା ପୂର୍ଣ୍ଣ କରିବା ସକାଶେ କମ ହୋଇଥାଏ, ତେବେ ସେ ତାଙ୍କର ପ୍ରାଧାନ୍ୟଗୁଡ଼ିକୁ ପରିବର୍ତ୍ତିତ କରାଇ ପାରିବେ ।

ବିନିଯୋଗକାରୀଙ୍କ ଆର୍ଥିକ ଆବଶ୍ୟକତା ତାଙ୍କର ବୟସ, ଚାକିରୀ କାଳର ପର୍ଯ୍ୟାୟ, ପରିବାରର ଆକାର, ପରିବାରର ଅନ୍ୟ ସଦସ୍ୟମାନଙ୍କର ଆବଶ୍ୟକତା ଇତ୍ୟାଦି କାରଣଗୁଡ଼ିକ ଉପରେ ନିର୍ଭର କରିଥାଏ । କେତେକ ଆବଶ୍ୟକତାଗୁଡ଼ିକୁ ଯଥାର୍ଥ ଭାବରେ ସୂଚିତ କରାଯିବା ସହିତ ଅନ୍ୟ ଆବଶ୍ୟକତା ଗୁଡ଼ିକ ଅଂତ ରିମ ରୂପରେ (କାମଚଳା ଭାବରେ) ନିର୍ଦ୍ଧାରିତ କରାଯିବା ଉଚିତ । ଏହା ବ୍ୟତୀତ ଅନେକ ପ୍ରକାରର ଅକସ୍ମିକ ଆବଶ୍ୟକତା ମଧ୍ୟ ସୃଷ୍ଟି ହୋଇପାରେ ଏବଂ ସେ ସମସ୍ତ ଆବଶ୍ୟକତା ପୂର୍ଣ୍ଣ କରିବା ପାଇଁ ବିନିଯୋଗକାରୀଙ୍କୁ

ବ୍ୟବସ୍ଥା କରିବାକୁ ପଡ଼ିଥାଏ । ବିନିଯୋଗକାରୀଙ୍କ ପରିବର୍ତ୍ତିତ ପରିସ୍ଥିତି ଅନୁସାରେ ଅନେକ ସମୟରେ ଆର୍ଥିକ ଆବଶ୍ୟକତା ମଧ୍ୟ ବଦଳି ଯାଇଥାଏ ।

ଏକ ବିତ୍ତୀୟ ଯୋଜନା ସକାଶେ ଉପରୋକ୍ତ ଲକ୍ଷଗୁଡ଼ିକୁ ପ୍ରାଞ୍ଜଳ ଭାବରେ ଓ ନିର୍ଦ୍ଧାର୍ଯ୍ୟ ଶ'ରେ ବୟସ, ବିନିଯୋଗ କରାଯାଉଥିବା ଅର୍ଥ ପରିମାଣ, ଏବଂ ସମୟ ଅବଧି କାରଣଗୁଡ଼ିକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯିବା ଉଚିତ । ବିତ୍ତୀୟ ଯୋଜନା ପ୍ରଣାଳୀ ହେଉଛି ଏପରି ଏକ ପ୍ରଣାଳୀ, ଯାହା ଆଜିର ବର୍ତ୍ତମାନ ସମୟରେ ନିର୍ଦ୍ଧାରିତ ଆର୍ଥିକ ପରିମାଣର ଏକ ବିନିଯୋଗ ଏହା ଆପଣଙ୍କ ଭବିଷ୍ୟତ ଆବଶ୍ୟକତା ପୂରଣ କରିବାରେ ସମର୍ଥ ହୋଇପାରିବ ।

ବିତ୍ତୀୟ ଯୋଜନା କୌଣସି ସମୟରେ ସ୍ଥାୟୀ ନଥାଏ । ତେଣୁ ସମୟାନୁସାରେ ଏହି ଯୋଜନାକୁ ପରିବର୍ତ୍ତିତ ପରିସ୍ଥିତି ଅନୁସାରେ ପୁନଃସମୀକ୍ଷା କରାଯିବା ଏକାଂତ ଆବଶ୍ୟକ ।

## ବିନିଯୋଗକାରୀଙ୍କ ଆର୍ଥିକ ସାମର୍ଥ୍ୟ ଅନୁଧ୍ୟାନ :

ଉପରୋକ୍ତ ଆଲୋଚନା ଅନୁସାରେ ଜଣେ ବିନିଯୋଗକାରୀ ବର୍ତ୍ତମାନ ସମୟରେ ତାଙ୍କର ଅର୍ଜିତ ଧନରାଶିର କିଛି ପରିମାଣ ନିଶ୍ଚିତ ଭାବରେ ଅଲଗା ରଖିଥାଆଂତି ଯାହା ତାଙ୍କର ଆର୍ଥିକ ଲକ୍ଷ ହାସଲ ପାଇଁ (ଉପରୋକ୍ତ ଆର୍ଥିକ ଯୋଜନା ହିସାବରେ) ସହାୟକ ହୋଇଥାଏ । ବର୍ତ୍ତମାନର ପରିସ୍ଥିତିରେ ବିନିଯୋଗକାରୀ କେତେ ପରିମାଣର ଅର୍ଥ ବ୍ୟବସ୍ଥା କରିପାରିବେ ତାହା ମଧ୍ୟ ବର୍ତ୍ତମାନ ସମୟ କାଳ ମଧ୍ୟରେ ନିର୍ଦ୍ଧାରିତ କରାଯାଇଥାଏ । ବିନିଯୋଗକାରୀଙ୍କ ବ୍ୟକ୍ତିଗତ ଆୟ, ପରିସମ୍ପତ୍ତି (ଆସେଟ୍ସ) ଏବଂ ଋଣଭାର (ଲାୟବିଲିଟୀଜ୍) ଏ ସମସ୍ତ ଦିଗକୁ ଅନୁଧ୍ୟାନ କରାଯାଇ କେବଳ ବିନିଯୋଗକାରୀଙ୍କ ଆସେଟ୍ସ ଏବଂ ଲାୟବିଲିଟୀଜକୁ ସୂଚୀବଦ୍ଧ କରାଯାଇଥାଏ । ସମ୍ଭବତଃ ଆସେଟ୍ସ୍ ଲାୟବିଲିଟୀଜ୍ ଠାରୁ ଅଧିକ ହୋଇଥାଏ ଏବଂ ଏହି ଆଧିକ୍ୟକୁ ନେଟ ୱାର୍ଥ (ଅସଲ ମୂଲ୍ୟ) ଭାବରେ ପରିଚିତ ହୋଇଥାଏ । ସମସ୍ତ ଆସେଟ୍ସ ଓ ଲାୟବିଲିଟୀଜର ମୂଲ୍ୟାଙ୍କନ ମାର୍କେଟର ପ୍ରଚଳିତ ମୂଲ୍ୟ ହାରରେ ନିର୍ଦ୍ଧାରିତ କରାଯାଇଥାଏ, ବ୍ୟୟ ଆଧାର ଉପରେ ଏହା ସ୍ଥିର କରାଯାଇ ନଥାଏ । ଉଦାହରଣ ସ୍ୱରୂପ, ଯଦି ୧୦୦୦ ଟଙ୍କା ମୂଲ୍ୟର ଏକ ଇକ୍ୱିଟୀ ଶେୟାର ଆପଣ କ୍ରୟ କରି ଥାଆଂତି ଏବଂ ସେହି ଶେୟାରର ମୂଲ୍ୟ ଏବେ ୫୦୦୦ ଟଙ୍କା ହୋଇଥାଏ ଆପଣଙ୍କ ବାଲାନ୍ସ ଶୀଟରେ ଏହି ୫୦୦୦ ଟଙ୍କାର ପରିମାଣ ପ୍ରତିଫଳିତ ହେବା ଆବଶ୍ୟକ । ଅଧିକଂତୁ କଷ୍ଟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ, ଯଦି ଆପଣ ଏହି ଶେୟାରକୁ ବିକ୍ରୟ କରିବା ସହିତ ଆପଣଙ୍କ କ୍ୟାପିଟାଲ ଗେନ୍ (ମୂଳ ଧନରାଶି ଉପରେ ଲାଭ) ପରିମାଣ ପାଇଁ ଟ୍ୟାକ୍ସ ପଇଠ କରୁ ଥାଆଂତି ।



## ମିଷ୍ଟର ଏ'ଙ୍କର ବାଲାନ୍ସ ଶୀଟ୍ (୩୧, ମାର୍ଚ୍ଚ ୨୦୦୩)

| ଆସେଟ୍ସ (ପରିସମ୍ପତ୍ତି) | | ଲାୟବିଲିଟୀଜ୍ (ଆର୍ଥିକ ଦାୟିତ୍ୱ) | |
|---|---|---|---|
| କ୍ୟାଶ | ୮୦,୦୦୦ | ବକେୟା ହାଉସ ଲୋନ୍ | ୬,୦୦,୦୦୦ |
| ଇନ୍ଭେଷ୍ଟମେଣ୍ଟସ୍ | ୪,୦୦,୦୦୦ | ବକେୟା କାର ଲୋନ୍ | ୧,୦୦,୦୦୦ |
| ହାଉସ | ୮,୦୦,୦୦୦ | ନେଟ୍ ମୂଲ୍ୟ | **୧୧,୮୦,୦୦୦** |
| କାର | ୨,୦୦,୦୦୦ | | |
| ଲାଇଫ୍ ଇନ୍ସିଓରେନ୍ସ ସରେଣ୍ଡର ଭେଲ୍ୟୁ | ୪,୦୦,୦୦୦ | | |
| ସର୍ବମୋଟ | ୧୮,୮୦,୦୦୦ | ସର୍ବମୋଟ | ୧୮,୮୦,୦୦୦ |

ପ୍ରତ୍ୟେକ ବିନିଯୋଗକାରୀ ନିଜର ରୋଜଗାର ସମ୍ବଳ ଅନୁସାରେ ଚଳିବା ଉଚିତ । ଚଳିବାର ମାଧ୍ୟମ ଅର୍ଥ ଆୟ (ରୋଜଗାର) । ଏହି ଆୟ ପରିମାଣରୁ ସମସ୍ତ ପ୍ରକାର ଖର୍ଚ୍ଚର ବ୍ୟବସ୍ଥା କରାଯାଇଥାଏ । ଅବଶିଷ୍ଟ ବଳକା ପରିମାଣ ସଞ୍ଚୟ ପାଇଁ ଉପଲବ୍ଧ ହୋଇଥାଏ । ଜଣେ ଦାୟିତ୍ୱବାନ ବିନିଯୋଗକାରୀ ତାଙ୍କର ଆୟ-ବ୍ୟୟର ଏକ ବିବରଣୀ ଅଗ୍ରୀମ ଭାବରେ ପ୍ରସ୍ତୁତ କରିବା ଉଚିତ । ଏହାକୁ ''କ୍ୟାସ୍ ଫ୍ଲୋ ଷ୍ଟେଟମେଣ୍ଟ'' ନାମ ଦିଆଯାଇଥାଏ । ବିନିଯୋଗକାରୀଙ୍କ ଆୟର ଉତ୍ସ ହେଲା : ଦରମା, ଡିଭିଡେଣ୍ଡସ, ଇଣ୍ଟରେଷ୍ଟ (ସୁଧ) ଆତ୍ମନିଯୁକ୍ତି ଜନିତ ଆୟ ଇତ୍ୟାଦି।

ଆୟ ନିର୍ଦ୍ଧାରିତ କରାଯିବା ପରେ ବିନିଯୋଗକାରୀ ତାଙ୍କର ଖର୍ଚ୍ଚମାନଙ୍କୁ ସୂଚିବଦ୍ଧ କରିବା ଉଚିତ । ଖର୍ଚ୍ଚମାନଙ୍କୁ ବିଭିନ୍ନ ଶ୍ରେଣୀରେ ଶ୍ରେଣୀଭୁକ୍ତ କରାଯାଇଥାଏ, ଯଥା ଚଳିବା ନିମିତ୍ତ ଖର୍ଚ୍ଚ, ଯୋଉସବୁ ଖର୍ଚ୍ଚ ପାଇଁ ଆୟକର୍ତ୍ତା ସମ୍ମତି ପ୍ରକାଶ କରି ସାରିଛଂତି ଏବଂ କର ଜନିତ ଖର୍ଚ୍ଚର ବ୍ୟବସ୍ଥା କରିସାରିଛଂତି ।

ପ୍ରତିବର୍ଷ ବିନିଯୋଗକାରୀଙ୍କ ଖର୍ଚ୍ଚ ପରିମାଣକୁ ବାଦ ଦେବା ପରେ ତାଙ୍କର ଅର୍ଜିତ ଆୟପରିମାଣ ସେ ସଞ୍ଚିତ କରିଥାଆଂତି । ବିନିଯୋଗକାରୀ ତାଙ୍କର ଆର୍ଥିକ ଲକ୍ଷ ହାସଲ କରିବାକୁ ଚେଷ୍ଟିତ ହୋଇଥାଆଂତି ଯାହା ତାଙ୍କର ସଞ୍ଚୟ ସାମର୍ଥ୍ୟ ସହିତ ସମ୍ବନ୍ଧିତ। କ୍ୟାସ୍ ଫ୍ଲୋ ଷ୍ଟେଟମେଣ୍ଟ (ନଗଦ ଅର୍ଥ ପ୍ରବାହ ବିବରଣୀ) ଅନେକ ପ୍ରକାର ଅବସ୍ଥାର (ପରିସ୍ଥିତି) ପ୍ରଭାବକୁ ଆଖି ଆଗରେ ରଖି ପ୍ରସ୍ତୁତ କରାଯାଇଥାଏ। ଏହି ଅବସ୍ଥାମାନ ହେଲା : ମୃତ୍ୟୁ, ବିକଳାଙ୍ଗ ଅବସ୍ଥା ଏବଂ ଅବସର ଗ୍ରହଣ ପରିସ୍ଥିତି ଇତ୍ୟାଦି ।

## ମିଷ୍ଟର ଏ'ଙ୍କର ଫ୍ଲୋ (ନଗଦ ଅର୍ଥ ପ୍ରବାହ) ବିବରଣୀ (୧.୪.୨୦୦୨) ରୁ ୩୧.୩.୨୦୦୩ ସମୟ କାଳ ମଧ୍ୟରେ)

| | | ଅପେକ୍ଷିତ | ବିକଳ୍ପସିଦ୍ଧାଂତ (ସିନାରିଓ) | | |
|---|---|---|---|---|---|
| | | | ବିକଳାଙ୍ଗ | ମୃତ୍ୟୁ | ଅବସର ଗ୍ରହଣ |
| ଆୟ | ବ୍ୟବସାୟ ଆୟ (ସୁଧ) ନେଟ୍ / ଦରମା | ୪,୦୦,୦୦୦ | ୦ | ୦ | ୦ |
| | ଡିଭିଡେଣ୍ଡସ ସୁଧ ଆକାରରେ ଆୟ | ୧,୦୦,୦୦୦ | ୧,୦୦,୦୦୦ | ୧,୦୦,୦୦୦ | ୧,୦୦,୦୦୦ |
| | ଅନ୍ୟାନ୍ୟ | ୦ | ୦ | ୦ | ୦ |
| | ସର୍ବମୋଟ | **୫,୦୦,୦୦୦** | **୧,୦୦,୦୦୦** | **୧,୦୦,୦୦୦** | **୧,୦୦,୦୦୦** |

| | | ଅପେକ୍ଷିତ | ବିକଳ୍ପସିଦ୍ଧାଂତ (ସିନାରିଓ) | | |
|---|---|---|---|---|---|
| | | | ବିକଳାଙ୍ଗ | ମୃତ୍ୟୁ | ଅବସର ଗ୍ରହଣ |
| ଖର୍ଚ୍ଚ | ପରିବାର ଚଳେଇବା ବାବଦ ଖର୍ଚ୍ଚ | ୨,୦୦,୦୦୦ | ୨,୫୦,୦୦୦ | ୧,୫୦,୦୦୦ | ୨,୦୦,୦୦୦ |
| | ଇନ୍ସିଓରାନ୍ସ ପ୍ରିମିଅମ | ୨୦,୦୦୦ | ୨୦,୦୦୦ | ୨୦,୦୦୦ | ୨୦,୦୦୦ |
| | ଲୋନ (କରଜ) କିସ୍ତି ପଇଠ | ୩୫,୦୦୦ | ୩୫,୦୦୦ | ୩୫,୦୦୦ | ୩୫,୦୦୦ |
| | ପେନ୍ସନ୍ ବାବଦ ଅଂଶଦାନ | ୩୦,୦୦୦ | ୩୦,୦୦୦ | ୦ | ୦ |
| | ବିଭିନ୍ନ ଟ୍ୟାକ୍ସ (କର) | ୧,୫୦,୦୦୦ | ୩୦,୦୦୦ | ୩୦,୦୦୦ | ୩୦,୦୦୦ |
| | **ସର୍ବମୋଟ** | **୪,୩୫,୦୦୦** | **୩,୬୫,୦୦୦** | **୨,୩୫,୦୦୦** | **୨,୮୫,୦୦୦** |
| **ବଳକା (ଅଭାବ)** | | **୬୫,୦୦୦** | **(୨,୬୫,୦୦୦)** | **(୧,୩୫,୦୦୦)** | **(୧,୮୫,୦୦୦)** |

### ବିତ୍ତୀୟ ଯୋଜନା କଅଣ ?

ବାଲାନ୍ସ ଶୀଟ୍ ଯେ କୌଣସି ବିନିଯୋଗକାରୀଙ୍କ ମାଲିକାନା (ଏସେଟ୍ସ) ଏବଂ ଋଣଭାର (ଲାୟବିଲିଟୀଜ୍) ସମ୍ବନ୍ଧରେ ଏକ ସ୍ୱଷ୍ଟ ଚିତ୍ର ପ୍ରଦାନ କରିଥାଏ । କ୍ୟାସ୍ ଫ୍ଲୋ ବିବରଣୀରୁ ଏକଥା ସ୍ୱଷ୍ଟ ଭାବରେ ପରିଲକ୍ଷିତ କରାଯାଇପାରୁଛି ଯେ, ବିନିଯୋଗକାରୀଙ୍କୁ କେତେ ପରିମାଣର ଅର୍ଥ ବିନିଯୋଗ କରିବା ପାଇଁ ସେ ନିଜସ୍ୱ ବ୍ୟବସ୍ଥା କରିପାରିବେ । ଏକତ୍ର ଭାବରେ ଉପରୋକ୍ତ ଦୁଇଟି ବିତ୍ତୀୟ ବିବରଣୀ ବିନିଯୋଗକାରୀଙ୍କ ଆର୍ଥିକ ପରିସ୍ଥିତି ଏବଂ ସଞ୍ଚୟ ସାମର୍ଥ୍ୟ ସମ୍ବନ୍ଧରେ ଏକ ପ୍ରକୃତ ଚିତ୍ର ପ୍ରଦାନ କରୁଛି । ବିତ୍ତୀୟ ଯୋଜନା ହେଉଛି ଏପରି ଏକ ପଦ୍ଧତି ବା ଧାରା ଯାହା ବିନିଯୋଗକାରୀଙ୍କ ସମସ୍ତ ପ୍ରକାର ଆର୍ଥିକ ଆବଶ୍ୟକତା ସହିତ ତାଙ୍କର ସଞ୍ଚୟ ସାମର୍ଥ୍ୟ ପୂରଣ କରିବାରେ ସହାୟକ ହୋଇଥାଏ । ଅନେକ ପ୍ରକାରର ବିନିଯୋଗ ବିକଳ୍ପମାନଙ୍କରେ ବିନିଯୋଗକାରୀ ତାଙ୍କର ନିଜସ୍ୱ ସଞ୍ଚିତ ଧନରାଶି ବିନିଯୋଗ କରିପାରଂତି ଯାହା ଦ୍ୱାରା ସେ ଉପରୋକ୍ତ ଚାର୍ଟରେ ସୂଚୀତ କରାଯାଇଥିବା ଅନେକ ଲକ୍ଷ ହାସଲ କରିବା ପାଇଁ ସମର୍ଥ ହୋଇପାରିବେ ।



ତୃତୀୟ ଅଧ୍ୟାୟ -

# ସିକ୍ୟୁରିଟୀଜ୍ ବଜାରରେ ବିନିଯୋଗ ବିକଳ୍ପ ସମ୍ବନ୍ଧୀୟ ସିଦ୍ଧାଂତ

ସମସ୍ତପ୍ରକାର ବିନିଯୋଗ ବିକଳ୍ପମାନଙ୍କ ମଧ୍ୟରେ ସିକ୍ୟୁରିଟୀଜ ବିନିଯୋଗ ହେଉଛି ସର୍ବାଧିକ ପ୍ରତିଯୋଗିତାମୂଳକ ଏବଂ ଲାଭଦାୟକ ବିନିଯୋଗ । ସେଇଥିପାଇଁ ସିକ୍ୟୁରିଟୀଜରେ ବିନିଯୋଗ କରିବା ସକାଶେ ବିନିଯୋଗକାରୀଙ୍କ ବିନିଯୋଗ କୌଶଳ ତଥା ବିଶେଷଜ୍ଞତା ଜ୍ଞାନ ଆବଶ୍ୟକ । କୌଣସି କାରଣରୁ ଯଦି ବିନିଯୋଗକାରୀ ସଠିକ ସିକ୍ୟୁରିଟୀଜ ନିର୍ବାଚିତ କରି ପାରିନଥିବେ କିମ୍ବା ସେହି ସିକ୍ୟୁରିଟୀଜ୍‌ମାନ ସଠିକ ସମୟରେ କ୍ରୟ/ବିକ୍ରୟ ହୋଇପାରିନଥିବ ତେବେ, ବିନିଯୋଗକାରୀଙ୍କୁ ସେହି କାରଣରୁ କ୍ଷତି ସହିବାର ଆପଦ (ରିସ୍କ) ନେବାକୁ ପଡ଼ିଥାଏ ।

ସିକ୍ୟୁରିଟୀଜ୍‌ମାନଙ୍କ ମଧ୍ୟରେ ଅନେକ କିସମର ଇନ୍ଷ୍ଟ୍ରୁମେଣ୍ଟ୍ସମାନ ରହିଛି ଯାହା ସାଧାରଣ ଭାବରେ ସମାନ ରୂପରେ ପରିଲକ୍ଷିତ ହୋଇଥାଏ । ସେବି ସ୍ୱାର୍ଥ ରକ୍ଷା ଉଦ୍ଦେଶ୍ୟରେ ସ୍ଥାପିତ କରାଯାଇଛି ଯାହା ସିକ୍ୟୁରିଟୀଜ୍ କଣ୍ଟ୍ରାକ୍ଟସ (ରେଗୁଲେଶନ୍) ଆକ୍ଟ, ୧୯୫୬ ଅନୁସାରେ ବିଶଦ ଭାବରେ ବ୍ୟାଖ୍ୟା କରାଯାଇଛି । ଏଗୁଡ଼ିକ ହେଲା:

୧. ସେୟାରସ୍, ସ୍କ୍ରିପ୍ସ ଷ୍ଟକ୍ସ, ବଣ୍ଡସ୍, ଡିବେଞ୍ଚର୍ସ, ଡିବେଞ୍ଚର ଷ୍ଟକ କିମ୍ବା ସମାନ ପ୍ରକାରର ଅନ୍ୟାନ୍ୟ ବଜାରରେ କାରବାର କରାଯାଉଥିବା ସିକ୍ୟୁରିଟୀଜମାନ କିମ୍ବା କୌଣସି ଇନ୍‌କର୍ପୋରେଟେଡ କମ୍ପାନୀ କିମ୍ବା ବଡ଼ୀ କର୍ପୋରେଟ

୨. ଡେରିଭେଟିଭ୍

୩. ୟୁନିଟ୍ସ କିମ୍ବା ଅନ୍ୟ କୌଣସି ଇନ୍ଷ୍ଟ୍ରୁମେଣ୍ଟ୍ସ ଯାହା କୌଣସି କଲେକ୍ଟିଭ୍ ଇନ୍‌ଭେଷ୍ଟମେଣ୍ଟ ସ୍କିମ୍ ଦ୍ୱାରା ବିନିଯୋଗାକାରୀଙ୍କୁ ଯୋଗାଇ ଦିଆଯାଇଛି

୪. ସିକ୍ୟୁରିଟୀ ରସିଦମାନ

୫. ସରକାରୀ ସିକ୍ୟୁରିଟୀଜ୍

୬. ଅନ୍ୟାନ୍ୟ ଇନ୍ଷ୍ଟ୍ରୁମେଣ୍ଟ୍ସମାନ ଯାହା କେନ୍ଦ୍ର ସରକାରଙ୍କ ଦ୍ୱାରା ସିକ୍ୟୁରିଟୀଜ୍ ହିସାବରେ ଘୋଷିତ କରାଯାଇଥାଏ ।

୭. ଅଧିକାର ଓ ସ୍ୱାର୍ଥ କିମ୍ବା ସିକ୍ୟୁରିଟୀଜ୍‌ରେ

ବିଭିନ୍ନ ସିକ୍ୟୁରିଟୀଜ୍‌ମାନ ବିଭିନ୍ନ ପ୍ରକାରର ରିସ୍କ-ରିଟର୍ଣ୍ଣ ରୂପରେଖ ବହନ କରିଥାଂତି । ସାଧାରଣତଃ ଅଧିକ ରିସ୍କ (ଆପଦ) କାରଣୁ ଅଧିକ ପ୍ରତିଲାଭ ମିଳିଥାଏ କିମ୍ବା ଏହାର ବିପରିତ ଧାରା । ଅନେକ ପ୍ରକାର ରିସ୍କସ ମାନଙ୍କ ମଧ୍ୟରୁ କ୍ରେଡିଟ୍ ରିସ୍କ (କରଜ ସମ୍ବନ୍ଧୀୟ ଆପଦ) ପ୍ରତିପକ୍ଷ ନିଜର ସତ୍ୟନିଷ୍ଠା ଅଭାବ କାରଣରୁ କରଜ ଧନ ପଇଠ କରିବାରେ ବାକୀଦାର ଡିଫଲ୍‌ଟର ହୋଇପାରଂତି । ସେହିପରି ରିଟର୍ଣ୍ଣ ରିସ୍କ (ପ୍ରତିଲାଭ ଆପଦ) ଯଥା (ବିନିଯୋଗ ଧନରାଶି ଉପରେ ମିଳୁଥିବା ପ୍ରତିଲାଭ ଅନେକ ପ୍ରକାରର ଆକସ୍ମିକ କାରଣମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଅନିଶ୍ଚିତତା ସୃଷ୍ଟି କରାଇଥାଏ) ଲିକ୍ୱିଡିଟୀ ରିସ୍କ (ସିକ୍ୟୁରିଟୀକୁ ନଗଦ ଅର୍ଥ (କ୍ୟାଶ) ରୂପରେ ପରିବର୍ତ୍ତିତ କରିବା କଷ୍ଟକର ହୋଇଥାଏ ) ।

### ବିନିଯୋଗକାରୀଙ୍କ ରିସ୍କ ରୂପରେଖ :

ପ୍ରଥମ ଅଧ୍ୟାୟରେ ଆମ୍ଭେ ସୂଚିତ କରିଛୁ ଯେ ବିତ୍ତୀୟ ଯୋଜନା ହେଉଛି ଏକ ଧାରା ବା ପଦ୍ଧତି ଯାହା ମାଧ୍ୟମରେ ବିନିଯୋଗ କାରୀ ତାଙ୍କର ସଞ୍ଚିତ ଧନରାଶିକୁ ଉପଯୁକ୍ତ ମାଧ୍ୟରେ ବିନିଯୋଗ କରିପାରିଲେ ଉପରୋକ୍ତ ସଚିତ ଆର୍ଥିକ ଲକ୍ଷ ହାସଲ କରିପାରିବେ । ଉପଲବ୍ଧ ସଞ୍ଚିତ ଧନରାଶିକୁ ବିନିଯୋଗକରି ମଧ୍ୟ ବିନିଯୋଗକାରୀ ସର୍ବଦା ତାଙ୍କର ଆର୍ଥିକ ଲକ୍ଷ ହାସଲ କରିବା ସମ୍ଭବପର ନ ହୋଇ ପାରେ । ଯଦି ସଞ୍ଚିତ ଧନରାଶି ସିମୀତ କିଂତୁ ଆବଶ୍ୟକତା ଅଧିକ ହୋଇଥାଏ, ସେହି ପରିସ୍ଥିତିରେ ବିନିଯୋଗକାରୀ ଏ ପ୍ରକାର ମାଧ୍ୟମରେ ବିନିଯୋଗ କରିବା ଉଚିତ ଯୋଉ ବିନିଯୋଗ ତାଙ୍କୁ ସର୍ବାଧିକ ପ୍ରତିଲାଭ (ରିଟର୍ଣ୍ଣସ) ଦେଇ ପାରିବ । ସାଧାରଣତଃ ଅଧିକ ପ୍ରତିଲାଭ ଅର୍ଥ ଅଧିକ ରିସ୍କ ବା ଆପଦ । ସମସ୍ତ ବିନିଯୋଗାକାରୀ ଅଧିକ ରିସ୍କ (ଆପଦ) ନେବା ପାଇଁ ଅସମର୍ଥ ହୋଇଥାଆଂତି ।

ପୂର୍ବ ଆଲୋଚନା ଅନୁସାରେ ଏହା ସ୍ପଷ୍ଟ ପରିଲକ୍ଷିତ କରାଯାଉଛି ଯେ କେତେକ ବିନିଯୋଗ ବ୍ୟବସ୍ଥା ରହିଛି ଯୋଉ ବିନିଯୋଗ ଉପରେ ରିସ୍କ ଅଧିକ ଏବଂ ସେହିପରି ଅନ୍ୟ କେତେକେ ବିନିଯୋଗ ଉପରେ ରିସ୍କ କମ ଥାଏ । ଏ ପ୍ରକାର ପ୍ରତି ବିନିଯୋଗକୁ (ଆସେଟ୍) ପରିସମ୍ପତ୍ତ ଶ୍ରେଣୀ ଭାବରେ ନାମିତ କରାଯାଇଛି । ପ୍ରତ୍ୟେକ ବିନିଯୋଗକାରୀ ତାଙ୍କର ଆର୍ଥିକ ପରିସ୍ଥିତି ଅନୁସାରେ ନିଜର ସଞ୍ଚିତ ଧନରାଶିକୁ ଏକ କିମ୍ୱା ଅଧିକ ପରିସମ୍ପତ୍ତି ଶ୍ରେଣୀରେ ପରିବର୍ଣ୍ଣନ କରିଥାଆଂତି । ଏ ପ୍ରକାର ସିଦ୍ଧାଂତ କୁ ପରିସମ୍ପତ୍ତି ପରିବର୍ଣ୍ଣନ ସିଦ୍ଧାଂତ କୁହାଯାଇଥାଏ । ବିନିଯୋଗ ଧାରାରେ ପରିସମ୍ପତ୍ତି ପରିବର୍ଣ୍ଣନ ସିଦ୍ଧାଂତ ହେଉଛି ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାଂତ : ପରିସମ୍ପତ୍ତି ପରିବର୍ଣ୍ଣନର ମହତ୍ତ୍ୱ ହେଉଛି ସମାୟାନୁକ୍ରମେ ଏହା ୯୦ ପ୍ରତିଶତ (୯୦%) ବିନିଯୋଗ ରୂପରେଖ ଉପରେ ପ୍ରତିଲାଭ ନିର୍ଦ୍ଧାରିତ କରିବାରେ ସହାୟକ ହୋଇପାରିବ ।

କେତେ ଅଧିକ ରିସ୍କ ଯେ କୌଣସି ବିନିଯୋଗକାରୀ ନେଇ ପାରିବେ ତାହା ତାଙ୍କର ଆର୍ଥିକ ସମ୍ବଳ ଏବଂ ମାନସିକ ପ୍ରସ୍ତୁତି ଉପରେ ନିର୍ଭର କରିଥାଏ । ସେଇଥିପାଇଁ ପ୍ରତ୍ୟେକ ବିନିଯୋଗକାରୀ ତାଙ୍କର ନିଜସ୍ୱ ରିସ୍କ ରୂପରେଖକୁ ଅନୁଧ୍ୟାନ କରିବା ପରେ ବିନିଯୋଗ ସିଦ୍ଧାଂତ ଗ୍ରହଣ କରିବା ଉଚିତ ।

- ଆପଣ କୋଉ ପ୍ରକାରର ବିନିଯୋଗକାରୀ ଅଟଂତି ?
- ଆପଣ ରିସ୍କ ନେବାପାଇଁ ପ୍ରସ୍ତୁତ ଅଛଂତି କି ?
- ଆପଣ ରିସ୍କ ନେବାକୁ କୁଣ୍ଠାବୋଧ (ଅନିଚ୍ଛା) ପ୍ରକାଶ କରୁଛଂତି କି ?

ବୈଜ୍ଞାନିକ ପ୍ରଣାଳୀ ଅନୁସରଣ କରି ଆପଣ ଆପଣଙ୍କର ରିସ୍କ ରୂପରେଖକୁ ଅନୁଧ୍ୟାନ କରିପାରିବେ । ଉଦାହରଣ ସ୍ୱରୂପ ନିମ୍ନରେ ପ୍ରଦତ୍ତ ପ୍ରଶ୍ନାବଳୀମାନ ଆପଣଙ୍କ ରିସ୍କ ରୂପରେଖ ନିର୍ଦ୍ଧାରଣ ସହାୟକ ହୋଇଥାଏ ।

ଆପଣଙ୍କର ବୟସ

- ୨୫-୩୫ ବର୍ଷ ମଧ୍ୟରେ
- ୩୫-୫୦ ବର୍ଷ ମଧ୍ୟରେ
- ୫୦-୬୫ ବର୍ଷ ମଧ୍ୟରେ
- ୬୫ ବର୍ଷରୁ ଅଧିକ



ଆପଣଙ୍କର ପଦବୀକୁ ସର୍ବୋତ୍ତମ ଭାବରେ ଏହି ପ୍ରକାରରେ ବର୍ଣ୍ଣିତ କରାଯାଇଛି ।

- ଆପଣ ଆତ୍ମ-ନିର୍ଭରଶୀଳ ଏବଂ ଅନ୍ୟ କୌଣସି ସହାୟତା ଦେଉ ନାହାଂତି
- ଆପଣଙ୍କର ଉପରେ ଅନ୍ୟମାନେ ନିର୍ଭର କରୁଛଂତି
- ଆପଣ ଅବସର ଗ୍ରହଣ କରିବା ସମୟ ପାଖେଇ ଆସୁଛି
- ଆପଣ ଅବସର ଗ୍ରହଣ କରିସାରିଛଂତି

ଆପଣ ନିମ୍ନୋକ୍ତ ଆବଶ୍ୟକତାମାନଙ୍କୁ ପୂରଣ କରିବାରେ କେତେଦୂର ସମର୍ଥ ହୋଇପାରିଛଂତି ? (ସମ୍ପୂର୍ଣ୍ଣ ଭାବରେ, ଆଂଶିକ ଭାବରେ, ଆଦୌଁ ନୁହେଁ)

- ବୀମା
- ଅବସର ଗ୍ରହଣ
- ପିଲାମାନଙ୍କର ଶିକ୍ଷା ବ୍ୟବସ୍ଥା
- ଘର

ସାମ୍ପ୍ରତିକ ଖର୍ଚ୍ଚମାନଙ୍କର କୋଉ ଅନୁପାତ ଆପଣଙ୍କ ବିନିଯୋଗରୁ ତୁଲାଇ ପାରୁଛଂତି ?

- ଶୂନ୍ୟ
- ୧୫% ପର୍ଯ୍ୟଂତ
- ୧୫ ଏବଂ ୩୦% ମଧ୍ୟରେ
- ୩୦ ଏବଂ ୫୦% ମଧ୍ୟରେ
- ୫୦% ରୁ ଅଧିକ

ଭବିଷ୍ୟତରେ ଆପଣଙ୍କର ଆୟ

- ମୁଦ୍ରାସ୍ଫିତି : - ଦର ଦାମରେ ବୃଦ୍ଧି
- ମୁଦ୍ରାସ୍ଫିତିକୁ ସ୍ୱଚ୍ଛଭାବରେ ଆଗୁଆ ରହିବ
- ମୁଦ୍ରାସ୍ଫିତି ସହିତ ମୁକାବିଲା କରିପାରିବ
- ମୁଦ୍ରାସ୍ଫିତି ସହିତ ତାଳ ଦେଇ ପାରିବ ନାହିଁ

ଯେତେବେଳେ ଆପଣଙ୍କ ଦ୍ୱାରା କ୍ରୟ କରାଯାଇଥିବା ଶେୟାର୍ସର ମୂଲ୍ୟ ତୀକ୍ଷ୍ଣ ଭାବରେ କମିଯାଉଥାଏ, ଆପଣ କଅଣ କରିବେ

- ଆପଣଙ୍କ ବିନିଯୋଗକୁ ବିକ୍ରୟ କରିଦେବେ
- ଆପଣଙ୍କର ବିନିଯୋଗର କିଛି ଅଂଶ ବିକ୍ରୟ କରିଦେବେ
- କିଛି କରିବେ ନାହିଁ
- ସେହି ବିନିଯୋଗର ଅଧିକ ସେୟାର୍ସ କିଣିବେ

ରିସ୍କ ରୂପରେଖକୁ ଆଧାର କରାଯାଇ ମୂଖ୍ୟତ ତିନୋଟି ପରିସମ୍ପତ୍ତି ଶ୍ରେଣୀ କରାଯାଇଛି । ସେଗୁଡ଼ିକ ହେଲା ଇକ୍ୱିଟୀ ଶ୍ରେଣୀ, ଡେବ୍ଟ (କରଜ ବା ଋଣ) ଶ୍ରେଣୀ ଏବଂ କ୍ୟାଶ (ନଗଦ ଅର୍ଥ) ଶ୍ରେଣୀ । ଇକ୍ୱିଟୀ ଶ୍ରେଣୀରେ ଅଧିକ ରିସ୍କଥାଏ, ଡେବ୍ଟରେ ରିସ୍କ କମ ଥାଏ ଏବଂ କ୍ୟାଶ୍ରେ ରିସ୍କ ଆହୁରି (ସବୁଠୁ) କମ ଥାଏ । ପ୍ରତ୍ୟେକ ଆସେଟ୍ ଶ୍ରେଣୀ ମଧ୍ୟରେ ବିନିଯୋଗକାରୀ ବିନିଯୋଗ ପାଇଁ ନିର୍ଦ୍ଦିଷ୍ଟ ଇନ୍ଭେଷ୍ଟମେଣ୍ଟ୍ସ ନିର୍ବାଚନ କରିବା ଆବଶ୍ୟକ ।

ଆର୍ଥିକ ପରିସ୍ଥିତି ଏବଂ ବିନିଯୋଗକାରୀଙ୍କ ରୂପରେଖ ଜଣେ ବିନିଯୋଗକାରୀଙ୍କ ପାଇଁ ବିନିଯୋଗ ପନ୍ଥାକୁ ନିୟନ୍ତ୍ରିତ କରିଥାଏ । ବିତ୍ତୀୟ ଇନ୍ଭେଷ୍ଟମେଣ୍ଟ୍ସମାନ ଲିକ୍ୱିଡିଟୀ (ପରିଶୋଧ ବ୍ୟବସ୍ଥା), ନିରାପତ୍ତା ଏବଂ ସେମାନଙ୍କ ଦ୍ୱାରା ମିଳୁଥିବା ପ୍ରତିଲାଭ ରୂପରେ ପରିବର୍ତ୍ତିତ ହୋଇଥାଆଂତି । ପରିସ୍ଥିତିକୁ ଲକ୍ଷ ରଖି ବିନିଯୋଗ ସିଦ୍ଧାଂତ ର ମୁକାବିଲା ପାଇଁ ଜଣେ ବିନିଯୋଗକାରୀ ଇନ୍ଭେଷ୍ଟମେଣ୍ଟ୍ସ ଗୁଡ଼ିକର ସଠିକ ସଂଯୋଗକୁ ନିର୍ବାଚିତ କରିବା ଆବଶ୍ୟକ ।

ପ୍ରତ୍ୟେକ ବିନିଯୋଗ ବିକଳ୍ପରେ କେତେକ ଉପାଦେୟତା ତଥା କେତେକ ସିମୀତତା ଥାଏ । ଉଦାହରଣ ସ୍ୱରୂପ ବ୍ୟାଙ୍କ ସେଭିଙ୍ଗ୍ସ ଆକାଉଣ୍ଟରେ ଅଧିକ ଲିକ୍ୱିଡିଟୀ ସୁବିଧା ରହିଛି (ଆପଣ ଯୋଉ ସମୟରେ ଚାହିଁବେ ସଞ୍ଚିତ ଅର୍ଥକୁ ଉଠାଇ ପାରିବେ) ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡରେ ସଞ୍ଚିତ ଧନରାଶିକୁ ଉଠାଇ ଆଣିବା କଷ୍ଟକର ହୋଇଥାଏ ।

ସାଧାରଣତଃ ରିସ୍କସ ଏବଂ ଆଶାୟିତ ପ୍ରତିଲାଭ ସଂଯୋଜିତ ରହିଥାଏ । ଉଦାହରଣ ସ୍ୱରୂପ, ଇକ୍ୱିଟୀ ଶେୟାର୍ସରେ ପ୍ରତିଲାଭ ଅଧିକ ହୋଇଥାଏ, କିଂତୁ ଅନ୍ୟାନ୍ୟ ବିକଳ୍ପ ବିନିଯୋଗ ତୁଳନାରେ ଆନୁସଙ୍ଗିକ ରିସ୍କ୍ସ ମଧ୍ୟ ଆନୁପାତିକ ଭାବରେ ଅଧିକ ହୋଇଥାଏ । ରିସ୍କ୍ସକୁ ବ୍ୟବସ୍ଥିତ ଏବଂ ଅବ୍ୟବସ୍ଥିତ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇଛି ।

ଅବ୍ୟବସ୍ଥିତ ଆପଦ (ରିସ୍କ୍ସ)କୁ ସର୍ବନିମ୍ନ କରାଇବା ପାଇଁ ଉଚିତ ଉପାୟ ହେଲା ବିନିଯୋଗକାରୀ ତାଙ୍କର ପୋର୍ଟଫୋଲିଓ (ରୂପରେଖ)କୁ ବହୁମୂଖୀ କରାଇବା । ଉଦାହରଣ ସ୍ୱରୂପ କେବଳ ଷ୍ଟୀଲ କମ୍ପାନୀଙ୍କ ଶେୟାର୍ସର ବିନିଯୋଗ କରିବା ପରିବର୍ତ୍ତେ ବିନିଯୋଗକାରୀ ଅନ୍ୟ ସେକ୍ଟରର୍ସ ମାନଙ୍କରେ ଯଥା ଫାର୍ମାସିଉଟିକାଲ୍ସ ଏବଂ ସଫ୍ଟୱୟାର ଆଦିରେ ବିନିଯୋଗ କରିବା ଉଚିତ । ଏହି ପରିସ୍ଥିତିରେ ଆପଣଙ୍କର ପୋର୍ଟଫୋଲିଓ ଅତ୍ୟଂତ ଖରାପ ଭାବରେ ପ୍ରଭାବିତ ହେବ ନାହିଁ , ଏପରିକି ଯଦି ଷ୍ଟୀଲ ସେକ୍ଟର୍ସ ମଧ୍ୟ ନିମ୍ନ ଧରଣର ଫଳାଫଳ ପ୍ରକାଶ କରୁଥାଆଂତି । ପୋର୍ଟଫୋଲିଓକୁ ବହୁମୂଖୀ କରାଇ ମଧ୍ୟ ବ୍ୟବସ୍ଥିତ ଆପଦକୁ ସର୍ବନିମ୍ନ ସ୍ତରରେ ହ୍ରାସ କରାଯାଇପାରିବ ନାହିଁ । ଉଦାହରଣ ସ୍ୱରୂପ, ଜଣେ କୋରିଆର ବିନିଯୋଗକାରୀ ତାଙ୍କର ପୋର୍ଟଫୋଲିଓକୁ ବହୁମୂଖୀ କରାଇ ମଧ୍ୟ ଦକ୍ଷିଣପୂର୍ବ ଏସିଆ କରେନ୍ସୀ ସମସ୍ୟା କାରଣରୁ ତାଙ୍କର କ୍ଷତିକୁ ସର୍ବନିମ୍ନ କରାଇ ପାରିବେ ନାହିଁ କିମ୍ବା ସମସ୍ୟା ଦୂର କରିପାରିବେ ନାହିଁ ।

ବିନିଯୋଗକାରୀଙ୍କ ବ୍ୟକ୍ତିତ୍ୱ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ । କେତେକ ବିନିଯୋଗକାରୀ ସେମାନଙ୍କ ସମୟ ଓ ଜ୍ଞାନ ବିନିଯୋଗ କରି ସେମାନଙ୍କର ବିନିଯୋଗ ପୋର୍ଟଫୋଲିଓଜ୍କୁ ଯତ୍ନର ସହିତ ଅନୁଧ୍ୟାନ କରିଥାଆଂତି - ଏ ପ୍ରକାର ବିନିଯୋଗକାରୀଙ୍କୁ ସକ୍ରିୟ ବିନିଯୋଗକାରୀ ଭାବରେ କୁହାଯାଇଥାଏ । ଅନ୍ୟ ବିନିଯୋଗକାରୀମାନେ ସେମାନଙ୍କର ବିନିଯୋଗ ଧାରାକୁ ନିୟମିତ ଭାବରେ ଲକ୍ଷ କରିନଥାଂତି । ଏହାର କାରଣମାନ ହେଲା ସେମାନଙ୍କର ଅଭାବ କିମ୍ବା ଜ୍ଞାନ କିମ୍ବା ଜାଣିବାର ଇଚ୍ଛା ନଥାଏ । ସେମାନେ କେବଳ ସେମାନଙ୍କର ଫଣ୍ଡସ୍କୁ ନିରାପଦ ମାଧ୍ୟମମାନଙ୍କ ମଧ୍ୟରେ ବିନିଯୋଗ କରିବାକୁ ଚାହାଁଂତି ।



**ବିନିଯୋଗ ବିକଳ୍ପ :**

ପରବର୍ତ୍ତୀ ପାରାଗ୍ରାଫ (ପରିଚ୍ଛେଦ) ମାନଙ୍କରେ ବିଭିନ୍ନ ପ୍ରକାର ଉପଲବ୍ଧ ବିନିଯୋଗ ବିକଳ୍ପଗୁଡ଼ିକ ସମ୍ବନ୍ଧରେ ଆଲୋଚନା କରାଯାଇଛି ଏବଂ ସେହିଗୁଡ଼ିକ ସାଧାରଣ ଭାବରେ ବିଭିନ୍ନ ମୂଲ୍ୟାଙ୍କନ ଧାରା ମାଧ୍ୟମରେ ମୂଲ୍ୟାଙ୍କିତ କରାଯାଇଛି । ଉକ୍ତ ମୂଲ୍ୟାଙ୍କିତ ଧାରାମାନ ହେଲା:

- ଲିକ୍ୱିଡିଟୀ
- ନିରାପତ୍ତା
- ପ୍ରତିଲାଭ
- କର ସଞ୍ଚୟ
- ବିନିଯୋଗ ଗୁଡ଼ିକର ସୁପରିଚାଳନା ନିମିତ୍ତ ବିନିଯୋଗକାରୀଙ୍କର ସକ୍ରିୟ ଅଂଶଗ୍ରହଣ ବାଞ୍ଛନୀୟ
- ସର୍ବନିମ୍ନ ପରିମାଣ ଧନରାଶି ଯାହା ବିନିଯୋଗ କରାଯାଇପାରିବ

ଏହି ଅଧ୍ୟାୟରେ ଶେଷ ଭାଗରେ ବିନିଯୋଗ ବିକଳ୍ପର ଏକ ସାରାଂଶ ଟେବଲ ଦିଆଯାଇଛି ।

ଇକ୍ୱିଟୀ ଶେୟାର୍ସ - ପ୍ରାଇମେରୀ ମାର୍କେଟ

ନୂତନ କମ୍ପାନୀମାନ କିମ୍ବା ପୂର୍ବରୁ ଅବସ୍ଥିତ କମ୍ପାନୀମାନଙ୍କ ଦ୍ୱାରା ଉପସ୍ଥାପିତ କରାଯାଉଥିବା ନୂତନ ଶେୟାର୍ସଗୁଡ଼ିକର ଇସ୍ୟୁଜ୍ମାନଙ୍କୁ ପ୍ରାଇମେରୀ ମାର୍କେଟ ଶ୍ରେଣୀଭୁକ୍ତ କରାଯାଇଛି । ଶେୟାର୍ସ ବ୍ୟତୀତ ଅନ୍ୟାନ୍ୟ ଇନ୍ଭେଷ୍ଟମେଣ୍ଟ୍ସ ଯୋଉଗୁଡ଼ିକ ପ୍ରାଇମେରୀ ମାର୍କେଟରେ ଉପସ୍ଥାପିତ କରାଯାଇଥାଏ ସେଗୁଡ଼ିକ ହେଲା ଡିବେଞ୍ଚର୍ସ, କନ୍ଭର୍ଟିବଲ୍ ଡିବେଞ୍ଚର୍ସ, ଶେୟାର୍ସ ସହିତ ସଂଲଗ୍ନ ବିଗଳ୍ପମାନ ଯଥା ୱାରେଣ୍ଟ୍ସ ଇତ୍ୟାଦି ।

ଇକ୍ୱିଟୀ ଶେୟାର୍ସ ସେକେଣ୍ଡାରୀ ମାର୍କେଟ :

ଷ୍ଟକ ଏକ୍ସଚେଞ୍ଜମାନଙ୍କୁ ସେକେଣ୍ଡାରି ମାର୍କେଟ ଭାବରେ ଶ୍ରେଣୀଭୁକ୍ତ କରାଯାଇଛି ଯୋଉଠାରେ ଜଣେ ବିନିଯୋଗକାରୀ ଶେୟାର୍ସମାନ କ୍ରୟ ବିକ୍ରୟ କରିପାରିବେ ଏବଂ ଏହି ଶେୟାର୍ସମାନ ଏକ୍ସଚେଞ୍ଜଗୁଡ଼ିକରେ ସୂଚିତ କରାଯାଇଥିବ । ଭାରତର ଷ୍ଟକ ମାର୍କେଟରେ ଇକ୍ୱିଟୀ ଶେୟାର୍ସ ସେମାନଙ୍କର ପ୍ରଭୁତ୍ୱ (ମାଲିକାନା) ଜାହିର କରିଆସୁଛଂତି । ନିକଟ ଅତୀତରେ ସେକେଣ୍ଡାରି ମାର୍କେଟରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି, ନିର୍ଦ୍ଦିଷ୍ଟ ଭାବରେ କମ୍ପ୍ୟୁଟର ଉପସ୍ଥାପନ, ଅନ୍ଲାଇନ୍ ଟ୍ରେଡିଙ୍ଗ (କାରବାର), ଡିମାଟେରିଆଲାଇଜେସନ୍ ଏବଂ ଡିପୋଜିଟୋରୀ ଅଂଶଗ୍ରହଣ, ବିନିଯୋଗକାରୀମାନେ ଏବେ ଅଧିକ ସତ୍ୟନିଷ୍ଠା ଭାବରେ ଏବଂ ଦକ୍ଷ ସେକେଣ୍ଡାରି ମାର୍କେଟମାନଙ୍କରେ ସେମାନଙ୍କର କାରବାର ସୁପରିଚାଳିତ କରିପାରୁଛଂତି ।

ଇକ୍ୱିଟୀ ଶେୟାର୍ସ ଦୁଇଟି ଉପାୟରେ ପ୍ରତିଲାଭ ଉତ୍ପନ୍ନ କରାଇବାରେ ସହାୟକ ହୋଇଥାଆଂତି । ପ୍ରଥମ ଆର୍ଥିକ ବର୍ଷର ଶେଷ ଭାଗରେ କମ୍ପାନୀମାନେ ସାଧାରଣତଃ ଡିଭିଡେଣ୍ଡ୍ସ ଘୋଷିତ କରିଥାଆଂତି (ଅନେକ ସମୟରେ ଆର୍ଥିକ ବର୍ଷର କୌଣସି ସମୟକାଳ ମଧ୍ୟରେ) ଏବଂ ଦ୍ୱିତୀୟ, ଇକ୍ୱିଟୀ ଶେୟାର୍ସ ବିକ୍ରୟ ଉପରେ କ୍ୟାପିଟାଲ ଲାଭ (ଗେନ୍ସ) ।

ଇକ୍ୱିଟୀ ଶେୟାରସ୍ରେ ବିନିଯୋଗର ଲିକ୍ୱିଡିଟୀ ସୁବିଧା ଶେୟାର୍ସର କାରବାର ପରିମାଣ ଉପରେ ନିର୍ଭର କରିଥାଏ । ଯଦି ଶେୟାର୍ସମାନଙ୍କୁ ସକ୍ରିୟ ଭାବରେ କାରବାର କରାଯାଏ ତେବେ ଜଣେ ବିନିଯୋଗାକାରୀ ସହଜରେ ତାଙ୍କର ଶେୟାର୍ସକୁ ମାର୍କେଟରେ ବିକ୍ରୀ କରିବା ସହିତ ବିକ୍ରୟଜନିତ ଧନରାଶି ଲାଭ କରିପାରିବେ । କିଂତୁ ଯଦି କୌଣସି କାରଣରୁ ଶେୟାର୍ସଗୁଡ଼ିକର କାରବାର କରାନଯାଇପାରେ (କିମ୍ବା ଶେୟାର୍ସଗୁଡ଼ିକ

ଲିଷ୍ଟରୁ ବାଦ ଦିଆଯାଇଥାଏ) ତେବେ ଲିକ୍ୱିଡିଟୀ ପାଇଁ ଅସୁବିଧା ସୃଷ୍ଟି କରିଥାଏ । ତାନ୍ତ୍ରିକ କାରଣରୁ ଏହା ମଧ୍ୟ ସମ୍ଭବ ଯେ ଏପରିକି ଡିମାଟେରିଆଲାଇଜଡ୍ ସିକ୍ୟୁରିଟୀଜ୍ ସୁବିଧା କାରଣୁ ଏପରିକି ସିଙ୍ଗଲ ଶେୟାର୍ସ ଏବଂ ଛୋଟ ଲଟ୍ସ ଯଥା ୫୦ ରୁ ୧୦୦ ଶେୟାର୍ସ ମଧ୍ୟ କିଣାଯାଇପାରିବ । ଯାହାଦ୍ୱାରା ବିନଯୋଗକାରୀ ତାଙ୍କର ବିନିଯୋଗ ପରିମାଣ ନିମ୍ନ ଭାବରେ ବଜାୟ ରଖିପାରିବେ ।

ଯୋଉ ବିନିଯୋଗକାରୀ ରିସ୍କ ନେବାପାଇଁ ସମର୍ଥ, ତାଙ୍କ ପାଇଁ ଇକ୍ୱିଟୀ ଶେୟାର୍ସରେ ବିନିଯୋଗ ହେଉଛି ଉତ୍ତମ ପନ୍ଥା । ଏ ପ୍ରକାର ବିନିଯୋଗକାରୀ ରିସ୍କ ନେବାପାଇଁ ପ୍ରସ୍ତୁତ କାରଣ ସେ ତାଙ୍କ ବିନିଯୋଗରୁ ସର୍ବାଧିକ ପ୍ରତିଲାଭ ଅର୍ଜନ କରିପାରିବେ । ଯେ କୌଣସି ଦୀର୍ଘକାଳୀନ ଇକ୍ୱିଟୀ ଶେୟାର୍ସ ବିନିଯୋଗରେ ସାମୂହିକ ସ୍ତରରେ ମିଳୁଥିବା ପ୍ରତିଲାଭ ଅନ୍ୟାନ୍ୟ ବିନିଯୋଗ ତୁଳନାରେ ନିଶ୍ଚିତ ଭାବରେ ସର୍ବାଧିକ ହୋଇଥାଏ । ଅଧିକନ୍ତୁ ବ୍ୟକ୍ତିବିଶେଷ ବିନିଯୋଗକାରୀଙ୍କର ଲାଭ କିମ୍ବା କ୍ଷତି, ସେ କୋଉ ପ୍ରକାର କମ୍ପାନୀଙ୍କ ଶେୟାର୍ସରେ ବିନିଯୋଗ କରୁଛନ୍ତି  ତାହା ଉପରେ ନିର୍ଭର କରିଥାଏ । ସେଇଥିପାଇଁ ବିନିଯୋଗକାରୀ ସର୍ବଦା କମ୍ପାନୀ ଏବଂ ତାଙ୍କର କାର୍ଯ୍ୟଦକ୍ଷତା ଏବଂ ଫଳାଫଳ ସମ୍ବନ୍ଧରେ ଅବଗତ ହେବା ଆବଶ୍ୟକ । କମ୍ପାନୀଙ୍କ କାର୍ଯ୍ୟଦକ୍ଷତାକୁ ନିବିଡ ଭାବରେ ଅନୁଧ୍ୟାନ କରିବା ଜରୁରୀ କାରଣ ତାହାଦ୍ୱାରା ବିନିଯୋଗ ଫଳାଫଳ ଧାରାକୁ ସହଜରେ ଅନୁଧ୍ୟାନ କରାଯାଇପାରିଥାଏ । ମାର୍କେଟର ଧାରା ଏବଂ ବିତ୍ତୀୟ ଯୋଜନା ସମ୍ବନ୍ଧରେ ସାଧାରଣ ଜ୍ଞାନ ଯେକୌଣସି ବିନିଯୋଗକାରୀଙ୍କର ରହିବା ଉଚିତ, ଯାହାଦ୍ୱାରା ସେ ଇକ୍ୱିଟୀ ବିନିଯୋଗକୁ ସୁଚାରୁ ରୂପରେ ପରିଚାଳିତ କରିପାରିବେ । ଇକ୍ୱିଟୀ ସୂଚକର ଗତି ତଥା କ୍ରୟ ବିକ୍ରୟ କାରବାରର ପରିମାଣ ଅନୁସାରେ ଇକ୍ୱିଟୀ ମାର୍କେଟର ଟ୍ରେଣ୍ଡସ ପ୍ରତିଫଳିତ ହୋଇଥାଏ ।

## ଡେବ୍ଟ ଇନ୍ଷ୍ଟ୍ରୁମେଣ୍ଟ୍ସ :

ଡେବ୍ଟ ଇନ୍ଷ୍ଟ୍ରୁମେଣ୍ଟ୍ସମାନ ଏକ ପ୍ରକାର କଣ୍ଟ୍ରାକ୍ଟସ (ଚୁକ୍ତିବଦ୍ଧତା)କୁ ପ୍ରତିନିଧିତ୍ୱ କରିଥାଆଂତି । ଏ ପ୍ରକାର ଚୁକ୍ତିରେ ଗୋଟିଏ ପକ୍ଷ ଯିଏ କରଜ ଦେଇଥାଆଂତି ତାଙ୍କୁ (ବିନିଯୋଗକାରୀ) ନାମ ଦିଆଯାଇଥାଏ ଏବଂ ଅନ୍ୟପକ୍ଷ ଯିଏ କରଜ ଗ୍ରହଣ କରିଥାଆଂତି ତାଙ୍କୁ (ଇସ୍ୟୁଅର) ନାମ ଦିଆଯାଇଥାଏ । ଡେବ୍ଟ କଣ୍ଟ୍ରାକ୍ଟ ସୁଧର ହାର, ସୁଧ ପଇଠ ସମୟ, ପ୍ରିନ୍ସିପାଲ (ମୂଳ ଧନରାଶି)ର ପୁନଃପଇଠ ସମୟ ଇତ୍ୟାଦି ନିର୍ଦ୍ଦିଷ୍ଟ ଭାବରେ ସୂଚିତ କରିଥାଏ । ଭାରତରେ କେନ୍ଦ୍ର ଏବଂ ରାଜ୍ୟ ସରକାର ତଥା ପବ୍ଲିକ ସେକ୍ଟର ଅଣ୍ଡରଟେକିଙ୍ଗ୍ସ (ପିଏସ୍ୟୁ)ଙ୍କ ଦ୍ୱାରା ଚାଲୁ କରାଯାଉଥିବା ବିଭିନ୍ନ ବଣ୍ଡ ସାଧାରଣତଃ ଡେବ୍ଟ ଇନ୍ଷ୍ଟ୍ରୁମେଣ୍ଟସକୁ ପ୍ରତିନିଧିତ୍ୱ କରିଥାଏ । ଡିବେଞ୍ଚର୍ସ ଶବ୍ଦର ଅର୍ଥ ହେଉଛି ପ୍ରାଇଭେଟ କର୍ପୋରେଟ ସେକ୍ଟରରୁ ଗ୍ରହଣ କରାଯାଉଥିବା ଡେବ୍ଟ ଇସ୍ୟୁଜ୍ । ଡେବ୍ଟ ଇନ୍ଷ୍ଟ୍ରୁମେଣ୍ଟର ମୁଖ୍ୟ ବିଶେଷତ୍ୱମାନ ହେଉଛି :

- ମାଚ୍ୟୁରିଟୀ (ପରିପକ୍ୱତା)
- କୁପନ
- ପ୍ରିନ୍ସିପାଲ (ମୂଳ ଧନରାଶି)

ମାଚ୍ୟୁରିଟୀ ଅର୍ଥ ହେଉଛି ଯୋଉ ନିର୍ଦ୍ଦିଷ୍ଟ ତାରିଖରେ ବିନିଯୋଗକାରୀଙ୍କୁ ତାଙ୍କର ବିନିଯୋଗ ମୂଳଧନ ରାଶି ପୁନଃପଇଠ କରାଯାଇଥାଏ । କୁପନର ଅର୍ଥ ହେଲା ଫେସ୍ ଭେଲ୍ୟୁ ଅନୁସାରେ ଯୋଉ ହାରରେ ସୁଧ ଗଣନା କରାଯାଇ ଥାଏ । ଉଦାହରଣ ସ୍ୱରୂପ ଏକ ୧୦% ୨୦୧୦ ବଣ୍ଡ, ଟ ୧୦୦/- ଫେସ୍ ଭେଲ୍ୟୁ, ୧୦% ପ୍ରତି ବର୍ଷର କୁପନ ହାର ଏବଂ ୨୦୧୦ ମସିହାରେ ଫେସ୍ ଭେଲ୍ୟୁ ପୁନଃ ପଇଠ ସୂଚିତ କରିଥାଏ ।



କୁପନ ହାର ସମଗ୍ର ସମୟକାଳ ପାଇଁ ନିର୍ଦ୍ଧାରିତ କରାଯାଇପାରେ କିମ୍ବା ଏହାକୁ ବେଞ୍ଚମାର୍କ ହାର ସହିତ ସଂଯୋଜିତ କରାଯାଇପାରେ । ଅନ୍ୟ ଦୃଷ୍ଟିରୁ ବେଞ୍ଚମାର୍କ ହାରର ପରିବର୍ତ୍ତନ ଅନୁସାରେ କୁପନ ହାର ମଧ୍ୟ ପରିବର୍ତ୍ତିତ ହୋଇଥାଏ । ଏ ପ୍ରକାର ଇନ୍ଷ୍ଟ୍ରୁମେଣ୍ଟକୁ ଫ୍ଲୋଟିଙ୍ଗ ରେଟ ଡେବ୍ଟ ଇନ୍ଷ୍ଟ୍ରୁମେଣ୍ଟ ନାମ ଦିଆ ଯାଇଥାଏ ।

କେତେକ ଡେବ୍ଟ ଇନ୍ଷ୍ଟ୍ରୁମେଣ୍ଟ୍ସର ବିକଳ୍ପମାନ ମଧ୍ୟ ରହିଛି, ଯୋଉଥିରେ ନିର୍ଦ୍ଦିଷ୍ଟ ମାଚ୍ୟୁରିଟୀ ତାରିଖ ପୂର୍ବରୁ ବିନିଯୋଗକାରୀ ତାଙ୍କର ମୂଳଧନ ରାଶିକୁ ପରିଶୋଧ (ଭଙ୍ଗାଇ) କରାଇ ନେଇ ପାରିବେ । ଯଦି ଏ ପ୍ରକାର ଅଧିକାର ଇସ୍ୟୁଅରଙ୍କ ପାଖରେ ନ୍ୟସ୍ତ କରାଯାଇଥାଏ, ତେବେ  ଏହା ଏପରି ଏକ ବଣ୍ଡ ଯାହାକୁ 'କଲେବଲ' କୁହାଯାଏ । ଯଦି ବଣ୍ଡର ପରିପକ୍ୱତା ଅଧିକାର ବିନିଯୋଗକାରୀଙ୍କର ଥାଏ, ତେବେ ଏହାକୁ ପୁଟେବଲ୍ ବୋଲି କୁହାଯାଏ ।

ଭାରତରେ ଅନେକ ପ୍ରକାରର ଡେବ୍ଟ ଇନ୍ଷ୍ଟ୍ରୁମେଣ୍ଟସ୍ମାନ ରହିଛି । ଏଗୁଡ଼ିକ ହେଲା :

- ପିଏସ୍ୟୁ ବଣ୍ଡ
- ସରକାରୀ (ଗଭର୍ଣ୍ଣମେଣ୍ଟ୍ସ) ସିକ୍ୟୁରିଟୀଜ
- ଟ୍ରେଜରୀ ବିଲ୍ସ
- ଷ୍ଟେଟ୍ ଲୋନ୍ସ
- କର୍ପୋରେଟ ଡିବେଞ୍ଚର୍ସ
- ବିତ୍ତୀୟ ସଂସ୍ଥାମାନଙ୍କ ଦ୍ୱାରା ଚାଲୁ କରାଯାଉଥିବା ବିଭିନ୍ନ ବଣ୍ଡସ
- କମର୍ସିଆଲ୍ ପେପର୍ସ
- ସାର୍ଟିଫିକେଟ୍ ଅଫ ଡିପୋଜିଟ୍ସ

ଏକ୍ସଚେଞ୍ଜର ଡେବ୍ଟ ସେଗ୍ମେଣ୍ଟରେ (ଭିଭାଗରେ) ଡେବ୍ଟ ଇନ୍ଷ୍ଟ୍ରୁମେଣ୍ଟସ ପାଇଁ ସେକେଣ୍ଡାରୀ ମାର୍କେଟରେ କାରବାର କରାଯାଇଥାଏ । ଡେବ୍ଟ ମାର୍କେଟର ଗତି ଡେବ୍ଟ ସୂଚକ ଏବଂ ଟର୍ଣ୍ଣଓଭର ତଥ୍ୟ ଅନୁସାରେ ପ୍ରତିଫଳିତ ହୋଇଥାଏ । ଭାରତରେ ଡେବ୍ଟ ମାର୍କେଟର କାର୍ଯ୍ୟପ୍ରଣାଳୀ ବ୍ୟାଙ୍କସ ତଥା ଅନ୍ୟାନ୍ୟ ସଂସ୍ଥାମାନଙ୍କ ପ୍ରାଧାନ୍ୟ ଦ୍ୱାରା ପରିଚାଳିତ ହୋଇଥାଏ ।

## ବଣ୍ଡସ ଆଣ୍ଡ ଡିବେଞ୍ଚର୍ସ

ବଣ୍ଡ ହେଉଛି ଏକ ଲୋନ୍ (କରଜ ବ୍ୟବସ୍ଥା), ଯାହା ଇନ୍ଷ୍ଟ୍ରୁମେଣ୍ଟ ଖରିଦଦାର (କରଜ ଦାତା) ଇସ୍ୟୁଅର (କରଜ କର୍ତ୍ତା)ଙ୍କୁ ଦେଇଥାଆଂତି । ବଣ୍ଡସମାନ କମ୍ପାନୀ, ବିତ୍ତୀୟ ସଂସ୍ଥା କିମ୍ବା ସରକାରଙ୍କ ଦ୍ୱାରା ପରିଚାଳିତ କରାଯାଇଥାଏ । ଏହା ବ୍ୟତୀତ ନିର୍ଦ୍ଦିଷ୍ଟ ସୁଧ ପରିମାଣ ପଇଠ (ଯୋଉ ସମୟ ଅନୁସାରେ ଏହା ପ୍ରଯୁଜ୍ୟ) ବଣ୍ଡଧାରୀ ମଧ୍ୟ ସେହି ଅନୁସାରେ ନିର୍ଦ୍ଦିଷ୍ଟ ମାଚ୍ୟୁରିଟୀ ତାରିଖରେ ଇନ୍ଷ୍ଟ୍ରୁମେଣ୍ଟର ନିର୍ଦ୍ଧାରିତ ମୂଲ୍ୟ ପ୍ରାପ୍ତ କରିବା ପାଇଁ ବିବେଚିତ ହୋଇଥାଆଂତି । ବଣ୍ଡସ ଗୁଡ଼ିକ ମୁଖ୍ୟତଃ କେତେକ ଶ୍ରେଣୀରେ ବିଭକ୍ତ କରାଯାଇଥାଏ । ଯଥା : (କ) ଟ୍ୟାକ୍ସ-ସେଭିଙ୍ଗ ବଣ୍ଡସ ଏବଂ (ଖ) ରେଗୁଲାର ଇନ୍କମ୍ ବଣ୍ଡସ । ଟ୍ୟାକ୍ସ-ସେଭିଙ୍ଗ ବଣ୍ଡସରେ ବିନିଯୋଗ କରାଯାଇଥିଲେ ବିନିଯୋଗର ଏକ ନିର୍ଦ୍ଦିଷ୍ଟ ଅର୍ଥ ପରିମାଣ ଉପରେ ବିନିଯୋଗକାରୀଙ୍କୁ କର ରିହାତି ସୁବିଧା ମିଳିଥାଏ । ଉଦାହରଣ ସ୍ୱରୂପ:

କ) ଆଇସିଆଇସିଆଇ ଇନଫ୍ରାଷ୍ଟ୍ରକ୍ଚର ବଣ୍ଡସ (ଆୟକର ଆଇନ, ୧୯୬୧ ଅଧିନିୟମ ୮୮ ଅଂତର୍ଗତ)

ଖ) ନାବାର୍ଡ (ଏନଏବଏଆରଡି) / ଏନଏଚଏଆଇ/ଆରଇସି ବଣ୍ଡସ (ଆୟକର ଆଇନ ୧୯୬୧ ଅଧିନିୟମ ୫୪ ଇସି ଅଂତର୍ଗତ)

ଗ) ଆରବିଆଇ ଟ୍ୟାକ୍ସ ରିଲିଫ ବଣ୍ଡସ୍

ରେଗୁଲାର-ଇନ୍‌କମ୍ ବଣ୍ଡ୍‌ସ, ନାମ ଅନୁସାରେ ଏହା ସାବ୍ୟସ୍ତ କରିଥାଏ ଯେ, ଏହି ବଣ୍ଡସ୍ ବଣ୍ଡଧାରୀଙ୍କୁ ପୂର୍ବ ନିର୍ଦ୍ଧାରିତ ସମୟକାଳ ବ୍ୟବଧାନରେ ଏକ ସ୍ଥିର, ନିୟମିତ ଆୟର ଉତ୍ସ ଯୋଗାଇଥାଏ ।

କମ୍ପାନୀଙ୍କ ଦ୍ୱାରା ପ୍ରଦତ୍ତ ସେହି ଇନ୍‌ଷ୍ଟ୍ରୁମେଣ୍ଟ୍‌ସମାନ ଡିବେଞ୍ଚର୍‌ସ ନାମରେ ପରିଚିତ । ବଣ୍ଡସ୍‌ରେ ବିନିଯୋଗ କରାଯାଇ ସାଧାରଣତଃ ବଣ୍ଡଧାରୀ ତାଙ୍କର ମୂଳଧନରାଶି ଉପରେ ଯଥେଷ୍ଟ ଅର୍ଜନ କରିବା ସମ୍ଭବପର ହୋଇନଥାଏ । ଅନେକ ସମୟରେ ସୁଧହାର ହ୍ରାସ ହେବା ପୂର୍ବରୁ କମ ମୂଲ୍ୟରେ ବିନିଯୋଗକାରୀ ବଣ୍ଡସ କ୍ରୟ କରିଥାଆଂତି । ପରବର୍ତ୍ତୀ ପର୍ଯ୍ୟାୟରେ ସୁଧହାର ହ୍ରାସ କାରଣରୁ ବଣ୍ଡସ୍‌ର ମୂଲ୍ୟ ବୃଦ୍ଧି ପ୍ରାପ୍ତ ହୋଇଥାଏ ଯାହାଦ୍ୱାରା ବିନିଯୋଗକାରୀଙ୍କ ମୂଳଧନ ରାଶିର ପରିବୃଦ୍ଧି ସମ୍ଭବପର ହୋଇଥାଏ ।

ନିୟମିତ ଆୟ ପାଇଁ ବଣ୍ଡସମାନଙ୍କରେ ବିନିଯୋଗ କରିବା ଶ୍ରେୟସ୍କର ଅଟେ । ବଣ୍ଡର କିସମ ଅନୁସାରେ ବିନିଯୋଗକାରୀ ଷାଣ୍ମାସିକ କିମ୍ବା ଏପରିକି ମାସିକ କିସ୍ତିରେ ସୁଧ ଲାଭ କରିଥାଆଂତି । ମାସିକ - ଆୟ ବଣ୍ଡସ ଯୋଜନା ମଧ ବିନିଯୋଗକାରୀଙ୍କ ପାଇଁ ଅନୁକୂଳ ଅଟେ । ଆପଦ ନେବାର ସାମର୍ଥ୍ୟ ଅନୁସାରେ ପ୍ରମୁଖ ଶ୍ରେଣୀଭୁକ୍ତ କର୍ପୋରେଟ୍‌ସ କିମ୍ବା ନିମ୍ନ କ୍ରେଡିଟ ମୂଲ୍ୟାଙ୍କିତ କମ୍ପାନୀମାନଙ୍କର ବଣ୍ଡସ କ୍ରୟ କରିବା ବିନିଯୋଗକାରୀଙ୍କ ପାଇଁ ଉପଯୁକ୍ତ (ଲାଭ ଦାୟକ) ଅଟେ । ସାଧାରଣତଃ ପ୍ରମୁଖ ଶ୍ରେଣୀଭୁକ୍ତ କର୍ପୋରେଟ୍‌ସ ନିମ୍ନ କ୍ରେଡିଟ (କରଜ) ମୂଲ୍ୟାଙ୍କିତ କମ୍ପାନୀମାନଙ୍କ ତୁଳନାରେ ସେମାନଙ୍କ ବଣ୍ଡସ ଉପରେ ନିମ୍ନହାରର ସୁଧ ପ୍ରଦାନ କରିଥାଆଂତି ।

## କମ୍ପାନୀ ଡିବେଞ୍ଚର୍‌ସ :

ଡିବେଞ୍ଚର୍‌ସ ଡେବ୍‌ଟ ଇନ୍‌ଷ୍ଟ୍ରୁମେଣ୍ଟସ୍ ନାମରେ ବିଦିତ । କମ୍ପାନୀମାନେ ସାଧାରଣତଃ ଡିବେଞ୍ଚର୍‌ଧାରୀଙ୍କଠାରୁ କରଜ ନେଇଥାଆଂତି ଏବଂ ଏହି ବାବଦରେ ସେ ପ୍ରକାର ବିନିଯୋଗାକାରୀଙ୍କୁ ଏକ ନିର୍ଦ୍ଦିଷ୍ଟ ସୁଧହାର ପ୍ରଦାନ କରିଥାଆଂତି । ଏକ ନିର୍ଦ୍ଦିଷ୍ଟ ସମୟକାଳ ପୂର୍ଣ୍ଣ ହେବାପରେ ଡିବେଞ୍ଚର୍‌ସ ରିଡିମ୍ (ପୁନର୍ଲାଭ) କରାଯାଇ ପାରିଥାଏ । ଏ ପ୍ରକାର ସମୟକାଳ ସଂକ୍ଷିପ୍ତ ହୋଇପାରେ (ଯଥା ୧୮ ମାସ ଅବଧିରୁ କମ) କିମ୍ବା ଅଧିକ ମଧ ହୋଇପାରେ । ଏ ପ୍ରକାର ସମୟକାଳ ଇସ୍ୟୁର ସର୍ତ୍ତମାନଙ୍କ ଉପରେ ନିର୍ଭର କରିଥାଏ। ଅନେକ କ୍ଷେତ୍ରରେ କମ୍ପାନୀମାନେ ମାଚ୍ୟୁରିଟୀ ପରିମାଣ ଉପରେ ପ୍ରିମିଅମ ମଧ ପ୍ରଦାନ କରି ଥାଆଂତି ।

କମ୍ପାନୀମାନଙ୍କ ଦ୍ୱାରା ପ୍ରସାରିତ କରାଯାଉଥିବା ଡିବେଞ୍ଚର୍‌ସର ପବ୍ଲିକ୍ ଇସ୍ୟୁଜ୍‌ମାନଙ୍କରେ ବିନିଯୋଗକାରୀ ବିନିଯୋଗ କରି ପାରଂତି କିମ୍ବା ସେକେଣ୍ଡାରୀ ମାର୍କେଟରୁ ମଧ ଡିବେଞ୍ଚର୍‌ସ କିଣି ପାରଂତି । ଏହି ସିକ୍ୟୁରିଟଜ୍ ମାନଙ୍କରୁ ଏକ ନିର୍ଦ୍ଦିଷ୍ଟ ସ୍ଥିରିକୃତ ପ୍ରତିଲାଭ ମିଳିଥାଏ । ସେୟାର୍‌ସ ତୁଳନାରେ ଡିବେଞ୍ଚର୍‌ସର ମୂଲ୍ୟ ସାଧାରଣତଃ କମ ଅସ୍ଥିର (ଅପରିବର୍ତ୍ତନୀୟ) ଥାଏ । ସୁତରାଂ ବିନିଯୋଗକାରୀ ସୁଧ ଅର୍ଜନ କରିବା ସହିତ କ୍ୟାପିଟାଲ ଗେନ୍ ମଧ ପ୍ରାପ୍ତ କରିଥାଆଂତି (ଏହା କ୍ରୟ ମୂଲ୍ୟ ଏବଂ ବିକ୍ରୟ ମୂଲ୍ୟ ମଧରେ ପ୍ରଭେଦ ଉପରେ ଆଧାରିତ କିମ୍ବା ଯଦି ବିନିଯୋଗକାରୀ ତାଙ୍କର ଡିବେଞ୍ଚର୍‌ସ ପୁନଃ ପ୍ରାପ୍ତି (ରିଡୀମ୍) ହେବା ପର୍ଯ୍ୟଂତ ନିଜ ପାଖରେ ରଖିଥାଆଂତି, ଏହା ହେଉଛି କ୍ରୟ ମୂଲ୍ୟ ଏବଂ ରିଡେମ୍ପସନ୍ ମୂଲ୍ୟ ମଧରେ ପ୍ରଭେଦ) ।



ଡିବେଞ୍ଚର୍‌ସରୁ ପ୍ରାପ୍ତ ପ୍ରତିଲାଭ, ନିର୍ଦ୍ଧାରିତ ସୁଧହାର ତୁଳନାରେ ବଜାରମୂଲ୍ୟ ଏବଂ ଫେସ୍ ଭେଲ୍ୟୁ ମଧରେ ସଂଯୋଗ ଉପରେ ନିର୍ଭର କରି ଅଧିକ କିମ୍ବା କମ ହୋଇଥାଏ । ଉଦାହରଣ ସ୍ୱରୂପ ମନେ କରଂତୁ ୧୦୦ ଟଙ୍କା ମୂଲ୍ୟର ଡିବେଞ୍ଚର୍‌ସ ଯୋଉଥିରେ ୧୫% ସୁଧ ମିଳିଥାଏ ୯୦ ଟଙ୍କା ମୂଲ୍ୟରେ କିଣାଯାଇଥାଏ । ୯୦ ଟଙ୍କା ମୂଲ୍ୟର ଅର୍ଥ ପଇଠ କରାଯାଇଥାଏ ଏବଂ ସେଥିରୁ ୧୫% ହାରରେ ସୁଧ ଅର୍ଜନ କରାଯାଇଥାଏ । ଏହାର ସର୍ବମୋଟ ଆୟ ପରିମାଣ ହେଉଛି ୧୬.୬୭% ।

ଉପରୋକ୍ତ ଉଦାହରଣ ଅନୁସାରେ, ବିନିଯୋଗକାରୀ କମ୍ପାନୀଙ୍କ ନିକଟରୁ ୧୦୦ ଟଙ୍କା (ଫେସ୍ ଭେଲ୍ୟୁ) ଫେରସ୍ତ ପାଇ ପାରିବେ ଯଦି ସେ ଉକ୍ତ ଡିବେଞ୍ଚର୍‌ସକୁ ପରିପକ୍ୱ (ମାଚ୍ୟୁରିଟୀ) ହେବା ପର୍ଯ୍ୟଂତ ରଖିଥାଆଂତି । ସୁତରାଂ ୧୬.୬୭% ସୁଧ ଅର୍ଜନ କରିବା ବ୍ୟତୀତ ବିନିଯୋଗକାରୀ ମଧ ୧୦ ଟଙ୍କା ଲାଭ ପାଇ ପାରୁଛଂତି, ଯାହାକୁ କ୍ୟାପିଟାଲ ଗେନ୍ ବୋଲି କୁହାଯାଇଥାଏ । ଏହି କ୍ୟାପିଟାଲ ଗେନ୍‌କୁ ଯେତେବେଳେ ଉତ୍ପନ୍ନ ଲାଭ ପରିମାଣ ନିର୍ଦ୍ଧାରିତ କରାଯିବା ନିମିତ୍ତ କମ୍ପ୍ୟୁଟିଙ୍ଗ କରାଯାଏ, ତାହାକୁ ଇଲ୍‌ଡ ଟୁ ମାଚ୍ୟୁରିଟୀ (ୱାଇଟିଏମ) ଶବ୍ଦରେ ନାମିତ କରାଯାଇଥାଏ । ୱାଇଟିଏମ୍‌ର ବିଶଦ ସଙ୍ଗଣନର ଏକ ଚିତ୍ର ଏହି ଅଧ୍ୟାୟରେ ଆପେଣ୍ଡିକ୍ସରେ ଦିଆଯାଇଛି ।

ଭାରତୀୟ ବଜାରରେ ଦୁର୍ଭାଗ୍ୟବଶତଃ ଡିବେଞ୍ଚର୍‌ସରେ ଲିକ୍ୱିଡିଟୀ ସୁବିଧା କମ ଥାଏ । ଏହାର କାରଣ ହେଲା ବିନିଯୋଗକାରୀମାନେ ଏ ପ୍ରକାର ଇନ୍‌ଷ୍ଟ୍ରୁମେଣ୍ଟମାନଙ୍କରେ ବିନିଯୋଗ କରିବାପାଇଁ ଏ ପର୍ଯ୍ୟଂତ ଆଗ୍ରହ ପ୍ରକାଶ କରୁନାହାଂତି । ଷ୍ଟକ ଏକ୍ସଚେଞ୍ଜ ମାନଙ୍କରେ ଖୁବ କମ ସଂଖ୍ୟକ ଡିବେଞ୍ଚର୍‌ସମାନଙ୍କର କ୍ରୟ-ବିକ୍ରୟ କାରବାର କରାଯାଇଥାଏ ।

ଅଧିକାଂଶ ଡେବ୍ଟ ଇସ୍ୟୁଜ୍‌ଗୁଡ଼ିକ କ୍ରେଡିଟ ରେଟିଂଗ ଏଜେନ୍ସୀ ମାନଙ୍କ ଦ୍ୱାରା ମୂଲ୍ୟାଙ୍କିତ କରାଯିବା ଆବଶ୍ୟକ ହୋଇଥାଏ ।

ରେଟିଂଗ (ମୂଲ୍ୟାଙ୍କନ) ଇନ୍‌ଷ୍ଟ୍ରୁମେଣ୍ଟ୍‌ସର ଗୁଣବତ୍ତା (କ୍ୱାଲିଟୀ)ର ସୂଚନା ପ୍ରଦାନ କରିଥାଏ । କ୍ରେଡିଟ ରେଟିଂଗର ଏକ ସୂଚନା ନିମ୍ନରେ ଦିଆଯାଉଛି ।

| କ୍ରେଡିଟ ରେଟିଂଗ ସଙ୍କେତମାନ ଏବଂ ସେଗୁଡ଼ିକର ଅର୍ଥ * | |
|---|---|
| **ଉଚ୍ଚ ବିନିଯୋଗ ଗ୍ରେଡ୍‌ସ** | |
| ଏଏଏ | ସର୍ବାଧିକ ନିରାପତ୍ତା |
| ଏଏ | ଅଧିକ ନିରାପତ୍ତା |
| **ଉଚ୍ଚ ବିନିଯୋଗ ଗ୍ରେଡ୍‌ସ** | |
| ଏ | ପର୍ଯ୍ୟାପ୍ତ ନିରାପତ୍ତା |
| ବିବିବି | ମଧ୍ୟମ ନିରାପତ୍ତା |
| **ସ୍ପେକୁଲେଟିଭ୍ (ଅନିଶ୍ଚିତ) ଗ୍ରେଡ୍‌ସ** | |
| ବିବି | ଅପର୍ଯ୍ୟାପ୍ତ ନିରାପତ୍ତା |
| ବି | ଅଧିକ ଆପଦ (ରିସ୍କ) |
| ସି | ସଂଙ୍ଘାତ୍ମକ ଆପଦ |
| ଡି | ବକେୟା (ଚୁକ୍ତି କରାଯାଇ ନପାରିବା) |

ବିଭିନ୍ନ ରେଟିଙ୍ଗ ଏଜେନ୍ସୀମାନଙ୍କ ଦ୍ୱାରା ଉପରୋକ୍ତ ବିଭିନ୍ନ ପ୍ରକାର ସଙ୍କେତମାନ ମଧ୍ୟ ଅଲଗା ରୂପରେ ପ୍ରକାଶ କରାଯାଇଥାଏ ।

ଉଚ୍ଚ କ୍ୱାଲିଟୀ (ଗୁଣବତ୍ତା) ଡିବେଞ୍ଚର୍‌ସମାନଙ୍କରୁ ଉତ୍ପନ୍ନ ପ୍ରତିଲାଭ ସର୍ବଦା ସ୍ଥିର ରହିଥାଏ ଏବଂ ଏହା ଅଗ୍ରିମ ଭାବରେ ମଧ୍ୟ ଆକଳନ କରାଯାଇଥାଏ ଯାହାକୁ ୱାଇଟିଏମ ଦ୍ୱାରା ଆଧାରିତ କରାଯାଇଥାଏ । ଏ ପ୍ରକାର ପ୍ରତିଲାଭ ମଧ୍ୟ ପରିବର୍ତ୍ତିତ ହୋଇଥାଏ, ଯଦି କୌଣସି କାରଣରୁ କମ୍ପାନୀମାନେ ସେମାନଙ୍କର ଚୁକ୍ତିବଦ୍ଧ ପଇଠ ବଚନବଦ୍ଧତା ଓହରାଇ ଯାଆଂତି (ଭଙ୍ଗ କରଂତି) । ବିନିଯୋଗକାରୀ ସେଇଥିପାଇଁ ସକ୍ରିୟ ଭାବରେ ବିନିଯୋଗ ପରିଚାଳନାରେ ସଂପୃକ୍ତ ହେବା ଅନାବଶ୍ୟକ । ସେ କେବଳ କମ୍ପାନୀଙ୍କ କାର୍ଯ୍ୟକୁଶଳତାର ସାଧାରଣ ଧାରାକୁ ଅନୁଧ୍ୟାନ କରିବା ଉଚିତ ଯଥା କେତେକ କମ୍ପାନୀଙ୍କ ଫଳାଫଳ ଅତ୍ୟଂତ ଖରାପ ହୋଇଥିବା କାରଣରୁ ବିନିଯୋଗକାରୀଙ୍କୁ ପୁନଃ ପଇଠ କରିବାରେ ଅକ୍ଷମ ହେବା ସହିତ ସେମାନଙ୍କର ସ୍ୱାର୍ଥରେ ବାଧା ସୃଷ୍ଟି କରିଥାଆଂତି ଏବଂ କମ୍ପାନୀ ତାଙ୍କର ଦାୟିତ୍ୱ ତୁଲାଇ ପାରି ନଥାଂତି ।

ଡିବେଞ୍ଚର୍‌ସ ମୂଲ୍ୟ ଏହି ସମସ୍ତ ଇନ୍‌ଷ୍ଟ୍ରୁମେଣ୍ଟ୍‌ସର ଫେସ୍ ଭେଲ୍ୟୁ ଉପରେ ନିର୍ଭର କରିଥାଏ । ଡିବେଞ୍ଚର୍‌ସର ସାଧାରଣ ଫେସ୍ ଭେଲ୍ୟୁ ୧୦୦ ଟଙ୍କା ରହିଥାଏ । ସୁତରାଂ ସର୍ବନିମ୍ନ ବିନିଯୋଗ ପରିମାଣ ୧୦,୦୦୦ ଟଙ୍କା ବିନିଯୋଗକାରୀ ଡିବେଞ୍ଚର୍‌ସରେ ବିନିଯୋଗ କରିବା ଶ୍ରେୟସ୍କର ।

## ପବ୍ଲିକ ସେକ୍ଟର ଏବଂ ବିତ୍ତୀୟ ସଂସ୍ଥାମାନଙ୍କର ବଣ୍ଡସ :

ମାର୍କେଟରେ ସମୟାନୁକ୍ରମେ ବିଭିନ୍ନ ପବ୍ଲିକ ସେକ୍ଟର ଅଣ୍ଡରଟେକିଙ୍ଗ୍‌ସ ତଥା ଡେଭଲପମେଣ୍ଟ ଫାଇନାନ୍ସିଆଲ୍ ସଂସ୍ଥାମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ବଣ୍ଡସ୍‌ମାନ ଚାଲୁ କରାଯାଇଥାଏ । ଅନେକ ପ୍ରକାରର ବଣ୍ଡସ ଆକର୍ଷଣୀୟ ସ୍କିମ୍‌ସମାନ ଆଣି ଥାଆଂତି । ଯଥା ମାସିକ ସୁଧ ସ୍କିମ, ତ୍ରୈମାସିକ ସୁଧ ସ୍କିମ, ଅନେକ ପ୍ରକାରର ରିଡେମ୍ପସନ୍ (ମୋକ୍ଷ) ବିକଳ୍ପ, ଡିପ ଡିସ୍‌କାଉଣ୍ଟ (ସର୍ବାଧିକ ରିହାତି) ବଣ୍ଡ ବିକଳ୍ପ ଇତ୍ୟାଦି ।

ଡିପ୍ ଡିସ୍‌କାଉଣ୍ଟ ବଣ୍ଡ ହେଉଛି ଦୀର୍ଘକାଳୀନ ବଣ୍ଡ ନାମରେ ପରିଚିତ, ଯୋଉଥିରେ ପ୍ରାରମ୍ଭରେ ବିନିଯୋଗ କରା ଯାଇଥିବା ଅର୍ଥ ପରିମାଣ, ମୂଳଧନ ରାଶି ପରିମାଣ ଉପରେ ପୁଞ୍ଜିତ ସୁଧ ପରିମାଣ ମିଶାଇ ବୃଦ୍ଧିପ୍ରାପ୍ତ ହୋଇଥାଏ । ଉଦାହରଣ ସ୍ୱରୂପ ବର୍ତ୍ତମାନ ସମୟରେ ବିନିଯୋଗ କରାଯାଉଥିବା ୨,୮୦୦ ଟଙ୍କା ୩୦ ବର୍ଷ ସମୟ ପରେ ଆପଣଙ୍କୁ ୧,୦୦,୦୦୦ ଅର୍ଜନ କରାଇବାର ସୁଯୋଗ ପ୍ରଦାନ କରିପାରିବ ।

ବଣ୍ଡସମାନଙ୍କର ମୂଲ୍ୟ ଏହି ପ୍ରକାର ଇନ୍‌ଷ୍ଟ୍ରୁମେଣ୍ଟସର ଫେସ୍ ଭେଲ୍ୟୁ ଉପରେ ନିର୍ଭର କରିଥାଏ । ସାଧାରଣ ଫେସ୍ ଭେଲ୍ୟୁ ପରିମାଣ ହେଉଛି ୧୦୦ ଟଙ୍କା । ସର୍ବନିମ୍ନ ପରିମାଣ ସାଧାରଣତଃ ୫,୦୦୦ ଟଙ୍କା ପର୍ଯ୍ୟଂତ ରହିଥାଏ । ବିନିଯୋଗ ପରିଚାଳନାରେ କୌଣସି ବିନିଯୋଗକାରୀ ସକ୍ରିୟ ଭାବରେ ସଂପୃକ୍ତ ହେବା ଅନୁଚିତ ।

## ଆରବିଆଇ ଟ୍ୟାକ୍ସ ଫ୍ରି ବଣ୍ଡସ :

ଆରବିଆଇ ଟ୍ୟାକ୍ସ ଫ୍ରି ବଣ୍ଡ୍‌ସ ହେଉଛି ସ୍ୱତନ୍ତ୍ର ଧରଣର ବଣ୍ଡ୍‌ସ । ଆରବିଆଇଙ୍କ ଦ୍ୱାରା ପ୍ରସାରିତ ଏହି ବଣ୍ଡସରେ କର ଛାଡ଼ ସୁବିଧା

ରହିଛି । ରେଗୁଲାର ବଣ୍ଡସ ତୁଳନାରେ ଆରବିଆଇ ବଣ୍ଡସରେ ସୁଧର ହାର ସାଧାରଣତଃ କମ ରହିଥାଏ (୮.୫%) ତେଣୁ ଏ ପ୍ରକାର ବିନିଯୋଗ କେବଳ ଅଧିକ କରଦାତାଙ୍କୁ ଆକର୍ଷିତ କରିଥାଏ । ଏହି ବଣ୍ଡସମାନ ମଧ୍ୟ ଦୀର୍ଘକାଳୀନ ଇନ୍‌ଷ୍ଟ୍ରୁମେଣ୍ଟସ ଭାବରେ ପରିଚିତ ।

ଆରବିଆଇ ଟ୍ୟାକ୍ସ ଫ୍ରି (କର-ମୁକ୍ତ) ବଣ୍ଡ୍‌ସ ଗୁଡ଼ିକ ଅଧିକ ନିରାପଦ ଅଟେ, କାରଣ ଏହି ବଣ୍ଡସ୍‌ଗୁଡ଼ିକ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ପ୍ରସାରିତ କରାଯାଇଥାଏ । ଏହି ବଣ୍ଡସ୍‌ଗୁଡ଼ିକରୁ ନିରଂତର ଭାବରେ ପ୍ରତିଲାଭ



ମିଳିଥାଏ ଏବଂ ଏପ୍ରକାର ପ୍ରତିଲାଭକୁ ଅଗ୍ରିମ ଭାବରେ ନିଶ୍ଚିତ କରାଯାଇ ପାରିଥାଏ । ଏଥି ସକାଶେ ୱାଇଟିଏମ୍‌କୁ ଆଧାର କରାଯାଇଥାଏ । ଯେ କୌଣସି ମୂଳ ବିନିଯୋଗକାରୀଙ୍କ ପାଇଁ ୮.୫% କରମୁକ୍ତ ପ୍ରତିଲାଭ ସଠିକ ଭାବରେ ହିସାବ କଲେ ଜଣାପଡ଼ିବ ଯେ, ଏହି ପ୍ରତିଲାଭ ପ୍ରକୃତରେ ୧୨% ପ୍ରି-ଟ୍ୟାକ୍ସରୁ ଅଧିକ, ସର୍ବୋଚ୍ଚ ଟ୍ୟାକ୍ସ ହାର ଯଦି ୩୦% ଧରାଯାଏ ।

## ମ୍ୟୁଚୁଆଲ ଫଣ୍ଡ ସ୍କିମ୍‌ସ :

ମ୍ୟୁଚୁଆଲ୍ ଫଣ୍ଡସ୍‌ମାନ ଏପ୍ରକାର ସତ୍ତା, ଯାହା କ୍ଷୁଦ୍ର ବିନିଯୋଗକାରୀଙ୍କ ନିକଟରୁ ନିଧି (ଫଣ୍ଡ୍‌ସ) ସଂଗ୍ରହ କରିଥାଆଂତି, ସେ ସମସ୍ତ ନିଧିକୁ ଏକତ୍ର କରାଇ ସେହି ଧନରାଶିକୁ ବିଭିନ୍ନ ଇକ୍ୱିଟୀ ଏବଂ ଡେବ୍ଟ ଇନ୍‌ଷ୍ଟ୍ରୁମେଣ୍ଟସ୍‌ରେ ବିନିଯୋଗ କରାଇ ଥାଆଂତି । (ଏପରିକି ମନୀ ମାର୍କେଟ ଇନ୍‌ଷ୍ଟ୍ରୁମେଣ୍ଟ୍‌ସ ଏବଂ ଗଭର୍ଣ୍ଣମେଣ୍ଟ ସିକ୍ୟୁରିଟୀଜ୍)/ ମ୍ୟୁଚୁଆଲ୍ ଫଣ୍ଡସ୍ କମ୍ପାନୀମାନେ ସେଇ କାରଣରୁ ଦକ୍ଷ ବିତ୍ତୀୟ ପେଶାଦାର ମାର୍କେଟସ ସମ୍ବନ୍ଧରେ ସମସ୍ତ ପ୍ରକାର ଗବେଷଣା କରିଥାଆଂତି, ଯାହା ଜଣେ ବ୍ୟକ୍ତି ବିଶେଷ ବିନିଯୋଗକାରୀଙ୍କ କ୍ଷେତ୍ରରେ ପରିଚାଳନା କରିବା ଅସମ୍ଭବ ହୋଇଥାଏ । ଏତଦ୍ ବ୍ୟତୀତ ଏହି ସତ୍ତାମାନଙ୍କୁ କମ୍ପାନୀଙ୍କ ମ୍ୟାନେଜମେଣ୍ଟ ଗୁରୁତ୍ୱପୂର୍ଣ୍ଣ ଭାବରେ ଗ୍ରହଣ କରିଥାଆଂତି କାରଣ ମ୍ୟୁଚୁଆଲ୍ ଫଣ୍ଡସ୍ ସଂସ୍ଥା ଗୁଡ଼ିକର ବଡ ଧରଣର ଫଣ୍ଡ୍‌ସ (ନିଧି) ଆଧାର ରହିଛି ।

ମ୍ୟୁଚୁଆଲ୍ ଫଣ୍ଡ୍ ସ୍କିମ୍‌ସ ଓପନ-ଏଣ୍ଡେଡ (ମୁକ୍ତ-ପ୍ରାଂତୀୟ) କିମ୍ବା କ୍ଲୋଜ-ଏଣ୍ଡେଡ୍ (ଅବରୋଧ-ପ୍ରାଂତୀୟ) ହୋଇଥାଏ । ଓପନ-ଏଣ୍ଡେଡ୍ ସ୍କିମ୍‌ସ ମାନଙ୍କରେ କୌଣସି ନିର୍ଦ୍ଧାରିତ ମାଚ୍ୟୁରିଟୀ ନଥାଏ । ବିନିଯୋଗକାରୀ ସେ ପ୍ରକାର ଫଣ୍ଡରୁ / ଫଣ୍ଡକୁ ସ୍କିମ୍‌ସର ୟୁନିଟ୍‌ସଗୁଡ଼ିକୁ କ୍ରୟ / ବିକ୍ରୟ କରି ପାରିବେ । ଏଥିପାଇଁ ଫଣ୍ଡର ଯୁକ୍ତ କିମ୍ବା ବିଯୁକ୍ତ ଲୋଡ୍ (ବୋଝ) ଅନୁସାରେ ଏନ୍‌ଏଭିଏ (ନିର୍ଦ୍ଧାରିତ ପରସମ୍ପତ୍ତି ମୂଲ୍ୟ) ସ୍ଥିର କରାଯାଇ ଥାଏ । ବିନିଯୋଗକାରୀ ସେଥିପାଇଁ ଦରଖାସ୍ତ କରିପାରିବେ । ଓପନ-ଏଣ୍ଡେଡ ମ୍ୟୁଚୁଆଲ୍ ଫଣ୍ଡ୍‌ସରେ ଲିକ୍ୱିଡିଟୀ ଅତି ଅଧିକ ।

କ୍ଲୋଜ୍-ଏଣ୍ଡେଡ୍ ମ୍ୟୁଚୁଆଲ୍ ଫଣ୍ଡ୍‌ସ କ୍ଷେତ୍ରରେ ଷ୍ଟକ ଏକ୍ସଚେଞ୍ଜରେ ସୂଚିତ କରାଯାଇଥିବା ୟୁନିଟ୍‌ସମାନଙ୍କୁ କ୍ରୟ ବିକ୍ରୟ ପାଇଁ କ୍ରେତା ଏବଂ ବିକ୍ରେତାର ଉପଲବ୍ଧତା ଉପରେ ଲିକ୍ୱିଡିଟୀ ନିର୍ଭର କରିଥାଏ । ତେଣୁ ଲିକ୍ୱିଡିଟୀ ସୂଚିତ ସେୟାର୍‌ସ ସହିତ ସମାନ ଅଟେ । କ୍ଲୋଜ୍ ଏଣ୍ଡେଡ୍ ସ୍କିମ୍‌ସମାନ ସୂଚିତ ମୂଲ୍ୟରେ ଷ୍ଟକ ଏକ୍ସଚେଞ୍ଜରେ କ୍ରୟ ବିକ୍ରୟ କାରବାର କରାଯାଇଥାଏ । ଯଦି ଏହା ସୂଚିତ କରାନଯାଇଥାଏ, ତେବେ ମ୍ୟୁଚୁଆଲ୍ ଫଣ୍ଡସ୍‌ଙ୍କ ଦ୍ୱାରା ନିୟମିତ ପୁନଃକ୍ରୟ ସୁବିଧା ମିଳିପାରିଥାଏ । ବିନିଯୋଗକାରୀଙ୍କ ଅନୁଭୂତିଜନିତ ପ୍ରତ୍ୟକ୍ଷ ଜ୍ଞାନ, ଆବଶ୍ୟକତା-ଯୋଗାଣ ପରିସ୍ଥିତି କାରଣରୁ ଏହି ସୂଚିତ ମୂଲ୍ୟ ନି.ପ. ମୂଲ୍ୟ (ଏନଏଭି) ଠାରୁ ବିଶେଷଭାବରେ ପରିବର୍ତ୍ତିତ ହୋଇଥାଏ । ଭାରତୀୟ ତଥ୍ୟ ଏହା ସୂଚିତ କରିଥାଏ ଯେ, ସୂଚିତ ମୂଲ୍ୟ ସାଧାରଣତଃ ଏନଏଭି ମୂଲ୍ୟଠାରୁ ଅଧିକ କମ ହୋଇଥାଏ ।

ମ୍ୟୁଚୁଆଲ୍ ଫଣ୍ଡ କ୍ଷେତ୍ରରେ ଏନ.ଏ.ଭି ଏକ ସାଧାରଣ ଭାବରେ ବ୍ୟବହୃତ କରାଯାଉଥିବା ବକ୍ତବ୍ୟ ଯାହାର ସମ୍ପୂର୍ଣ୍ଣ ବ୍ୟାଖ୍ୟା ନେଟ ଆସେଟ ଭେଲ୍ୟୁ

ଏନ.ଏ.ଭି ୟୁନିଟ ପ୍ରତି =

ସ୍କିମର ଆସେଟ୍‌ସ ମାର୍କେଟ ମୂଲ୍ୟରୁ ଲାୟବିଲିଟୀଜ୍‌କୁ ବିଯୁକ୍ତ କରଂତୁ ।

ବକେୟା ୟୁନିଟ୍‌ସ ସଂଖ୍ୟା ଦ୍ୱାରା ତାକୁ ବିଭାଜିତ କରଂତୁ

ମ୍ୟୁଚୁଆଲ୍ ଫଣ୍ଡସ ସ୍କିମ୍ ମାନ କେତେକ ଲକ୍ଷ ରଖାଯାଇ ବଜାରରେ ଉପସ୍ଥାପିତ କରାଯାଇଥାଏ । ଏହି ସ୍କିମ୍‌ସମାନ ବିନିଯୋଗ ଧାରାକୁ ନିର୍ଦ୍ଧାରିତ କରିଥାଏ । କୌଣସି ବୃଦ୍ଧିକାରୀ ସ୍କିମ (ଯୋଜନା) ପ୍ରମୂଖ ଭାବରେ ଇକ୍ୱିଟୀଜ୍ ମାନଙ୍କରେ ବିନିଯୋଗ କରିବାପାଇଁ ଗୁରୁତ୍ୱ ଦେଇଥାଆଂତି । ଏହାଦ୍ୱାରା ମୂଳଧନର ପରିବୃଦ୍ଧି କରିବା ସ୍କିମ୍‌ସର ମୂଳ ଉର୍ଦ୍ଦେଶ୍ୟ ଥାଏ । ଏକ ଡେବ୍ଟ-ଓରିଏଣ୍ଟେଡ୍ (କରଜ ସମ୍ବନ୍ଧୀୟ) ସ୍କିମ୍ ମୂଖ୍ୟତଃ ଡେବ୍ଟ-ଇନ୍‌ଷ୍ଟ୍ରୁମେଣ୍ଟରେ ବିନିଯୋଗ କରିବାକୁ ଗୁରୁତ୍ୱ ଦେବେ, କାରଣ ଏ ପ୍ରକାର ବିନିଯୋଗରେ ସ୍କିମ୍‌ସକୁ ନିୟମିତ ଆୟ ମିଳିବା ସହିତ ତାହାର ଲକ୍ଷ ହାସଲ କରାଯାଇ ପାରିବ । ବାଲାନ୍‌ସଡ ସ୍କିମ ଏପରି ଏକ ସ୍କିମ ଯାହା ଆଂଶିକ ଭାବରେ ଇକ୍ୱିଟୀଜ୍ ମାନଙ୍କରେ ଏବଂ ଅବଶିଷ୍ଟାଂଶ ଡେବ୍ଟରେ ବିନିଯୋଗ କରିଥାଆଂତି ଏବଂ ଏହାଦ୍ୱାରା ବୃଦ୍ଧି ଏବଂ ଆୟ ମଧ୍ୟରେ ସମତୁଲ୍ୟତା ରକ୍ଷା କରାଯାଇ ପ୍ରକୃତ ଲକ୍ଷ ସାଧନ କରାଯାଇ ପାରିଥାଏ । ଟ୍ୟାକ୍ସ ସେଭିଙ୍ଗ ସ୍କିମ୍‌ସ ଗୁଡ଼ିକ ବିନିଯୋଗକାରୀଙ୍କୁ କର ରକ୍ଷା ଉପାଦେୟତା (ସୁବିଧା) ପ୍ରଦାନ କରିବା ସକାଶେ ପ୍ରସ୍ତୁତ କରାଯାଇଥାଏ ।

ଏବେ ମ୍ୟୁଚୁଆଲ୍ ଫଣ୍ଡସ୍‌ମାନ ଅନେକ ଅଭିନବ ସ୍କିମ୍‌ସମାନ ପ୍ରଚଳନ କରୁଛଂତି ଯଥା ଇଣ୍ଡେକ୍ସ ଫଣ୍ଡସ, ସ୍ପେସିଫିକ୍ ସେକ୍ଟର ଫଣ୍ଡସ, ମନି ମାର୍କେଟ ଫଣ୍ଡସ, ଜିଲ୍‌ଟି ଫଣ୍ଡସ ଇତ୍ୟାଦି ଇଣ୍ଡେକ୍ସ ଫଣ୍ଡ ଇଣ୍ଡେକ୍ସ ଷ୍ଟକ୍‌ସରେ ବିନିଯୋଗ କରିବାପାଇଁ ଗୁରୁତ୍ୱ ଦେଇଥାଆଂତି (ଉଦାହରଣ, କେବଳ ସେହି ପ୍ରକାରର ଷ୍ଟକ୍‌ସ ଯୋଉ ଗୁଡ଼ିକ ସେନ୍‌ସେକ୍ସ, ନିଫଟୀ ଇତ୍ୟାଦିକୁ ନିର୍ଦ୍ଧାରିତ କରି ପାରିବେ । ସ୍ପେସିଫିକ ସେକ୍ଟର ଫଣ୍ଡସ ନିର୍ଦ୍ଧାରିତ ବିଭାଗ (ସେକ୍ଟର) ମାନଙ୍କରେ ଯଥା ଫାର୍ମାସିଉଟିକଲ୍‌ସ କିମ୍ବା ସଫ୍ଟୱେଅଲ ଆଦିରେ ବିନିଯୋଗ ପାଇଁ ଗୁରୁତ୍ୱ ଦେଇଥାଆଂତି । ମନୀ ମାର୍କେଟ ଏବଂ ଜିଲଟ ଫଣ୍ଡସ କେବଳ ସେମାନଙ୍କର ନିଜସ୍ୱ ମାର୍କେଟରେ ବିନିଯୋଗ କରିବାପାଇଁ ପ୍ରାଧାନ୍ୟ ଦେଇଥାଆଂତି ।

ଯୋଉ ବିନିଯୋଗକାରୀ ମ୍ୟୁଚୁଆଲ ଫଣ୍ଡସର ବିଭିନ୍ନ ଫଣ୍ଡସରେ ନୂତନ ଭାବରେ ଯୋଗ ଦିଅଂତି ବା ପ୍ରସ୍ଥାନ କରଂତି, ମ୍ୟୁଚୁଆଲ ଫଣ୍ଡସ୍ ସେପ୍ରକାର ବିନିଯୋଗାକାରଙ୍କ ଠାରୁ ଏକ ଅଧିକ ପରିମାଣ ଅର୍ଥ ସଂଗ୍ରହ କରିଥାଆଂତି । ମ୍ୟୁଚୁଆଲ ଫଣ୍ଡ୍‌ସରେ ପ୍ରବେଶ ପର୍ଯ୍ୟାୟରେ ଲେଭିକୁ ଏଣ୍ଟ୍ରିଲୋଡ୍‌ସ ନାମ ଦିଆଯାଇଥାଏ । ସେହିପରି ଫଣ୍ଡସ୍‌ର ପ୍ରସ୍ଥାନ ପର୍ଯ୍ୟାୟର ଲେଭିକୁ ଏକ୍‌ଜିଟ ଲୋଡ୍‌ସ ନାମ ଦିଆଯାଇଥାଏ । ସାଧାରଣତଃ ଏହି ଲୋଡ୍‌ସମାନ ଏନ.ଏ.ଭି. ପରିମାଣରେ ସଂଯୋଜିତ ରହିଥାଏ । ଉଦାହରଣ ସ୍ୱରୂପ ଏନ.ଏ.ଭି. ର ୧.୫ % ଏଣ୍ଟ୍ରିଲୋଡ କେତେକ ଫଣ୍ଡ୍‌ସ ବିନିଯୋଗ ପରିମାଣ ଅନୁସାରେ ଅଲଗା ଅଲଗା ଲୋଡସ ଆଦାୟ କରିଥାଆଂତି । ଉଦାହରଣ ସ୍ୱରୁପ

୧ ଲକ୍ଷ ଟଙ୍କା ବିନିଯୋଗ ପରିମାଣରୁ କମ ହୋଇଥିଲେ ୧.୫ ଏଣ୍ଟ୍ରିଲୋଡ ହିସାବରେ ଆଦାୟ କରାଯାଇଥାଏ । ସେହିପରି ୧ ଲକ୍ଷ ଟଙ୍କାରୁ ଅଧିକ ବିନିଯୋଗ ପାଇଁ ୧% ଏଣ୍ଟ୍ରିଲୋଡ ଆଦାୟ କରାଯାଇଥାଏ ।

## *ଡେବ୍ଟ-ଓରିଏଣ୍ଟେଡ ମ୍ୟୁଚୁଆଲ ଫଣ୍ଡସ :*

ଏହି ଫଣ୍ଡସମାନ ବିନିଯୋଗକାରୀଙ୍କୁ ନିୟମିତ ପ୍ରତିଲାଭ ଦେବା ପାଇଁ ଉର୍ଦ୍ଦିଷ୍ଟ । ଏହି ଫଣ୍ଡ୍‌ସ ଡେବ୍ଟ ଇନ୍‌ଷ୍ଟ୍ରୁମେଣ୍ଟ୍‌ସରେ ବିନିଯୋଗ କରାଯାଇଥାଏ, ଯୋଉଥିରେ ଆପଦ ସ୍ତର (ଇକ୍ୱିଟୀ ତୁଳନାରେ) କମ ଥାଏ । ତେଣୁ ଏହି ଫଣ୍ଡସ୍‌ରେ ନିୟମିତ ପ୍ରତିଲାଭ ଉତ୍ପନ୍ନ ହୋଇ ପରବର୍ତ୍ତି ପର୍ଯ୍ୟାୟରେ ବିନିଯୋଗକାରୀଙ୍କୁ ଦିଆଯାଇଥାଏ ।

ଫଣ୍ଡସରେ ବିନିଯୋଗ ଧାରା ଅନୁଯାୟୀ ଡେବ୍ଟ ଓରିଏଣ୍ଟେଡ୍ ଫଣ୍ଡସ୍‌ରେ ନିରାପତ୍ତା ସ୍ତର ଆନୁପାତିକ ଭାବରେ ଅଧିକା କୌଣସି ବିନିଯୋଗକାରୀ ସକ୍ରିୟ ଭାବରେ ବିନିଯୋଗ ପରିଚାଳନାରେ ଅଂଶଗ୍ରହଣ କରିବା ଅନୁଚିତ



। କିଂତୁ ଜଣେ ଦାୟିତ୍ୱବାନ ବିନିଯୋଗକାରୀ ସର୍ବଦା ଏନ.ଏ.ଭି ଗତିକୁ ଲକ୍ଷ କରିବା ଆବଶ୍ୟକ ! ଯେହେତୁ ସାଧାରଣତଃ ଡେବ୍‌ଟ ଫଣ୍ଡସରୁ ମିଳୁଥିବା ପ୍ରତିଲାଭ ସର୍ବଦା ସ୍ଥିର ରହିଥାଏ, କିଂତୁ ଏନ.ଏ.ଭି. ଅସ୍ଥିରତା ମଧ୍ୟ ସମ୍ଭବ, ଯଦି ସୁଧ ଶ୍ରେଣୀରେ ପରିବର୍ତ୍ତନ ହୋଇଥାଏ ।

## *ଇକ୍ୱିଟୀ ଓରିଏଣ୍ଟେଡ୍ ମ୍ୟୁଚୁଆଲ୍ ଫଣ୍ଡ୍‌ସ :*

ଏହି ଇକ୍ୱିଟୀଜ୍‌ରେ ବିନିଯୋଗ କରି ମୂଳଧନ ବୃଦ୍ଧି କରାଇବା ସହିତ ଅଧିକ ଲାଭ ଅର୍ଜନ କରିଥାଆଂତି । ଅଧିକାଂଶ ମ୍ୟୁଚୁଆଲ୍ ଫଣ୍ଡ ସ୍କିମ୍‌ସରେ ରିଡେମ୍ପସନ (ପ୍ରତିଦାନ) ୨-୩ ଦିନ ସମୟ ମଧ୍ୟରେ କାର୍ଯ୍ୟକାରୀ କରାଯାଇଥାଏ ।

ଏହି ମ୍ୟୁଚୁଆଲ ଫଣ୍ଡ ସ୍କିମ୍‌ସରେ ନିରାପତ୍ତା ସ୍ତର କମ, କିଂତୁ ବିନିଯୋଗକାରୀଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବରେ ସେୟାର୍‌ସରେ ବିନିଯୋଗ ଅପେକ୍ଷା ଅଳ୍ପ ଉତ୍ତମ ଅଟେ । କାରଣ ଅଧିକାଂଶ ଫଣ୍ଡସ୍ ଗୋଟିଏ ବାକ୍ସର ଇକ୍ୱିଟୀଜ୍‌ରେ ବିନିଯୋଗ କରିଥାଆଂତି, ଯାହାଦ୍ୱାରା ବ୍ୟକ୍ତିଗତ ଭାବରେ ବିନିଯୋଗକାରୀଙ୍କ ଆପଦ (ରିସ୍କ) ଆଂଶିକ ଭାବରେ ରକ୍ଷା କରାଯାଇଥାଏ । ଏହାକୁ ବାକ୍ସ ପ୍ରସ୍ତାବ ନାମ ଦିଆଯାଇଛି । ଇକ୍ୱିଟୀ ଫଣ୍ଡସରେ ପ୍ରତିଲାଭ ସ୍ଥିର ନଥାଏ । ଏହା ସାଧାରଣତଃ ମାର୍କେଟର ଗତି ଏବଂ ନିର୍ଦ୍ଦିଷ୍ଟ ଭାବରେ ମ୍ୟୁଚୁଆଲ୍ ଫଣ୍ଡର ବିନିଯୋଗ ବିଶେଷଜ୍ଞତା ଉପରେ ନିର୍ଭର କରେ । କୌଣସି ବିନିଯୋଗକାରୀ ସକ୍ରିୟ ଭାବରେ ବିନିଯୋଗ ପରିଚାଳନାରେ ଅଂଶ ଗ୍ରହଣ କରିବା ଅନୁଚିତ । କିଂତୁ ସେ ଏନ.ଏ.ଭି. ତଥା ଲୋଡକୁ ଲକ୍ଷ କରିବା ଆବଶ୍ୟକ ।

## ମ୍ୟୁଚୁଆଲ ଫଣ୍ଡସ ଏବଂ ବିତ୍ତୀୟ ସଂସ୍ଥାମାନଙ୍କ ଦ୍ୱାରା ଟ୍ୟାକ୍ସ ସେଭିଙ୍ଗ ସ୍କିମ୍‌ସ :

ସରକାରଙ୍କ ଠାରୁ ସ୍ୱୀକୃତି ପ୍ରାପ୍ତି ପରେ ବିନିଯୋଗକାରୀଙ୍କୁ ନିର୍ଦ୍ଦିଷ୍ଟ ଭାବରେ କର ସୁବିଧା ପାଇଁ ମ୍ୟୁଚୁଆଲ ଫଣ୍ଡସ ଏବଂ ବିତ୍ତୀୟ ସଂସ୍ଥାମାନଙ୍କ ଦ୍ୱାରା ଏହି ସ୍କିମ୍‌ସଗୁଡ଼ିକ ଚାଲୁ କରାଯାଇଥାଏ । ଏ ପ୍ରକାର ସ୍କିମ୍‌ସ ମାଧ୍ୟମରେ ବିନିଯୋଗକାରୀ ଅଧିକ ସୁବିଧା ପାଇଥାଆଂତି । ଉପରୋକ୍ତ ମ୍ୟୁଚୁଆଲ୍ ଫଣ୍ଡସ ଏବଂ ବିତ୍ତୀୟ ସଂସ୍ଥା ବିକଳ୍ପ ବିନିଯୋଗର ନିୟମିତ ବୈଶିଷ୍ଟ୍ୟତା ସହିତ ଏହି ପ୍ରକାର ବିନିଯୋଗ ବିକଳ୍ପର ଅନ୍ୟାନ୍ୟ ବୈଶିଷ୍ଟ୍ୟତା ସମାନ ।

## ଡେରିଭେଟିଭ୍ ପ୍ରଡକ୍ଟସ :

ଫ୍ୟୁଚର୍‌ସ (ଭବିଷ୍ୟତ) ଅପଶନସ୍ (ବିକଳ୍ପ), ୱାରେଣ୍ଟ୍‌ସ (ଆଜ୍ଞା ପ୍ରାପ୍ତ) ଏବଂ ସ୍ୱାପ୍‌ସ (ବିନିମୟ), ଡେରିଭେଟିଭ୍ ପ୍ରଡକ୍ଟସ ନାମରେ ପରିଚିତ । ଅନ୍ୟ ଆସେଟ୍, ଇଣ୍ଡେକ୍ସ କିମ୍ବା ଉଲ୍ଲେଖ ହାର (ରେଫରେନ୍ସ ରେଟ)ରୁ ସେମାନେ ମୂଲ୍ୟ ଲାଭ କରିଥାଆଂତି ।

ଫରୱାର୍ଡ କଣ୍ଟ୍ରାକ୍ଟ (ଚୁକ୍ତି) ହେଉଛି କଷ୍ଟମାଇଜ୍ କଣ୍ଟ୍ରାକ୍ଟ, ଯୋଉଥିରେ ଦେଣ-ନେଣ ସମ୍ବନ୍ଧୀୟ ବୁଝାମଣା ଏକ ଭବିଷ୍ୟତ ତାରିଖ ଅନୁସାରେ କରାଯାଇଥାଏ । କିଂତୁ ଯୋଉ ନିର୍ଦ୍ଦିଷ୍ଟ ତାରିଖରେ କଣ୍ଟ୍ରାକ୍ଟ ଲେଖାଯାଇଥାଏ ଏବଂ ଯୋଉ ମୂଲ୍ୟ ପାଇଁ ଉଭୟ ପକ୍ଷ ସମ୍ମତି ପ୍ରକାଶ କରିଥାଂତି, ସେହି ତାରିଖର ମୂଲ୍ୟ ଭବିଷ୍ୟତ ତାରିଖ ପାଇଁ ମଧ୍ୟ ପ୍ରଯୁଜ୍ୟ ।

ଫ୍ୟୁଚର୍‌ସ କଣ୍ଟ୍ରାକ୍ଟ ଫର୍‌ୱାର୍ଡ କଣ୍ଟ୍ରାକ୍ଟ ସିହତ ସମାନ । ଫ୍ୟୁଚର୍‌ସ କଣ୍ଟ୍ରାକ୍ଟ ହେଉଛି ଷ୍ଟାଣ୍ଡାର୍ଡାଇଜ୍‌ଡ (ପ୍ରାମାଣିକ) ଏବଂ ଏହାର କାରବାର ଡେରିଭେଟିଭ ଏକ୍ସଚେଞ୍ଜରେ କରାଯାଇଥାଏ ।

ଅପସନ୍ ଯେ କୌଣସି କ୍ରେତାଙ୍କୁ ଏକ ପରି ସମ୍ପତ୍ତି (ଆସେଟ) ପାଇଁ ଭବିଷ୍ୟତର ଏକ ତାରିଖରେ କ୍ରୟ / ବିକ୍ରୟ କରିବାର ଅଧିକାର ଦେଇଥାଏ (ଦାୟିତ୍ୱ ନୁହେଁ) । କିଂତୁ ଯୋଉ ତାରିଖରେ ଉଭୟ ପକ୍ଷ ଲିଖିତ

ଚୁକ୍ତିରେ ସହମତ ହୋଇଥିବେ, ସେହି ତାରିଖର ମୂଲ୍ୟ ଭବିଷ୍ୟତ ତାରିଖ ପାଇଁ ପ୍ରଯୁଜ୍ୟ । ଅପସନ୍‌ର ଯେ କୌଣସି କ୍ରେତା ଏକ ନିର୍ଦ୍ଦିଷ୍ଟ ଅର୍ଥ ପ୍ରଦାନ କରି ଥାଆଂତି, ଯାହାକୁ ପ୍ରିମିଅମ କୁହାଯାଏ । ଯୋଉ ଅପସନ୍ ଦ୍ୱାରା କ୍ରେତାଙ୍କୁ ଏକ ଆସେଟ୍ କିଣିବାର ଅଧିକାର ମିଳିଥାଏ, ତାହାକୁ 'କଲ୍ ଅପସନ୍' ବୋଲି କୁହାଯାଏ । ଯୋଉ ଅଧିକାର ଦ୍ୱାରା କ୍ରେତା ତାଙ୍କର ଆସେଟ ବିକ୍ରୟ କରିବାର ଅଧିକାର ପାଇଥାଆଂତି, ତାହାକୁ 'ପୁଟ୍ ଅପସନ୍' କୁହାଯାଏ । ଇକ୍ୱିଟୀ ସେୟାର୍‌ସମାନଙ୍କ ଉପରେ ୱାରେଣ୍ଟ୍‌ସ ହେଉଛି ଦୀର୍ଘ ମିଆଦୀ କଲ୍ ଅପସନ୍ ।

## ଉପଲବ୍ଧ ଅପସନ୍‌ସ'ର ସାରାଂଶ

| ବିନିଯୋଗ ବିକଳ୍ପ | ଲିକ୍ୱିଡିଟୀ (ପରିଶୋଧ) | ନିରାପତ୍ତା | ଆବଶ୍ୟକୀୟ ସକ୍ରୀୟ ସହଭାଗ | କର ସଞ୍ଚୟ | ଆବଶ୍ୟକୀୟ ପରିମାଣ |
|---|---|---|---|---|---|
| ଇକ୍ୱିଟୀ ସେୟାର୍‌ସ | **ସାଧାରଣରୁ ଉଚ୍ଚ** | **ନିମ୍ନ** | **ସାଧାରଣତଃ ହଁ** | **ଦୀର୍ଘ ମିଆଦି ନିମ୍ନ କର** | **ମଧ୍ୟମ** |
| କମ୍ପାନୀ ଡିବେଞ୍ଚର୍‌ସ | ନିମ୍ନ | ସାଧାରଣ | ସାଧାରଣତଃନାଁ | ଟ୍ୟାକ୍ସ ଅଧ୍ୟାୟ ଦେଖଂତୁ | ମଧ୍ୟମ |
| ପବ୍ଲିକ ସେକ୍ଟର୍‌ସ ଏବଂ ଏଫଆଇ ବଣ୍ଡସ | ସାଧାରଣ | ଉଚ୍ଚ | ନାଁ | ଟ୍ୟାକ୍ସ ଅଧ୍ୟାୟ ଦେଖଂତୁ | ନିମ୍ନ |
| ଆରବିଆଇ ଟ୍ୟାକ୍ସ ଫ୍ରି (କରମୁକ୍ତ) ବଣ୍ଡସ | ଉଚ୍ଚ ସାଧାରଣ | | ନାଁ | ଟ୍ୟାକ୍ସ ନାହିଁ | ନିମ୍ନ |
| ଡେବ୍ଟ ଓରିଏଣ୍ଟେଡ ମ୍ୟୁଚୁଆଲ୍ ଫଣ୍ଡସ | ଉଚ୍ଚ | ସାଧାରଣତଃ | ନାଁ | ସାଧାରଣ | ନିମ୍ନ |
| ଇକ୍ୱିଟୀ ଓରିଏଣ୍ଟେଡ ମ୍ୟୁଚୁଆଲ୍ ଫଣ୍ଡସ | ଉଚ୍ଚ | ନିମ୍ନ | ନାଁ | ଉତ୍ତମ | ନିମ୍ନ |

ଉପରୋକ୍ତ ଟେବଲ ଏକ ସୂଚକ । ଆର୍ଥିକ ଅବସ୍ଥା, ସରକାରଙ୍କ ନୀତି ଏବଂ ଅନ୍ୟାନ୍ୟ ବିଷୟ ଅନୁସାରେ ପ୍ରତ୍ୟେକ ଅପସନ୍‌ର ଆକର୍ଷଣୀୟତା ପ୍ରାୟୋଗିକ ରୂପରେ ପ୍ରତିଦିନ ପରିବର୍ତ୍ତିତ ହୋଇଥାଏ ।





# ପରିପକ୍ୱତା ଜନିତ ଉତ୍ପନ୍ନ ଲାଭ

ରିଲାୟାନ୍‌ସ ପେଟ୍ରୋଲିଅମ୍ ଟ୍ରିପଲ୍ ଅପସନ୍ କନଭର୍ଟିବଲ ଡିବେଞ୍ଚର୍‌ସର ଉଦାହରଣ ନିଆଯାଉ । ଅନୁମାନ କରାଯାଉ ଯେ, ୩୧ ଅଗଷ୍ଟ ୧୯୯୯ ମସିହାରେ ୬୫ ଟଙ୍କା ମୂଲ୍ୟରେ ଏକ ଡିବେଞ୍ଚର ଉପଲବ୍ଧ । ତେବେ ସେହି ଡିବେଞ୍ଚର ନିମ୍ନୋକ୍ତ ପ୍ରଣାଳୀରେ ରିଡିମ୍‌ଡ (ମୁକ୍ତ) କରାଯାଇ ପାରିବ ।

୨୦ ଟଙ୍କା ୩୦ ନଭେମ୍ବର ୧୯୯୯ ମସିହାରେ

୩୦ ଟଙ୍କା ୩୦ ନଭେମ୍ବର ୨୦୦୦ ମସିହାରେ

୩୦ ଟଙ୍କା ୩୦ ନଭେମ୍ବର ୨୦୦୧ ମସିହାରେ

ଏହି କାରବାରରେ ବିନିଯୋଗକାରୀ କୋଉ ପରିମାଣ ପରିପକ୍ୱତା ଜନିତ ଉତ୍ପନ୍ନ ଆୟ ଲାଭ ପରିପାରିବେ ?

ଆଭ୍ୟଂତରୀଣ ପ୍ରତିଲାଭର ହାର (ଇଣ୍ଟରନାଲ୍ ରେଟ ଅଫ ରିଟର୍ଣ୍ଣ) ପ୍ରକ୍ରିୟା ମାଧ୍ୟମରେ କମ୍ପ୍ୟୁଟର ସ୍ପ୍ରେଡସିଟ୍‌ସ, ଆପଣଙ୍କୁ ପରିପକ୍ୱତା ଜନିତ ଆୟ ସୂଚନା ସମୟ ସମୟରେ ପ୍ରଦାନ କରିଥାଏ । ଚାଲଂତୁ , ଆମ୍ଭେ ଏଠାରେ ଟ୍ରାୟାଲ ଆଣ୍ଡ ଏରର୍ (ପ୍ରଚେଷ୍ଟା ଏବଂ ଭୂଲ) ପ୍ରଣାଳୀ ଅବଲମ୍ବନ କରି ପରିଗଣନା ପାଇଁ ଉଦ୍ୟମ କରିବା । ଧରିନିଅଂତୁ, ୱାୟଟିଏମ୍ ବର୍ଷକୁ ୧୮% ଥିଲା ।

୩ ମାସ ସମୟ ପାଇଁ (ସେପ୍ଟେମ୍ବର, ଅକ୍ଟୋବର ଏବଂ ନଭେମ୍ବର ୧୯୯୯) ୬୫ ଫେରସ୍ତ ମିଳୁଥିବା ୨୦ ଟଙ୍କା, ୨ ଟଙ୍କା ୯୩ ପଇସା ସୁଧ ପରିମାଣ ସହିତ ସଂଯୁକ୍ତ ଏବଂ ୧୭ ଟଙ୍କା ୦୭ ପଇସା ହେଉଛି ପ୍ରିନ୍‌ସିପାଲ୍ ପରିମାଣ । ବଳକାଂଶ ବିନିଯୋଗ କରାଯାଉଥିବା ପ୍ରିନ୍‌ସିପାଲ୍ ପରିମାଣ ୬୫ ଟଙ୍କା । ସେଥିରୁ ଟ ୧୭.୦୭ ପଇସା ବାଦ ଦିଆଯିବା ପରେ, ଏହି ପରିମାଣ ୪୭ ଟଙ୍କା ୯୩ ପଇସା ହେବ ।

୪୭ ଟଙ୍କା ୯୩ ପଇସା ଉପରେ ୩୦ ନଭେମ୍ବର ୨୦୦୦ ମସିହାରେ ସମାପ୍ତ ହେଉଥିବା ବର୍ଷ ପାଇଁ ଆପଣ ୧୮% ଅର୍ଜନ କରିପାରୁଛଂତି । ଏହି ପରିମାଣ ହେଉଛି ୮ ଟଙ୍କା ୬୩ ପଇସା । ସୁତରାଂ କମ୍ପାନୀଙ୍କ ଦ୍ୱାରା ଆପଣଙ୍କୁ ମିଳୁଥିବା ୩୦ ଟଙ୍କାରେ, ୮ ଟଙ୍କା ୬୩ ପଇସା ସୁଧ ଏବଂ ବାଲାନ୍‌ସ (ବଳକାଂଶ ପରିମାଣ) ୨୧ ଟଙ୍କା ୩୭ ପଇସା ପ୍ରିନ୍‌ସିପାଲ୍ ପରିମାଣ ଭାବରେ ସଂଯୋଜିତ ହୋଇଥାଏ । ଆପଣଙ୍କର ବକେୟା ପ୍ରିନ୍‌ସିପାଲ ପରିମାଣ ୪୭ ଟଙ୍କା ୯୩ ପଇସା ବିଯୁକ୍ତ ୨୧ ଟଙ୍କା ୩୭ ପଇସା ଅର୍ଥାତ ଏବେ ଏହି ପରିମାଣ ୨୬ ଟଙ୍କା ୫୬ ପଇସା ହେବ ।

୨୬ ଟଙ୍କା ୫୬ ପଇସା ଉପରେ ନଭେମ୍ବର ୩୦, ୨୦୦୧ ରେ ସମାପ୍ତ ହେଉଥିବା ବର୍ଷପାଇଁ ଆପଣ ୧୮% ଅର୍ଜନ କରିପାରିବେ । ଏହାର ପରିମାଣ ୪ ଟଙ୍କା ୭୮ ପଇସା ତେଣୁ ୩୦ ଟଙ୍କା, ଯାହା କମ୍ପାନୀ ଆପଣଙ୍କୁ ଦେଉଛଂତି ହେଉଛି ୪ ଟଙ୍କା ୭୮ ପଇସା । ତେଣୁ ୩୦ ଟଙ୍କା, ଯାହା କମ୍ପାନୀ ଆପଣଙ୍କୁ ଦେଉଛଂତି ତାହା ହେଉଛି ୪ ଟଙ୍କା ୭୮ ପଇସା ସୁଧ ପରିମାଣ ଏବଂ ବାଲାନ୍‌ସ ୨୬ ଟଙ୍କା ୨୨ ପଇସା ପ୍ରିନ୍‌ସିପାଲ୍ ପରିମାଣ । କିଂତୁ ଆପଣଙ୍କର ପ୍ରକୃତ ପ୍ରିନ୍‌ସିପାଲ୍ ପରିମାଣ ହେଉଛି ୨୬ ଟଙ୍କା ୫୬ ପଇସା ।

ଏଥିରୁ ଏହା ସୂଚିତ ହେଉଛି ଯେ ଆମ୍ଭେ ଏକ ଉଚ୍ଚ ୱାଇଟିଏମ୍ କଳନା କରି ପାରିଛୁ । ଆମ୍ଭେ ପୁଣି ଏହି ୱାଇଟିଏମ୍‌କୁ ହ୍ରାସ କରାଇବା ସହିତ ବାରମ୍ବାର ପରିଗଣନା କରିବା ଆବଶ୍ୟକ । ଏଥିରୁ ଉତ୍ପନ୍ନ ହେବାକୁ ଥିବା ପରିମାଣ ଏହି ପ୍ରକାର ହୋଇଥାଏ । ସଠିକ ଉତ୍ପନ୍ନ ବାଲାନ୍‌ସ ପ୍ରିନ୍‌ସିପାଲ୍ ୨୬ ଟଙ୍କା ୫୬ ପଇସା ହେବ ପ୍ରକୃତରେ ୧୬ ଟଙ୍କା ୭୩ ପଇସା । ନିମ୍ନରେ ପ୍ରଦତ୍ତ ଟେବଲ୍‌ରୁ ଏହି ପରିଗଣନାର କାର୍ଯ୍ୟକାରିତା ଲକ୍ଷ କରାଯାଇପାରେ ।

| ପୁନଃ ପଇଠ | ପଇଠ ପରିମାଣ | ସୁଧ | ପଇଠ ପ୍ରିନ୍‌ସିପାଲ୍ | ପ୍ରିନ୍‌ସିପାଲ୍ ବାଲାନ୍‌ସ |
|---|---|---|---|---|
| ୩୦ ନଭେମ୍ବର ୧୯୯୯ | ୨୦.୦୦ | ୨.୭୨ | ୧୭.୨୮ | ୪୭.୭୨ |
| ୩୦ ନଭେମ୍ବର ୨୦୦୦ | ୩୦.୦୦ | ୭.୯୮ | ୨୨.୦୨ | ୨୫.୭୦ |
| ୩୦ ନଭେମ୍ବର ୨୦୦୧ | ୩୦.୦୦ | ୪.୩୦ | ୨୫.୭୦ | ଶୂନ୍ୟ |



ଚତୁର୍ଥ ଅଧ୍ୟାୟ

# ସିକ୍ୟୁରିଟୀଜ୍ କାରବାର କିପରି ପରିଚାଳନା କରିବେ ?

## ନିମ୍ନୋକ୍ତ ବିଷୟଗୁଡ଼ିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ :

ସିକ୍ୟୁରିଟୀଜ୍‌ରେ ବିନିଯୋଗ ପୂର୍ବରୁ ନିମ୍ନୋକ୍ତ ବିଷୟଗୁଡ଼ିକ ଉପରେ ଗୁରୁତ୍ୱ ଦିଅଂତୁ:

୧. ସିକ୍ୟୁରିଟୀ ପାଇଁ କୌଣସି ନିୟନ୍ତ୍ରକ ପ୍ରାଧାର ବା (ରେଗୁଲେଟୋରୀ ଫ୍ରେମ୍‌ୱାର୍କ) ରହିଛି କି ? କୌଣସି ଆକସ୍ମିକ କାରଣରୁ ଆପଣଙ୍କ ବିନିଯୋଗ ସୁରକ୍ଷିତ କି ? (ବିନିଯୋଗକାରୀ ହିସାବରେ ଆପଣଙ୍କୁ କୋଉ ପ୍ରକାର ସୁରକ୍ଷା ମିଳିପାରିବ ?)

୨. ସିକ୍ୟୁରିଟୀଜ୍ ଅଫର, ଆଇନ୍‌ର ଉପଯୁକ୍ତ ଧାରାର ଅନୁବର୍ତ୍ତୀ କି ନୁହେଁ, ତାହା ଯାଞ୍ଚ କରିବା ଉଚିତ ।

୩. ସିକ୍ୟୁରିଟୀଜର କୌଣସି ପ୍ରତିପକ୍ଷ (କାଉଣ୍ଟର ପାର୍ଟି) ରିସ୍କ (ଆପଦ) ରହିଛି କି ?

୪. ସିକ୍ୟୁରିଟୀକୁ ସହଜରେ ନଗଦ ଟଙ୍କା ଆକାରରେ ଲିକ୍ୱିଡିଟୀ (ପରିଶୋଧ) କରିବାର ବ୍ୟବସ୍ଥା ଅଛି କି ? ଏହାଦ୍ୱାରା ଆପଣଙ୍କର ଲିକ୍ୱିଡିଟୀ (ପରିଶୋଧ ବ୍ୟବସ୍ଥା)ର ଆବଶ୍ୟକତା ପୂରଣ ହୋଇପାରିବ ।

୫. ରିସ୍କ ସହିତ ସିକ୍ୟୁରିଟୀରୁ ଉତ୍ପନ୍ନ ପ୍ରତିଲାଭର ଅନୁକୂଳତା ଯାଞ୍ଚ କରଂତୁ ।

୬. ଆପଣଙ୍କର ବିନିଯୋଗ ରୂପରେଖ ସହିତ ବିନିଯୋଗ କରାଯାଉଥିବା ସିକ୍ୟୁରିଟୀ ଉପଯୁକ୍ତ କି ? ଏହା ଆପଣଙ୍କର ବିନିଯୋଗ ଲକ୍ଷ ହାସଲ କରିବାରେ ସମର୍ଥ କି ? (ଯଥା ବିବିଧକରଣ, ବିନିଯୋଗ ଦିଗଂତ , ଆୟର ନିୟମିତତା, ବୃଦ୍ଧିର ସୁଯୋଗ, ଇସ୍ୟୁଅର୍‌ଙ୍କ ଗୁଣବତ୍ତା ଇତ୍ୟାଦି)

## ସିକ୍ୟୁରିଟୀଜକୁ ନଗଦ ଅର୍ଥ ଆକାରରେ ରୂପାଂତରଣ :

ଆପଣ ସିକ୍ୟୁରିଟୀକୁ ନଗଦ ଅର୍ଥ ଆକାରରେ ରୂପାଂତରିତ କରିପାରିବେ, ଯଦି ସେହି ସିକ୍ୟୁରିଟୀଜମାନ ଷ୍ଟକ ଏକ୍ସଚେଞ୍ଜରେ ସୂଚିତ କରାଯିବା ସହିତ ସକ୍ରିୟ ଭାବରେ କ୍ରୟ ବିକ୍ରୟ କାରବାର କରାଯାଉଥିବ । କୌଣସି ଏକ୍ସଚେଞ୍ଜରେ ଆପଣ ସିକ୍ୟୁରିଟୀ ବିକ୍ରୟ କରିପାରିବେ ଏବଂ ଏକ୍ସଚେଞ୍ଜର ପଇଠ ବ୍ୟବସ୍ଥା ଚକ୍ର ଅନୁସାରେ ନଗଦ ଅର୍ଥ ପାଇପାରିବେ । ଯେହେତୁ ଷ୍ଟକ ଏକ୍ସଚେଞ୍ଜ ମାଧ୍ୟମରେ କରାଯାଉଥିବା ସମସ୍ତ କାରବାରରେ ସେଟଲ୍‌ମେଣ୍ଟ (ପଇଠ ଚୁକ୍ତି ବ୍ୟବସ୍ଥା) ଗ୍ୟାରେଣ୍ଟୀ ଥାଏ, ଆପଣ ସେହି କାରଣରୁ ଅନାୟାସରେ ଠିକ ସମୟରେ ନଗଦ ଅର୍ଥ ପାଇ ପାରିବେ । କୌଣସି କାରଣରୁ ଯଦି ଆପଣ ନଗଦ ଅର୍ଥ ପ୍ରାପ୍ତ କରିପାରୁ ନାହାଂତି, ତେବେ ସେଇଥିପାଇଁ ଆପଣଙ୍କର ଦାବୀର ଉପଯୁକ୍ତ ପଇଠ ଚୁକ୍ତି ପାଇଁ ଆନୁଷ୍ଠାନିକ ବନ୍ଦୋବସ୍ତ ରହିଛି । ସମସ୍ତ ସିକ୍ୟୁରିଟୀଜ୍‌ମାନ ଏକ୍ସଚେଞ୍ଜମାନଙ୍କରେ ସୂଚୀତ କରାଯାଇନଥାଏ ଏବଂ ସମସ୍ତ ସୂଚିତ ସିକ୍ୟୁରିଟୀଜ୍‌ମାନ ସକ୍ରିୟ ଭାବରେ ବଜାରରେ କାରବାର କରାଯାଇନଥାଏ । ଯଦି ଲିକ୍ୱିଡିଟୀ (ପରିଶୋଧ ବ୍ୟବସ୍ଥା)କୁ ଆପଣ ସବୁଠାରୁ ଅଧିକ ଗୁରୁତ୍ୱ ଦେଉନଥାଆଂତି, ତେବେ ଆପଣ ସେହି ନିର୍ଦ୍ଦିଷ୍ଟ ସିକ୍ୟୁରିଟୀର କାରବାର ଇତିହାସକୁ ଯତ୍ନର ସହିତ ଅନୁଧ୍ୟାନ କରିବା ଉଚିତ ।

### ସିକ୍ୟୁରିଟୀଜ୍ କିପରି ପାଇ ପାରିବେ ?

ପ୍ରାଇମେରୀ କିମ୍ବା ସେକେଣ୍ଡାରୀ ମାର୍କେଟରେ ଫଣ୍ଡସମାନଙ୍କ ଦ୍ୱାରା ଚାଲୁ କରାଯାଉଥିବା ସିକ୍ୟୁରିଟୀଜ୍‌କୁ ଆପଣ ଗ୍ରାହକ ହିସାବରେ ପାଇପାରିବେ ଇସ୍ୟୁଅର୍‌ଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟରେ ବିନିଯୋଗକାରୀ ସିକ୍ୟୁରିଟୀଜ୍‌ର ପବ୍ଲିକ ଇସ୍ୟୁଜ୍ କିଣିବାର ସିଦ୍ଧାଂତ ନେଇ ପାରିବେ କିମ୍ବା ବିନିଯୋଗକାରୀ ବୁକ୍ ବିଲ୍‌ଡିଙ୍ଗ / ନିଲାମ ମାଧ୍ୟମରେ ସିକ୍ୟୁରିଟୀଜ୍‌ର ମୂଲ୍ୟ ନିର୍ଦ୍ଧାରିତ କରିପାରିବେ । ଆପଣ ରାଇଟ୍‌ସ ଇସ୍ୟୁଜ ମଧ୍ୟ ଗ୍ରାହକ ହିସାବରେ ପାଇପାରିବେ ଯାହା କମ୍ପାନୀମାନଙ୍କ ଦ୍ୱାରା ଦିଆଯାଇଥାଏ । କମ୍ପାନୀମାନଙ୍କ ଦ୍ୱାରା ଦିଆଯାଉଥିବା ସିକ୍ୟୁରିଟୀଜ୍ ମଧ୍ୟ ବୋନସ୍ ଆକାରରେ ଆପଣ ପାଇ ପାରିବେ । ମ୍ୟୁଚୁଆଲ୍ ଫଣ୍ଡସର ସିକ୍ୟୁରିଟୀ / ୟୁନିଟ୍‌ସମାନ ଆହରଣ କରିବା ପୂର୍ବରୁ ଭଲ ଭାବରେ ଆପଦ ସମ୍ବନ୍ଧରେ ବିନିଯୋଗକାରୀ ସଚେତନ ରହିବା ଉଚିତ । ସେବିଙ୍କ ମାଧ୍ୟମରେ ରେଜିଷ୍ଟାର୍ଡ ବ୍ରୋକର / ସବ୍ ବ୍ରୋକର୍‌ମାନଙ୍କ ଦ୍ୱାରା ମଧ୍ୟ ଆପଣ ଷ୍ଟକ ଏକ୍ସଚେଞ୍ଜରେ ସିକ୍ୟୁରିଟୀ କ୍ରୟ କିମ୍ବା ବିକ୍ରୟ କରିପାରିବେ ।

### ବିନିଯୋଗକାରୀଙ୍କ ଅଧିକାର ଏବଂ ଦାୟିତ୍ୱ :

ବିନିଯୋଗ ସମ୍ବନ୍ଧରେ ଡକ୍ୟୁମେଣ୍ଟସ (ଦସ୍ତାବିଜ) ଗ୍ରହଣ କରିବା ଆପଣଙ୍କର ଦାୟିତ୍ୱ । ଇଣ୍ଟରମିଡିଆରୀ (ମଧ୍ୟସ୍ଥ) ଯାହାଙ୍କ ମାଧ୍ୟମରେ ଆପଣ କାରବାର କରିବାକୁ ଚାହୁଁଛଂତି, ତାଙ୍କର ସାର୍ଟିଫିକେଟ ଅଫ ରେଜିଷ୍ଟ୍ରେସନ୍ ବୈଧତା ଯାଞ୍ଚ କରିବା ପାଇଁ ଦାବୀ କରିବା ବିନିଯୋଗକାରୀ ହିସାବରେ ଆପଣଙ୍କର ଅଧିକାର ଅଟେ । ଆପଣଙ୍କୁ ଠିକ ସମୟରେ ଆଲଟମେଣ୍ଟ କିମ୍ବା ଟ୍ରାନ୍ସଫର ଆଧାରରେ ସିକ୍ୟୁରିଟୀଜମାନ ମିଳିବା ଆବଶ୍ୟକ । ଯଦି ଆପଣଙ୍କ ସିକ୍ୟୁରିଟୀ ଆପଣଙ୍କୁ ସେୟାର ହୋଲ୍‌ଡର (ସେୟାରଧାରୀ) କରାଏ, ତେବେ ସେହି କାରଣରୁ ଆପଣଙ୍କୁ ନିୟମିତ ଡିଭିଡେଣ୍ଡ ଏବଂ ଅନ୍ୟାନ୍ୟ କର୍ପୋରେଟ ସୁବିଧା ଯଥା ରାଇଟ୍‌ସ, ବୋନସ, ଇତ୍ୟାଦି ମିଳିବା ଆବଶ୍ୟକ । ଜେନେରାଲ ମିଟିଙ୍ଗସରେ ଆପଣଙ୍କୁ ଅଂଶଗ୍ରହଣ କରିବା ସହିତ ଭୋଟ ଦେବାର ଅଧିକାର ମିଳିବା ଉଚିତ । ତା ଛଡ଼ା ଆପଣଙ୍କୁ ବାର୍ଷିକ ରିପୋର୍ଟର ପ୍ରତିଲିପି ତଥା କମ୍ପାନୀ ବନ୍ଦ କରାଯିବା ସମ୍ବନ୍ଧରେ ଦରଖାସ୍ତର ନକଲ ଆଦି ମିଳିବା ଉଚିତ । ଆପଣ ଯଦି ଏକ ଡିବେଞ୍ଚରଧାରୀ ହୋଇଥାଆଂତି, ତେବେ ଆପଣଙ୍କୁ ଠିକ ସମୟରେ ସୁଧ / ରିଡେମ୍ପସନ୍ ମିଳିବା ଆପଣଙ୍କର ଅଧିକାର । ସେହିପରି ଯଦି କମ୍ପାନୀ ତାଙ୍କର କରଜ ଶୁଝିବାରେ ଅକ୍ଷମତା କାରଣରୁ ଆପଣଙ୍କୁ କମ୍ପାନୀ ବନ୍ଦ କରାଯିବା ସମ୍ବନ୍ଧରେ ଏକ ଦରଖାସ୍ତକାରୀ ହିସାବରେ ଅଧିକାର ମିଳିବା ଆବଶ୍ୟକ । ଆପଣ ଯଦି ଏକ୍ସଚେଞ୍ଜ ମାଧ୍ୟମରେ କାରବାର କରୁଥାଆଂତି, ଆପଣଙ୍କୁ ଠିକ ସମୟରେ ସିକ୍ୟୁରିଟୀଜ୍ ତଥା ଆପଣଙ୍କ ବିନିଯୋଗ ଉପରେ ନିର୍ଦ୍ଧାରିତ ସେହି ସମୟରେ ଉଚିତ ପରିମାଣର ଅର୍ଥ (ଯାହା ଆପଣଙ୍କର ପ୍ରାପ୍ୟ) ମିଳିବା ଉଚିତ ।

ଆପଣଙ୍କ ଉପରେ ନ୍ୟସ୍ତ କରାଯାଇଥିବା ଅଧିକାର ଏବଂ ଆବଶ୍ୟକତା ଅନୁସାରେ ଆପଣଙ୍କର ସାଧାରଣ ଦାୟିତ୍ୱମାନ ହେଲା ଆପଣ ଯୋଉ କମ୍ପାନୀ / ଇଣ୍ଟରମିଡିଆରୀ ଏବଂ ସିକ୍ୟୁରିଟୀଜ୍‌ଗୁଡ଼ିକ ସହିତ ବ୍ୟବସାୟିକ କାରବାର ପରିଚାଳନା କରୁଛଂତି, ସେଗୁଡ଼ିକ ସମ୍ପର୍କରେ ଅଧିକ ସଚେତନ ରହିବା ବାଞ୍ଛନୀୟ ।

### ଇଣ୍ଟରମିଡିଆରୀଜ୍ :

ଅନେକ ପ୍ରକାରର ଇଣ୍ଟରମିଡିଆରୀଜ୍ (ମଧ୍ୟସ୍ଥ) ଯଥା ବ୍ରୋକର୍‌ସ, ମରଚେଣ୍ଟ ବ୍ୟାଙ୍କର୍‌ସ, ଡିପୋଜିଟୋରିଜ୍, ମ୍ୟୁଚୁଆଲ୍ ଫଣ୍ଡସ, ସିକ୍ୟୁରିଟୀଜ୍‌ର ଇସ୍ୟୁଅର୍‌ସ ଏବଂ ବିନିଯୋଗାକାରୀ ଏବଂ ବିନିଯୋଗକାରୀଙ୍କ ମଧ୍ୟରେ ମଧ୍ୟସ୍ଥତା କରିଥାଆଂତି । ଏ ପ୍ରକାର ଇଣ୍ଟରମିଡିଆରୀଜ୍‌ମାନେ ସିକ୍ୟୁରିଟୀ ମାର୍କେଟରେ ସେବିଙ୍କ ଦ୍ୱାରା



ରେଜିଷ୍ଟ୍ରିଭୁକ୍ତ (ପଞ୍ଜିକୃତ) ହେବା ସହିତ ନିୟନ୍ତ୍ରିତ ହୋଇଥାଆଂତି । ପ୍ରତ୍ୟେକ ଇଣ୍ଟରମିଡିଆରୀଙ୍କ ପାଇଁ ଏକ ଆଚରଣବିଧି ଅନୁମୋଦିତ କରାଯିବା ସହିତ ଅନ୍ୟ କେତେକ ଇଣ୍ଟର ମିଡିଆରୀଜ୍ ଯଥା ମ୍ୟୁଚୁଆଲ୍ ଫଣ୍ଡସର ଏଜେଣ୍ଟସ୍‌ଙ୍କୁ ସେବିଙ୍କ ଦ୍ୱାରା ମ୍ୟୁଚୁଆଲ୍ ଫଣ୍ଡସ ମାଧ୍ୟମରେ ପରୋକ୍ଷ ଭାବରେ ନିୟନ୍ତ୍ରିତ କରାଯାଇଥାଏ ।

### କୌଣସି ଇଣ୍ଟରମିଡିଆରୀ ମାଧ୍ୟମରେ କାରବାର କରିବା ଆବଶ୍ୟକ କି ?

କେତେକ କାରବାର କୌଣସି ଏକ ଇଣ୍ଟରମିଡିଆରୀଙ୍କ ମାଧ୍ୟମରେ ପରିଚାଳନା କରିବା ଆବଶ୍ୟକ । ଉଦାହରଣ ସ୍ୱରୂପ, ଷ୍ଟକ ଏକ୍ସଚେଞ୍ଜରେ ଯଦି ଆପଣ କୌଣସି ସିକ୍ୟୁରିଟୀ କ୍ରୟ ବିକ୍ରୟ କରିବାକୁ ଚାହୁଁଛଂତି, ତେବେ ସେ ପ୍ରକାର କାରବାର କୌଣସି ବ୍ରୋକର / ସବ୍-ବ୍ରୋକର ଜରିଆରେ କରାଯିବା ଉଚିତ । ଆପଣ ଯଦି ସିକ୍ୟୁରିଟୀଜ୍‌କୁ ଡିମାଟ ଆକାରରେ ଧାରଣ କରିବାକୁ ଚାହୁଁଛଂତି, ତେବେ ଆପଣଙ୍କ ଏକ ଆକାଉଣ୍ଟ ଏକ ଡିପୋଜିଟୋରୀ ସହିତ ଚାଲୁ ରଖିବା ଜରୁରୀ । ଆପଣ ଯଦି ପବ୍ଲିକ ଇସ୍ୟୁଜ ପାଇଁ ଗ୍ରାହକ ହୋଇଥାଆଂତି, ତେବେ ଆପଣଙ୍କର ଅର୍ଥ ସେହି ଇସ୍ୟୁର ବ୍ୟାଙ୍କରଙ୍କ ସହିତ ଜମା କରିବା ଆବଶ୍ୟକ । କୌଣସି ଇଣ୍ଟରମିଡିଆରୀଙ୍କ ଜରିଆରେ କାରବାର ପରିଚାଳନା ଦ୍ୱାରା ଆପଣଙ୍କୁ ମାର୍ଗଦର୍ଶନ ମିଳିଥାଏ । କୌଣସି ସେବି ରେଜିଷ୍ଟାର୍ଡ ଇଣ୍ଟରମିଡିଆରୀଙ୍କୁ ନିର୍ବାଚିତ କରଂତୁ, କାରଣ ସେ ଏପ୍ରକାର କାରବାର ପାଇଁ ଦାୟିତ୍ୱବାନ ଅଟଂତି । ସେବିଙ୍କ ନିକଟରେ, ଏକ୍ସଚେଞ୍ଜ ଏବଂ ଇଣ୍ଡଷ୍ଟ୍ରୀ ଆସୋସିଏସନ୍‌ଙ୍କ ନିକଟରେ ରେଜିଷ୍ଟାର୍ଡ ଇଣ୍ଟରମିଡିଆରୀଜ୍ ମାନଙ୍କର ଏକ ତାଲିକା ଉପଲବ୍ଧ ହୋଇଥାଏ ।

### ଇଣ୍ଟରମିଡିଆରୀ ନିର୍ବାଚନ :

ଯୋଉ ଇଣ୍ଟରମିଡିଆରୀ ସେବିଙ୍କ ଦ୍ୱାରା ନିୟାମକ ବିଧିର ପାତ୍ର, ସେହି ମଧ୍ୟସ୍ଥଙ୍କ ଜରିଆରେ କେବଳ କାରବାର କରଂତୁ । ସେହି ଇଣ୍ଟରମିଡିଆରୀ ସେବିଙ୍କ ସହିତ ରେଜିଷ୍ଟ୍ରିଭୁକ୍ତ ହୋଇଥିବେ । ଆପଣ ଇଣ୍ଟରମିଡିଆରୀ ଅଫିସମାନଙ୍କରେ ସୂଚିତ କରାଯାଇଥିବା ରେଜିଷ୍ଟ୍ରେସନ୍ ସାର୍ଟିଫିକେଟକୁ ସେଥି ସକାଶେ ଯାଞ୍ଚ କରି ଦେଖିବା ଉଚିତ । ଏକ ଇଣ୍ଟରମିଡିଆରୀ ନିର୍ବାଚନ ସମୟରେ ଆପଣ ଏ ସମସ୍ତ ବିଷୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ :

କ) ସେବା ବାବଦରେ ଖର୍ଚ୍ଚ ପରିମାଣ । ଖ) ସେବାର ଗୁଣବତ୍ତା । ଗ) ଇଣ୍ଟରମିଡିଆରୀଙ୍କ କାର୍ଯ୍ୟ ପ୍ରଣାଳୀ ଧାରା । ଘ) ଅବସ୍ଥିତି ଏବଂ ଆପଣଙ୍କର ସୁବିଧା

ଯେ କୌଣସି ଇଣ୍ଟରମିଡିଆରୀଙ୍କର ସାଧାରଣ ସୁନାମ ବର୍ତ୍ତମାନ ପର୍ଯ୍ୟାୟରେ ସୂଚୀତ କ୍ଲାଏଣ୍ଟ୍‌ସ (ଗ୍ରାହକ) ମାଧ୍ୟମରେ ଜଣା ପଡ଼ିଥାଏ । କୌଣସି କାରଣରୁ ଆଚରଣ ବିଧି ଜନିତ ନିୟମ ଭଙ୍ଗ କରୁଥିବା ଇଣ୍ଟରମିଡିଆରୀଜମାନଙ୍କୁ ସେବିଙ୍କ ଦ୍ୱାରା ଦଣ୍ଡିତ କରାଯାଉଥିଲେ, ସେ ସମ୍ବନ୍ଧରେ ପ୍ରେସ ଇସ୍ତାହାର ଦିଆଯାଇଥାଏ । ଏକ୍ସଚେଞ୍ଜମାନଙ୍କ ଦ୍ୱାରା ଯେତେବେଳେ କୌଣସି ବ୍ରୋକରଙ୍କୁ ନିଲମ୍ବିତ କରାଯାଇଥାଏ, ତାହା ପ୍ରେସ ଇସ୍ତାହାର ରୂପରେ ପ୍ରକାଶ କରାଯାଇଥାଏ । ଯଦି ଇଣ୍ଟରମିଡିଆରୀଜ୍ ବ୍ୟବସାୟିକ ଭାବରେ କାର୍ଯ୍ୟ କରୁ ନଥାଂତି, ଆପଣ ସେବିଙ୍କ ସହିତ ଏ ସମ୍ପର୍କରେ ସମ୍ପର୍କ ସ୍ଥାପନ କରଂତୁ । ତତ୍‌ବ୍ୟତୀତ ଆପଣ ନିଜସ୍ୱ ନିୟାମକ ସଂସ୍ଥା (ସେଲ୍‌ଫ ରେଗୁଲେଟୋରୀ ଅର୍ଗାନାଇଜେସନ) / ଇଣ୍ଡଷ୍ଟ୍ରୀ ଆସୋସିଏଶନଙ୍କ ସହିତ ଏ ସମ୍ପର୍କରେ କାରବାର କରିପାରିବେ, କାରଣ ଇଣ୍ଟରମିଡିଆରୀଜ ମାନ ଏହି ସମସ୍ତ ସଂସ୍ଥା ସହିତ ସମ୍ବନ୍ଧିତ ରହିଥାଆଂତି । ଏହା ବ୍ୟତୀତ ଆପଣ କୋର୍ଟରେ ମଧ୍ୟ ଆପଣଙ୍କ ନ୍ୟାୟ ପାଇଁ ପ୍ରତିବାଦ କରିପାରିବେ ।

## ପ୍ରାଇମେରୀ ମାର୍କେଟ :

ନୂତନ ସିକ୍ୟୁରିଟୀଜ୍ ପ୍ରସାରିତ କରିବା ପାଇଁ ପ୍ରାଇମେରୀ ମାର୍କେଟ ହେଉଛି ଉପଯୁକ୍ତ ସ୍ଥାନ । କମ୍ପାନୀଗୁଡ଼ିକ ବିନିଯୋଗ ପାଇଁ ଫଣ୍ଡସ (ନିଧି) ସୃଷ୍ଟି କରିବା ସକାଶେ ଏବଂ କେତେକ ଦାୟିତ୍ୱ ତୁଲାଇବା ସକାଶେ ମାର୍କେଟରେ ନୂତନ ସିକ୍ୟୁରିଟୀଜ ପ୍ରଚଳନ କରି ଥାଆଂତି । ସେମାନେ ପବ୍ଲିକ ଇସ୍ୟୁଜ୍, ରାଇଟ୍ସ ଇସ୍ୟୁଜ୍ କିମ୍ବା ବିକ୍ରୟ ନିମଂତେ ଅଫର ମାଧ୍ୟମରେ ଏହା କରିଥାଆଂତି । ଯଦି ଯେ କୌଣସି ବ୍ୟକ୍ତି ସିକ୍ୟୁରିଟୀଜର ଗ୍ରାହକ ହୋଇ ପାରିଥାଆଂତି, ତେବେ ଏହାକୁ ପବ୍ଲିକ ଇସ୍ୟୁ ନାମ ଦିଆଯାଇଥାଏ । ଯଦି କେବଳ ବିଦ୍ୟମାନ ସେୟାର ହୋଲ୍ଡର୍ସଙ୍କୁ ଏହି ଅଫର ଦିଆଯାଉଥାଏ ଏହା ରାଇଟ୍ସ ଇସ୍ୟୁବୋଲି ପରିଚିତ ହୋଇଥାଏ । କିଂତୁ ଯଦି କେବଳ ସୁନିର୍ବାଚିତ ବ୍ୟକ୍ତିଙ୍କୁ ଏହି ଅଫର ଦିଆଯାଉଥାଏ, ତେବେ ଏହାକୁ ପ୍ରାଇଭେଟ ପ୍ଲେସ୍‌ମେଣ୍ଟ ନାମ ଦିଆଯାଇଥାଏ । ପ୍ରାଇଭେଟ ପ୍ଲେସମେଣ୍ଟ ସେବିଙ୍କର ରେଗୁଲେଟୋରୀ ପରିଭିଉ (ନିୟାମକ ପରିସର)ଭୁକ୍ତ ହୋଇନଥାଏ। ଇସ୍ୟୁଅର୍ସ ମାନେ, ଯୋଉମାନେ ଯୋଗ୍ୟତା ଆବଶ୍ୟକତା ପୂରଣ କରିଥାଆଂତି ସେବିଙ୍କର ନିର୍ଦ୍ଦେଶାବଳୀ ସହିତ ଖାପଖୁଆଇ ଏବଂ କମ୍ପାନୀ ଆଇନ, ୧୯୫୬ ର ବ୍ୟବସ୍ଥା ଅନୁସାରେ ସିକ୍ୟୁରିଟୀଜ ମାନ ପ୍ରସାରିତ କରିପାରିବେ । ଯଦି ଆପଣ ପ୍ରାଇମେରୀ ମାର୍କେଟରୁ ସିକ୍ୟୁରିଟୀ କିଣିବାକୁ ଚାହୁଁଛଂତି, ତେବେ ଆପଣ ପୂର୍ବରୁ ବର୍ଣ୍ଣିତ ବିନିଯୋଗ କରିବା ପାଇଁ ବାରଟି ଉପାୟ ଭଲ ଭାବରେ ଅନୁଧ୍ୟାନ କରଂତୁ ।

## ଇସ୍ୟୁଜମାନଙ୍କ ସମ୍ବନ୍ଧରେ ତଥ୍ୟ ସଂଗ୍ରହ :

ସିକ୍ୟୁରିଟୀଜ ପ୍ରଚଳନ କରୁଥିବା କମ୍ପାନୀମାନେ ଏକ ପ୍ରସ୍‌ପେକ୍ଟ୍‌ସ (ବିବରଣୀ ପତ୍ର) କିମ୍ବା ପ୍ରସ୍‌ପେକ୍ଟସ୍ ପରିବର୍ତ୍ତେ ଏକ ବିବରଣୀ ଦେଇଥାଆଂତି । ଯୋଉଥିରେ ବିଶଦ ଭାବରେ ଇସ୍ୟୁର ସର୍ତ୍ତାବଳୀ, ମୂଲ୍ୟ କିମ୍ବା ମୂଲ୍ୟ ନିର୍ଦ୍ଧାରଣର ଧାରା, ସଂଗୃହିତ ନିଧିର ବ୍ୟବହାର, ରିସ୍କ ଅବସ୍ଥା, ପରିଚାଳନା, ବିଭିନ୍ନ ପ୍ରକାରର ପ୍ରକଟନ (ଡିସ୍‌କ୍ଲୋଜର୍ସ) ଗ୍ରାହକ ହେବା ନିମଂତେ କାର୍ଯ୍ୟ ପ୍ରଣାଳୀ ଏବଂ ବିନିଯୋଗ କାରୀଙ୍କ ସିକ୍ୟୁରିଟୀଜ ଆଦେଶ (ଆଲଟମେଣ୍ଟ) ଦିଯାଇଥାଏ । ରେଜିଷ୍ଟ୍ରାର ଅଫ କମ୍ପାନୀଜ ଏବଂ ସେବିଙ୍କୁ ଏହି ଡକ୍ୟୁମେଣ୍ଟ ପ୍ରଦାନ କରାଯାଇଥାଏ । ଏହାର ଏକ ସଂକ୍ଷିପ୍ତ ବିବରଣୀ ମଧ ଖବର କାଗଜମାନଙ୍କରେ ପ୍ରସାରିତ କରାଯାଇଥାଏ । ଅଧିକଂତୁ ଯଦି ଆପଣ ସିକ୍ୟୁରିଟୀଜର କୌଣସି ଇସ୍ୟୁର ଗ୍ରାହକ ହେବାକୁ ଇଚ୍ଛା କରୁଥାଆଂତି, ଆପଣ ସମ୍ପୂର୍ଣ୍ଣ ପ୍ରସ୍‌ପେକ୍ଟସ୍‌ର ଏକ ନକଲ (କପି) ନେବା ସହିତ ତହିଁରେ ଥିବା ସମସ୍ତ ବିଷୟକୁ ଭଲ ଭାବରେ ବୁଝିବା ଉଚିତ ।

ଆପଣ ନିଜ ଦାୟିତ୍ୱରେ ଇକ୍ୱିଟୀ ସିକ୍ୟୁରିଟୀଜମାନଙ୍କରେ ବିନିଯୋଗ କରିବା ପାଇଁ ତତ୍‌ସହିତ ସମ୍ବନ୍ଧିତ ଆପଦ (ରିସ୍କ)କୁ ଭଲ ଭାବରେ ପରୀକ୍ଷା କରିବା ଏକାଂତ ବିଧେୟ । ଆପଣଙ୍କ ବିନିଯୋଗ ସିଦ୍ଧାଂତ ପୂର୍ବରୁ ଆପଣ ନିଶ୍ଚିତ ଭାବରେ ରିସ୍କ ସମ୍ବନ୍ଧୀୟ ସର୍ତ୍ତ, କମ୍ପାନୀଙ୍କ ବ୍ୟବସାୟ, ପରିଚାଳନା କମିଟୀର ଆଲୋଚନା ଏବଂ ବିଶ୍ଳେଷଣ, ଇସ୍ୟୁ ମୂଲ୍ୟର ଆଧାର, ଏବଂ ଗୁରୁତ୍ୱପୂର୍ଣ୍ଣ ବିତ୍ତୀୟ ଅନୁପାତ ଯଥା ଅର୍ଜିତ ଧନର ମୂଲ୍ୟ, ନଗଦ ଅର୍ଥ ପ୍ରବାହର ମୂଲ୍ୟ ଏବଂ ଇସ୍ୟୁଅର୍ କମ୍ପାନୀ ବନାମ ସେହି ଶିଳ୍ପରେ/କାରବାରରେ ରହିଥିବା ତୁଳନାତ୍ମକ କମ୍ପାନୀମାନଙ୍କର ଆପେକ୍ଷିକ ଆକର୍ଷଣୀୟତା ଇତ୍ୟାଦି ଭଲ ଭାବରେ ପଢ଼ି ବୁଝିବା ଉଚିତ । ଡେବ୍‌ଟ ସିକ୍ୟୁରିଟୀଜରେ ବିନିଯୋଗ ଜନିତ ଆପଦ ସର୍ତ୍ତକୁ ସ୍ୱୟଂ ଭଲ ଭାବରେ ପରୀକ୍ଷା କରି ଦେଖିବା ଗୁରୁତ୍ୱପୂର୍ଣ୍ଣ ଅଟେ । ର୍ନିଷ୍ଟ ଭାବରେ ଆପଣଙ୍କୁ ଦିଆଯାଉଥିବା ସିକ୍ୟୁରିଟୀର ଧାରା ଏବଂ କ୍ରେଡିଟ ରେଟିଙ୍ଗକୁ ପରୀକ୍ଷା କରିବା ଆବଶ୍ୟକ । ଇସ୍ୟୁଅର କମ୍ପାନୀମାନେ ଏଜେନ୍‌ସୀଙ୍କ ଠାରୁ ରେଟିଙ୍ଗସ ନେବା ଉଚିତ ।

ଡେବ୍ଟ ଇନ୍‌ଷ୍ଟ୍ରୁମେଣ୍ଟର ପବ୍ଲିକ ରାଇଟ୍ସ ପୂର୍ବଗାମୀ ବିଗତ ତିନି ବର୍ଷ ସମୟ ମଧ୍ୟରେ ସେମାନଙ୍କୁ ମିଳିଥିବା କ୍ରେଡିଟ ରେଟିଙ୍ଗ ପ୍ରକାଶ କରିବା ଉଚିତ । ପ୍ରାଇମେରୀ ମାର୍କେଟରେ ଡେବ୍ଟ ଇସ୍ୟୁଜ ପ୍ରସ୍ତୁତ କରିବା କମ୍ପାନୀମାନଙ୍କ ପାଇଁ ଆଚରଣ ଆବଶ୍ୟକତା ଅଟେ, କାରଣ ଏହାଦ୍ୱାରା ଡେବ୍ଟ ସିକ୍ୟୁରିଟି ପାଇଁ ସିକ୍ୟୁରିଟି ମଧ ସୃଷ୍ଟି କରାଯାଇଥାଏ । ଡେବ୍ଟ ସିକ୍ୟୁରିଟିଜକୁ ସେବା ପ୍ରଦାନ କରିବା କ୍ଷେତ୍ରରେ କମ୍ପାନୀଙ୍କର କୌଣସି ତୃଟି ପରିଲକ୍ଷିତ କରାଗଲେ, ଡିବେଞ୍ଚ୍ୟରସ ଟ୍ରଷ୍ଟି ସିକ୍ୟୁରଡ଼ ଆସେଟକୁ ଲିକ୍ୱିଡେଟ (ମୁକ୍ତ) କରିବା ସହିତ ଡିବେଞ୍ଚ୍ୟର- ଧାରୀକୁ ସେମାନଙ୍କର ବକେୟା ପ୍ରାପ୍ୟ ପୁନଃପଇଠ କରାଇ ଥାଆଂତି । ଆପଣ ସେଇଥି ପାଇଁ ଯତ୍ନର ସହିତ କମ୍ପାନୀଙ୍କ ଦ୍ୱାରା ଡେବ୍ଟ ଉଧାର (ବରୋଇଙ୍ଗସ) ବଦଳରେ ଆପଣକୁ ପ୍ରଦାନ କରାଯାଉଥିବା ସିକ୍ୟୁରିଟିର ପ୍ରକାରକୁ ବିଶ୍ଳେଷଣ କରିବା ଉଚିତ, କାରଣ ଏହା ଆପଣଙ୍କର ଅର୍ଥର ପୁନଃପଇଠ ସୁନିଶ୍ଚିତ କରାଇଥାଏ, ଯଦି କୌଣସି କାରଣରୁ କମ୍ପାନୀ ଦେବାଳିଆ ହୋଇଯାଇଥାଏ ।

## ଡିମାଟ୍ ଆକାଉଣ୍ଟ :

ଯଦିଓ ଉଭୟ ଦୈହିକ (ସାର୍ଟିଫିକେଟ) ଏବଂ ଡିମାଟ୍ ପ୍ରଣାଳୀରେ ସିକ୍ୟୁରିଟୀଜ ପ୍ରଦାନ କରିବା ହେଉଛି କମ୍ପାନୀଙ୍କର ମୂଖ୍ୟ ଦାୟିତ୍ୱ, ବିନିଯୋଗକାରୀ ହିସାବରେ ଆପଣ ଏହି ଦୁଇ ପ୍ରଣାଳୀ ମଧ୍ୟରୁ ଯେ କୌଣସି ପ୍ରଣାଳୀ ବାଛି ନେଇ ପାରିବେ । ଯଦି ଆପଣ ଡିମାଟ୍ ପ୍ରଣାଳୀରେ ସିକ୍ୟୁରିଟୀଜ ନେବାପାଇଁ ଇଚ୍ଛା କରୁଥାଆଂତି, ଆପଣଙ୍କୁ ଡିପୋଜିଟୋରୀଙ୍କ ନାମ ସୂଚିତ କରିବା ଆବଶ୍ୟକ ଏବଂ ଡିପୋଜିଟୋରୀ ପ୍ରତିଯୋଗୀ ଯାହାଙ୍କ ସହିତ ଆପଣଙ୍କ ଦରଖାସ୍ତ ଅନୁସାରେ ଏକ ଡିପୋଜିଟୋରୀ ଆକାଉଣ୍ଟ (ଖାତା) ଚାଲୁ ରହିଛି । ଏହା ମଧ ଆଶା କରାଯାଏ ଯେ ଆପଣ ଡିମାଟ୍ ଆକାରରେ ସିକ୍ୟୁରିଟୀଜ୍ ଧାରଣ କରିବା ଅଧିକ ବାଞ୍ଛନୀୟ, କାରଣ ଦୈହିକ (ସାର୍ଟିଫିକେଟ) ସିକ୍ୟୁରିଟୀଜ ଗୁଡ଼ିକରେ ଅନେକ ପ୍ରକାରର ରିସ୍କ (ଆପଦ) ଥାଏ ଯଥା ଧୋକା (ଫେକ୍), ନକଲ (ଫୋର୍ଜଡ) କିମ୍ବା ଚୋରି ଇତ୍ୟାଦି କରାଯାଇଥିବା କାରଣରୁ ଆପଦମାନ ।

## ମୂଲ୍ୟ ନିର୍ଦ୍ଧାରଣରେ ବିନିଯୋଗକାରୀଙ୍କ ଭୂମିକା କଅଣ ?

ଇସ୍ୟୁଅର୍‌ଙ୍କ ଦ୍ୱାରା ସିକ୍ୟୁରିଟୀଜମାନ ନିର୍ଦ୍ଦିଷ୍ଟ ସ୍ଥିରିକୃତ ମୂଲ୍ୟରେ ପ୍ରସାରିତ କରାଯାଇଥାଏ । (ଫିକ୍ସଡ ପ୍ରାଇସ୍ ଇସ୍ୟୁ) କିମ୍ବା ଏପରି ଏକ ମୂଲ୍ୟ ଯାହା ଖାତା ପ୍ରସ୍ତୁତି ଧାରା (ବୀଡ୍ସ) ମାଧ୍ୟମରେ ବିନିଯୋଗକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ କରାଯାଇପାରିବ । ଫିକ୍ସଡ ପ୍ରାଇସ ଇସ୍ୟୁରେ ପ୍ରସାରିତ କରାଯାଉଥିବା ସିକ୍ୟୁରିଟୀଜର ମୂଲ୍ୟ ନିର୍ଦ୍ଧାରଣରେ ଆପଣଙ୍କର କୌଣସି ଭୂମିକା ନାହିଁ । କିଂତୁ ବୁକ୍ ବିଲ୍ଡ ଇସ୍ୟୁରେ ପ୍ରସାରିତ କରାଯାଉଥିବା ସିକ୍ୟୁରିଟୀଜ୍‌ର ମୂଲ୍ୟ ନିର୍ଦ୍ଧାରଣରେ ଆପଣଙ୍କର ଭୂମିକା ରହିଛି ।

## ବୁକ୍ ବିଲ୍‌ଡିଙ୍ଗ (ଖାତା ପ୍ରସ୍ତୁତି) ଧାରାରେ ଅଂଶଗ୍ରହଣ :

ଖାତାପ୍ରସ୍ତୁତି ଧାରାରେ, ଖାତାକୁ ସାଧାରଣତଃ ପାଞ୍ଚଦିନ ସମୟ ପର୍ଯ୍ୟଂତ ଖୋଲା ରଖା ଯାଇଥାଏ । ଆପଣ ସେ ସମୟରେ ଆପଣଙ୍କର ବୀଡ (ଇଚ୍ଛା ପ୍ରକାଶ କରିବା) ଦେବା ସହିତ, ତାକୁ ପୁନର୍ବାର ଅନୁଶୀଳନ କରିପାରିବେ । ଯୋଉ ସମୟରେ ଖାତା ଖୋଲା ରଖା ଯାଇଥାଏ, ସିଣ୍ଡିକେଟ ମେମ୍ବର୍ସଙ୍କ ବିଡିଙ୍ଗ ଟର୍ମିନାଲ୍‌ସରେ ବିଭିନ୍ନ ମୂଲ୍ୟସୂଚୀର ଡିମାଣ୍ଡ ଗ୍ରାଫ ଆକାରରେ (ପ୍ରତ୍ୟେକ ଅଧ ଘଣ୍ଟା ସମୟ ମଧ୍ୟରେ ଆଧୁନିକକରଣ କରାଯାଇଥାଏ) ପ୍ରକାଶିତ କରାଯାଇଥାଏ । ଆପଣ ଯେ କୌଣସି ମୂଲ୍ୟ ଅନୁସାରେ ଆପଣଙ୍କର ବୀଡ୍-କମ-ଆପ୍ଲିକେସନ ଫର୍ମ ଏବଂ ବୀଡ୍ ପରିମାଣ ସହିତ ସିଣ୍ଡିକେଟ ମେମ୍ବରସଙ୍କ ଯେକୌଣସି

ବୀଡ ସଂଗ୍ରହ କେନ୍ଦ୍ରରେ ଜମା କରି ପାରିବେ । ବୁକ୍ ରନିଙ୍ଗ ଲୀଡ୍ ମ୍ୟାନେଜର କିମ୍ବା ସିଣ୍ଡିକେଟ ମେମ୍ବର୍ସ ଏକ ଅଲଗା ବୀଡ୍ ହିସାବରେ ଆପଣଙ୍କର ପ୍ରତ୍ୟେକ ବିକଳ୍ପ ପସନ୍ଦକୁ ଇଲେକ୍ଟ୍ରୋନିକ ବିଡୀଙ୍ଗ ସିଷ୍ଟମରେ ସୂଚିତ କରାଇ ଥଆଂତି । ତା ପରେ ସେମାନେ ପ୍ରତ୍ୟେକ ମୂଲ୍ୟ ପାଇଁ ଏକ ଟ୍ରାଞ୍ଜାକ୍ସନ୍ ରେଜିଷ୍ଟ୍ରେସନ୍ ସ୍ଲିପ୍ ଏବଂ ଡିମାଣ୍ଡ ଅପସନ୍ ଆପଣଙ୍କୁ ପ୍ରଦାନ କରିବେ ।

## ସିକ୍ୟୁରିଟୀଜ୍ ପାଇଁ ପଇଠ :

ଫିକ୍ସଡ - ପ୍ରାଇସ ପାଇଁ ଆପଣଙ୍କ ଦରଖାସ୍ତ ଫର୍ମ ଅର୍ଥ ସଂଗ୍ରହ କରୁଥିବା ବ୍ୟାଙ୍କରେ ଆବଶ୍ୟକୀୟ ପରିମାଣ ଅର୍ଥ ସହିତ ପଇଠ କରାଯିବ ଆବଶ୍ୟକ । ବୁକ୍ ବିଲ୍ଟ ଇସ୍ୟୁଜ ପାଇଁ ଆପଣଙ୍କ ବୀଡ୍ କରିବା ପରେ (ରିଟେଲ ଶ୍ରେଣୀ ଦ୍ୱାରା) ବୀଡ୍-ତଥା-ଦରଖାସ୍ତ ଫର୍ମ ସିଣ୍ଡିକେଟ୍ ମେମ୍ବରଙ୍କ ନିକଟରେ ଆବଶ୍ୟକୀୟ ପରିମାଣ ଅର୍ଥ ସହିତ ଜମା କରିବା ଆବଶ୍ୟକ ।

## ସେକେଣ୍ଡାରୀ ମାର୍କେଟ :

ସେକେଣ୍ଡାରୀ ମାର୍କେଟ ଆପଣଙ୍କ ସିକ୍ୟୁରୀଟୀ ହୋଲଡିଙ୍ଗସକୁ ସିକ୍ୟୁରିଟୀଜ କ୍ରୟ କିମ୍ବା ବିକ୍ରୟ କରିବା ଦ୍ୱାରା ଆପଣଙ୍କ ରିସ୍କ ଏବଂ ରିଟର୍ଣ୍ଣ (ଆପଦ ଏବଂ ପ୍ରତିଲାଭ) ଆକଳନରେ ଲକ୍ଷ କରାଯାଉଥିବା ପରିବର୍ତ୍ତନକୁ ଖାପ ଖୁଆଇ ନେବାରେ (ଆଡଜଷ୍ଟ କରାଇବାରେ) ସାହାଯ୍ୟ କରିଥାଏ । ଆପଣଙ୍କର ଲିକ୍ୱିଡିଟୀ ଆବଶ୍ୟକତା ପାଇଁ ବିକ୍ରୟ ସକାଶେ ସହାୟକ ହୋଇଥାଏ । ସିକ୍ୟୁରିଟୀଜ୍ କାରବାର ପାଇଁ ଷ୍ଟକ ଏକ୍ସଚେଞ୍ଜର ଆବଶ୍ୟକତା ରହିଛି । ଏହା ସିକ୍ୟୁରିଟୀଜ କାରବାର ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିଥାଏ । ବିଶଦ ଭାବରେ ସ୍ଥିରିକୃତ ନିୟାମକ କାର୍ଯ୍ୟପ୍ରଣାଳୀକୁ ଆଧାର କରାଯାଇ ଏକ୍ସଚେଞ୍ଜ ଏବଂ ସେବିଙ୍କ ତତ୍ତ୍ୱାବଧାନରେ ସିକ୍ୟୁରିଟୀଜ୍ ଗୁଡ଼ିକର କାରବାର ଓ ଚୁକ୍ତି କରାଯାଇଥାଏ । କେବଳ ଜଣେ ରେଜିଷ୍ଟାର୍ଡ ବ୍ରୋକରଙ୍କ ମାଧ୍ୟମରେ ଆପଣ ଏହି ଟ୍ରେଡିଙ୍ଗ ପ୍ଲାଟଫର୍ମରେ ଯୋଗଦାନ କରିପାରିବେ ।

## ଷ୍ଟକ ଏକ୍ସଚେଞ୍ଜରେ କାହିଁକି କାରବାର କରିବା ଆବଶ୍ୟକ ?

ଷ୍ଟକ ଏକ୍ସଚେଞ୍ଜରେ ସିକ୍ୟୁରିଟୀଜମାନ ସୂଚିତ କରାଯାଇଥାଏ । ସୂଚିତ ସିକ୍ୟୁରିଟୀଜରେ କାରବାର ପାଇଁ ଆପଣଙ୍କୁ ସୁଯୋଗ ମିଳିଥାଏ । କମ୍ପାନୀମାନଙ୍କ ତରଫରୁ ଆପଣଙ୍କ ସ୍ୱାର୍ଥରକ୍ଷା ପାଇଁ କେତେବ ଅନୁକୂଳତା ଏବଂ ପରିପ୍ରକାଶ ସୁନିଶ୍ଚିତ କରାଯାଇଥାଏ । ଆପଣଙ୍କ ତରଫରୁ ଚୁକ୍ତିବଦ୍ଧ କରାଯାଉଥିବା କାରବାରକୁ ଗ୍ୟାରେଣ୍ଟୀ ଦେବା ସହିତ ଆପଣଙ୍କ ବ୍ରୋକର ଡିଫଲ୍ଟର (ନିୟମ ଭଙ୍ଗ କରୁଥିଲେ) ହୋଇଥିଲେ, ଷ୍ଟକ ଏକ୍ସଚେଞ୍ଜ ଆପଣଙ୍କୁ ସୁରକ୍ଷା ପ୍ରଦାନ କରି ପାରିବେ ।

ଷ୍ଟକ ଏକ୍ସଜେଞ୍ଜ ବାହାରେ ନିର୍ଦ୍ଦିଷ୍ଟ ସ୍ଥାନରେ କାରବାର ବ୍ୟତୀତ ଯେ କୌଣସି ବ୍ୟବସାୟ ସେବି କିମ୍ବା ଏକ୍ସଚେଞ୍ଜର ନିୟାମକ କାର୍ଯ୍ୟପ୍ରଣାଳୀ ଦ୍ୱାରା ସମର୍ଥିତ କରାଯାଇନଥାଏ । ତେଣୁ ଆପଣ ଏକ୍ସଚେଞ୍ଜ ବାହାରେ କାରବାର କଲେ, ଆପଣଙ୍କୁ କୌଣସି ସୁରକ୍ଷା ମିଳିନଥାଏ । ଷ୍ଟକ ଏକ୍ସଚେଞ୍ଜ ଆପଣଙ୍କ ସିକ୍ୟୁରିଟୀଜ ପାଇଁ ଏକ ସଦ୍ୟ ପସ୍ତୁତ ମାର୍କେଟ ଭାବରେ କାର୍ଯ୍ୟ କରିଥାଏ । ଏକ୍ସଚେଞ୍ଜ ଆପଣ ଯଦି ଏକ୍ସଚେଞ୍ଜ ବାହାରେ କାରବାର କରୁଛଂତି, ଆପଣଙ୍କୁ ଅନେକ ସମୟ ନଷ୍ଟକରି ଉପଯୁକ୍ତ ବ୍ୟକ୍ତି ଖୋଜିବାକୁ ପଡ଼ିବ, ଯିଏ ଆପଣଙ୍କ ସହିତ ପରବର୍ତ୍ତୀ



ସମସ୍ତ କାରବାର କରିବାକୁ ସମ୍ମତି ପ୍ରକାଶ କରିବେ । ଏକ୍ସଚେଞ୍ଜରେ ମିଳୁଥିବା ଅନ୍ୟାନ୍ୟ ସୁବିଧାମାନ ହେଲା : ଆପଣଙ୍କୁ ଅପରପକ୍ଷ (କାଉଣ୍ଟରପାର୍ଟୀ) ରିସ୍କ (ଆପଦ) ନେବାକୁ ପଡ଼ିବ ନାହିଁ, ଯାହା କ୍ଲିଅରିଙ୍ଗ କର୍ପୋରେସନଙ୍କ ଦ୍ୱାରା ଆକଳନ କରାଯାଇଥାଏ । ଆପଣ ବିନିଯୋଗକାରୀ ସମସ୍ୟା ପ୍ରତିକାର କାର୍ଯ୍ୟ ପ୍ରଣାଳୀ ଜନିତ ସୁବିଧା ପାଇ ପାରୁଛଂତି ।

ଷ୍ଟକ ଏକ୍ସଚେଞ୍ଜ ସହିତ ବ୍ରୋକର୍ସ / ସବ୍ ବ୍ରୋକର୍ସ ହେଉଛଂତି ଆପଣଙ୍କ ପାଇଁ ଏକ ସଂଯୋଗ । ସେବି/ ନିର୍ଦ୍ଦିଷ୍ଟ ଷ୍ଟକ ଏକ୍ସଚେଞ୍ଜର ନିୟାମକ ଶୃଙ୍ଖଳା ବିଧି ଅନୁସାରେ ବ୍ରୋକର୍ସ / ସବ-ବ୍ରୋକର୍ସ ହେଉଛଂତି ମାର୍କେଟ ମଧ୍ୟସ୍ଥ ପକ୍ଷ ।

ଆପଣଙ୍କ ତରଫରୁ ସିକ୍ୟୁରିଟୀଜ୍‌ରେ କାରବାର କରିବାପାଇଁ ସେମାନେ ସହଯୋଗ କରିଥାଆଂତି । କ୍ଲାଏଣ୍ଟ-ବ୍ରୋକର / କ୍ଲାଏଣ୍ଟ-ସବ୍‌ବ୍ରୋକର ଏଗ୍ରିମେଣ୍ଟ (ଚୁକ୍ତିବଦ୍ଧତା)ର ସର୍ତ୍ତ ଅନୁସାରେ ଆପଣଙ୍କର ସେମାନଙ୍କ ସହିତ ବ୍ୟବସାୟିକ ସମ୍ପର୍କ ଅନୁଶାସିତ ହୋଇଥାଏ ।

ଯଦି ଆପଣ ସକ୍ରିୟଭାବରେ ସିକ୍ୟୁରିଟୀଜ କିଣୁଛଂତି ଏବଂ ବିକ୍ରୟ କରୁଛଂତି ଆପଣଙ୍କୁ ଏକ ଡିପୋଜିଟୋରୀ ଆକାଉଣ୍ଟ ଖୋଲିବା ଆବଶ୍ୟକ, ଯାହା ଆପଣଙ୍କୁ ଡିମାଟ ସିକ୍ୟୁରିଟୀଜ୍ ଗ୍ରହଣ କରିବା ଏବଂ ପ୍ରଦାନ କରିବାରେ ସହାୟକ ହୋଇପାରିବ । ଆପଣଙ୍କ ସ୍ୱାର୍ଥରକ୍ଷା ଦୃଷ୍ଟିରୁ ଡିପୋଜିଟୋରୀ ଆକାଉଣ୍ଟ ରଖାଯିବା ଉଚିତ । ଏହାଦ୍ୱାରା ଆପଣ ସିକ୍ୟୁରିଟୀଜ କ୍ରୟ ପାଇଁ ଆପଣଙ୍କୁ ତୁରଂତ  ଲାଭ ମିଳିବା ସିହତ ଦୈହିକ ସାର୍ଟିଫିକେଟସ୍‌ର ସମସ୍ତ ପ୍ରକାର ଅସୁବିଧା ଦୂର କରି ପାରିବେ ।

## ବ୍ରୋକର ନିର୍ବାଚନ କିପରି କରିବେ ?

ବ୍ରୋକର୍ସ/ସବ୍-ବ୍ରୋକର୍ସ ସେବି ତଥା ନିର୍ଦ୍ଦିଷ୍ଟ ଷ୍ଟକ ଏକ୍ସଚେଞ୍ଜରେ ରେଜିଷ୍ଟ୍ରିଭୁକ୍ତ ସଭ୍ୟ ହୋଇଥିବା ଆବଶ୍ୟକ, ଯାହା ସେମାନଙ୍କ ଅଫିସରେ ପ୍ରଦର୍ଶିତ କରାଯାଇଥିବା ରେଜିଷ୍ଟ୍ରେସନ ସାର୍ଟିଫିକେଟରୁ ଆପଣ ଯାଞ୍ଚ କରିପାରିବେ । କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଇଥିବା ବ୍ରୋକର୍ସ ଏବଂ ସବ-ବ୍ରୋକର୍‌ମାନଙ୍କର ତାଲିକା ସେମାନଙ୍କର ନିର୍ଦ୍ଦିଷ୍ଟ ଏକ୍ସଚେଞ୍ଜମାନଙ୍କରେ ଉପଲବ୍ଧ ହୋଇଥାଏ । ବ୍ରୋକର କିମ୍ବା ସବ-ବ୍ରୋକର୍‌ଙ୍କ ସଠିକ ଗତିବିଧି ଏବଂ ସଠିକ ଭାବରେ ଆପଣଙ୍କ ସହିତ ପରିଚାଳନା କରିବା ପାଇଁ ତାଙ୍କର ନିଜର ଆବଶ୍ୟକୀୟ ସୁବିଧାମାନ ରଖିବା ଆବଶ୍ୟକ । ତା ଛଡ଼ା ଆପଣ ଏଜେଣ୍ଟଙ୍କଠାରୁ ନିଜର କେତେକ ସୁବିଧାକୁ ମଧ୍ୟ ଦୃଷ୍ଟି ରଖିବା ଦରକାର, ଯଥା ଅବସ୍ଥିତି, ଖର୍ଚ୍ଚ ଏବଂ ସେବାର ଗୁଣବତ୍ତା ଇତ୍ୟାଦି ।

## କମ୍ପାନୀଙ୍କ କାର୍ଯ୍ୟକଳାପ ସମ୍ବନ୍ଧରେ ତଥ୍ୟ :

କମ୍ପାନୀଙ୍କ ସମ୍ବନ୍ଧରେ ସଠିକ ବିବରଣୀ ପ୍ରାପ୍ତି ପାଇଁ ଅନେକ ପ୍ରକାରର ଉପାୟ ରହିଛି । ସୂଚୀବଦ୍ଧ କରାଯାଉଥିବା ଏଗ୍ରିମେଣ୍ଟ ଅନୁସାରେ କମ୍ପାନୀମାନେ ସେମାନଙ୍କର ମୂଲ୍ୟ ସମ୍ବେଦନଶୀଳ ତଥ୍ୟ (ପ୍ରାଇସ ସେନ୍‌ସିଟିଭ୍ ଇନ୍‌ଫର୍ମେସନ) କ୍ରମାଗତ ଭାବରେ ପ୍ରକାଶ କରିଥାଆଂତି । ଏକ୍ସଚେଞ୍ଜମାନଙ୍କର ୱେବ୍‌ସାଇଟସରେ ଏପ୍ରକାର ଡିସ୍‌କ୍ଲୋଜର୍ସ (ପରିପ୍ରକାଶ)କୁ ବିସ୍ତାରିତ କରାଯାଇଥାଏ । ତା ଛଡ଼ା, ସେବି ଏଡିଫର୍ ସୁବିଧା ମଧ୍ୟ ଯୋଗାଇ ଥାଆଂତି (ଇଲେକ୍‌ଟ୍ରୋନିକ୍ ଡାଟା ଇନ୍‌ଫର୍ମେଶନ ଫାଇଲିଂ ଆଣ୍ଡ ରିଟ୍ରିଭାଲ ସିଷ୍ଟମ, ଯାହା ହେଉଛି ଏକ ସ୍ୱୟଂଚାଳିତ ଫାଇଲ ସିଷ୍ଟମ), ଯାହା ହେଉଛି ଏକ ସ୍ୱୟଂଚାଳିତ ଫାଇଲି ପ୍ରସ୍ତୁତି ପ୍ରଣାଳୀ, ସମ୍ବେଦନଶୀଳ

କର୍ପୋରେଟ ତଥ୍ୟ ବିସ୍ତାର ଏବଂ ସଂଗ୍ରହ ପାଇଁ ଏକ ଉପଯୁକ୍ତ ମାଧ୍ୟମ । ଏଡିଫର୍‌ରେ ରହୁଥିବା ତଥ୍ୟମାନ ହେଲା (୧) ବିତ୍ତୀୟ ତଥ୍ୟ ଯଥା ବାଲାନ୍‌ସ ଶୀଟ୍‌ସ, ଲାଭ ଏବଂ କ୍ଷତି ବିବରଣୀ ଏବଂ ବାର୍ଷିକ ବିରଣୀର ସମ୍ପୂର୍ଣ୍ଣ ପ୍ରକାଶ, ଷାଣ୍ମାସିକ ବିତ୍ତୀୟ ବିବରଣୀ ସହିତ କ୍ୟାଶ ଫ୍ଲୋ (ନଗଦ ଅର୍ଥ ପ୍ରବାହ) ବିବରଣୀ ଏବଂ ତ୍ରୈମାସିକ ବିତ୍ତୀୟ ବିବରଣୀ (୨) କର୍ପୋରେଟ ଗଭର୍ଣ୍ଣେନ୍‌ସ ବିବରଣୀ  ସେୟାର ହୋଲ୍‌ଡିଂ ଧାରା ଏବଂ (୩) ନିୟାମକ ସଂସ୍ଥା ଦ୍ୱାରା କମ୍ପାନୀଙ୍କ ବିରୁଦ୍ଧରେ ନିଆଯାଉଥିବା ଆଇନଗତ ପ୍ରତିକାର ବ୍ୟବସ୍ଥା (ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ) ଇତ୍ୟାଦି। ଏଡିଫର ଏହିପରି ଭାବରେ ଉପଲବ୍ଧ http://sebiedifar.nic.in ଉପରୋକ୍ତ ତଥ୍ୟମାନ ବ୍ୟତୀତ କମ୍ପାନୀଙ୍କ ସମ୍ବନ୍ଧରେ ବିଶଦ ବିବରଣୀ ଆପଣଙ୍କ ମଧ୍ୟସ୍ଥ ପକ୍ଷ ତଥା ଅନେକ ପବ୍ଲିକ ଅନ୍ ଲାଇନ ସାଇଟ୍‌ସରୁ ମଧ୍ୟ ମିଳି ପାରି ବ

## ସେକେଣ୍ଡାରୀ ମାର୍କେଟରେ ସିକ୍ୟୁରିଟୀ କିଣିବା ପୂର୍ବରୁ ବିନିଯୋଗକାରୀ କେଉ ପ୍ରକାର ସତର୍କତା ଅବଲମ୍ବନ କରିବା ଉଚିତ ?

ଆପଣ ଅନ୍ୟମାନଙ୍କୁ ଅନ୍ଧଭାବରେ ଭରସା କରି, କିମ୍ବା ନିଜର ଆତ୍ମବିଶ୍ୱାସକୁ ଅଚାନକ ଭାବରେ ଆଧାର କରି କିମ୍ବା କୌଣସି ହଟ୍ ଟିପ୍‌କୁ ଆଧାର କରି ସିକ୍ୟୁରିଟୀଜ୍ କ୍ରୟ କରଂତୁ ନାହିଁ । ଆପଣଙ୍କୁ ଉପଲବ୍ଧ ହେଉଥିବା ତଥ୍ୟକୁ ପୁଙ୍ଖାନୁପୁଙ୍ଖ ଭାବରେ ପରୀକ୍ଷା କରି ଦେଖଂତୁ (ସମତୁଲ୍ୟଭାବରେ ପରୀକ୍ଷା କରି ଦେଖଂତୁ) ଯାହାଦ୍ୱାରା ଆପଣ ଅପ୍ରାସଙ୍ଗିକ ଏବଂ ଅଯୌକ୍ତିକର ତଥ୍ୟକୁ ପରିତ୍ୟାଗ କରି ପାରିବେ । ଆପଣଙ୍କୁ ମିଳୁଥିବା ସୁବିଧାକୁ ପରଖି ନେବା ସହିତ ଆପଣ ସିକ୍ୟୁରିଟୀ କିଣିବା ପୂର୍ବରୁ ସାବଧାନ ରହିବା ବାଞ୍ଛନୀୟ । ପ୍ରତ୍ୟେକ ସିକ୍ୟୁରିଟୀର ମୌଳିକ ବୈଶିଷ୍ଟ୍ୟତାକୁ ପରୀକ୍ଷା କରି ସାରିବା ପରେ ଆପଣ ସିକ୍ୟୁରିଟୀଜରେ ବିନିଯୋଗ କରିବା ସିଦ୍ଧାଂତ ଗ୍ରହଣ କରିବା ଉଚିତ ।

## ସିକ୍ୟୁରିଟୀ କାରବାରରେ ବିନିଯୋଗକାରୀ ଭାବରେ ବ୍ରୋକର / ସବ ବ୍ରୋକର୍‌ଙ୍କ ଠାରୁ ଆପଣ କେଉ ପ୍ରକାର ଡକ୍ୟୁମେଣ୍ଟ୍‌ସ ପାଇପାରିବେ :

ବ୍ରୋକର / ସବ୍ ବ୍ରୋକରଙ୍କ ସହିତ ସମ୍ବନ୍ଧ ପ୍ରାରମ୍ଭରେ ଆପଣ କ୍ଲାଏଣ୍ଟ-ବ୍ରୋକର, କ୍ଲାଏଣ୍ଟ-ସବ୍ ବ୍ରୋକର ଏଗ୍ରିମେଣ୍ଟରେ ଦସ୍ତଖତ ଆବଶ୍ୟକ । ଏହା ବ୍ରୋକରଙ୍କ ସହିତ ଆପଣଙ୍କ ସମ୍ବନ୍ଧ ସାବ୍ୟସ୍ତ କରିଥାଏ, ତେଣୁ ଏହି ଏଗ୍ରିମେଣ୍ଟର ଏକ ନକଲ ଆପଣ ଏକ କଣ୍ଟ୍ରାକ୍ଟ ନୋଟ୍ (ଚୁକ୍ତି ପତ୍ର) ରୂପରେ ଆପଣଙ୍କ ବ୍ୟବସାୟ ପରିଚାଳନା ସମ୍ବନ୍ଧରେ ଗ୍ରହଣ କରିବା ଉଚିତ । ବ୍ରୋକରଙ୍କୁ ପଇଠ କରାଯାଇଥିବା ସମସ୍ତ ପରିମାଣ ଅର୍ଥ ବାବଦରେ ରସିଦ ସଂଗ୍ରହ କରି ରଖଂତୁ ।

ଆଇନ୍‌ର ଆବଶ୍ୟକତା ଅନୁସାରେ ବ୍ୟବସାୟର ୨୪ ଘଣ୍ଟା ସମୟକାଳ ମଧ୍ୟରେ ଆପଣ କଣ୍ଟ୍ରାକ୍ଟ ନୋଟ ଗ୍ରହଣ କରିବା ଆବଶ୍ୟକ । ଏହି କଣ୍ଟ୍ରାକ୍ଟ ନୋଟରେ ସମସ୍ତ ବିଶଦ ବିବରଣୀ ଯଥା ଅର୍ଡର ନମ୍ବର, ଟ୍ରେଡ ନମ୍ବର, ସମୟ, ମୂଲ୍ୟ, ବ୍ରୋକରଙ୍କ କମିଶନ ଇତ୍ୟାଦି ସୂଚିତ କରାଯିବା ଆବଶ୍ୟକ । ଯଦି ଏ ସମସ୍ତ ବିବରଣୀ ସମ୍ବନ୍ଧରେ ଆପଣଙ୍କର କୌଣସି ସନ୍ଦେହ ଥାଏ, ସେହି ସମସ୍ତ କମ୍ପାନୀମାନଙ୍କର କାରବାର ସମ୍ବନ୍ଧରେ (ବିଏସଇ ଏବଂ ଏନଏସଇ ପରି ବିଶିଷ୍ଟ ଷ୍ଟକ ଏକ୍ସଚେଞ୍ଜ ମାଧ୍ୟମରେ) ବିନିଯୋଗକାରୀଙ୍କୁ ଆବଶ୍ୟକୀୟ ତଥ୍ୟ ସୁବିଧାରେ ମିଳିପାରିବ । ସନ୍ଦେହର ଅବକାଶ ନଥିଲେ ମଧ୍ୟ କମ୍ପାନୀମାନଙ୍କର ବ୍ୟବସାୟ ସମ୍ବନ୍ଧରେ ଆନୁମାନିକ ଭାବରେ ଏହି ସୁବିଧା ଉପଲବ୍ଧ କରିବା ଉଚିତ । ଏକ୍ସଚେଞ୍ଜଗୁଡ଼ିକ ଅର୍ଡର୍‌ସ/ଟ୍ରେଡର୍ସର ଅଡିଟ (ତନଖି) ଅନେକ ବର୍ଷ



ପାଇଁ ପରିଚାଳିତ କରିଥାଆଂତି ଏବଂ ଆପଣ ଏ ପ୍ରକାର ଅର୍ଡର / ଟ୍ରେଡ ସମ୍ବନ୍ଧୀୟ ତଥ୍ୟକୁ ଏକ୍ସଚେଞ୍ଜ ସହିତ ପୁନଃପରୀକ୍ଷା (ତନଖି) କରିପାରିବେ ।

## କଣ୍ଟ୍ରାକ୍ଟ ନୋଟ୍ (ଚୁକ୍ତି ପତ୍ର) :

କଣ୍ଟ୍ରାକ୍ଟ ନୋଟ ହେଉଛି ଆପଣଙ୍କ ତରଫରୁ ଏକ ନିର୍ଦ୍ଦିଷ୍ଟ ଦିନରେ କରାଯାଉଥିବା କାରବାରର ଏକ ସ୍ୱୀକାର୍ଯ୍ୟ ପତ୍ର । ଏହି ପତ୍ରଦ୍ୱାରା ବିଧିବଦ୍ଧ ଭାବରେ ବ୍ୟବସାୟ ପରିଚାଳନା କରିବାରେ ଆପଣ ଓ ବ୍ରୋକରଙ୍କ ସହିତ ସମ୍ବନ୍ଧ ସ୍ଥାପିତ କରିବାରେ ସହାୟକ ହୋଇଥାଏ । ଏହା ଦୁଇପକ୍ଷ ମଧ୍ୟରେ ଉପୁଜୁଥିବା ମତପାର୍ଥକ୍ୟ / ଦାବୀ/ଭୁଲ ବୁଝାମଣା ସମାଧାନ କରିବାରେ ସହାୟକ ହୋଇଥାଏ । ବ୍ରୋକରଙ୍କ ବିରୁଦ୍ଧରେ ଅଭିଯୋଗ କିମ୍ବା ଆରବିଟ୍ରେସନ୍ ପ୍ରୋସିଡିଙ୍ଗ ଉପସ୍ଥାପନ କରିବାରେ ଏହା ଅଧିକ ଆବଶ୍ୟକ । ଉପଯୁକ୍ତ ବୈଧ ଚୁକ୍ତିପତ୍ର (କଣ୍ଟ୍ରାକ୍ଟ) ଏକ ଅନୁମୋଦିତ ଫର୍ମ ଯୋଉଥିରେ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦସ୍ତଖତ ଥାଏ ଏବଂ ଏଥିରେ ବ୍ୟବସାୟ ସମ୍ବନ୍ଧୀୟ ବିଶଦ ବିବରଣୀ ସନ୍ନିବେଶିତ କରାଯାଇ ପ୍ରସ୍ତୁତ କରାଯିବା ଆବଶ୍ୟକ ।

## ଅର୍ଥ ପଇଠ ଗ୍ରହଣ :

ବ୍ରୋକର / ସବ୍ ବ୍ରୋକରଙ୍କ ନାମରେ କେବଳ ଆକାଉଣ୍ଟ ପେୟୀ ଚେକ୍ ଉପରେ ଅର୍ଥ ପଇଠ କରାଯିବା ବିଧେୟ । ଇଣ୍ଟରମିଡିଆରୀ (ମଧ୍ୟସ୍ଥଙ୍କ) ନିକଟରୁ ଉପଯୁକ୍ତ ରସିଦ ମଧ୍ୟ ସଂଗ୍ରହ କରିବା ଆବଶ୍ୟକ । ଆପଣଙ୍କ ସିକ୍ୟୁରିଟୀଜ ବାବଦରେ ପ୍ରାପ୍ତଯୋଗ୍ୟ ପଇଠ ପରିମାଣ ଆପଣ ୪୮ ଘଣ୍ଟା ସମୟ ମଧ୍ୟରେ ପାଇବା ଉଚିତ । ଏଥିସକାଶେ ଆପଣଙ୍କର ବ୍ୟକ୍ତିଗତ ଏକ୍ସଚେଞ୍ଜ ସହାୟକ ହୋଇଥାଆଂତି, ଯାହା ଆପଣଙ୍କର ପେ-ଆଉଟ ମଧ୍ୟ ସେହି ସମୟ ମଧ୍ୟରେ ଘୋଷିତ କରିଥାଆଂତି ।

## ସିକ୍ୟୁରିଟୀଜ୍ ଜମା ଏବଂ ଗ୍ରହଣ :

ଆପଣଙ୍କର ସିକ୍ୟୁରିଟୀଜ୍ ଶେଷ ତାରିଖ ପୂର୍ବରୁ ଜମା କରିବା ଉଚିତ ଏବଂ ସେହିପରି ନିର୍ଦ୍ଦିଷ୍ଟ ଏକ୍ସଚେଞ୍ଜ ଦ୍ୱାରା ୪୮ ଘଣ୍ଟା ସମୟ ମଧ୍ୟରେ ସିକ୍ୟୁରିଟୀଜ ଯୋଉଥିପାଇଁ ଆପଣ ଅର୍ଥ ପଇଠ କରିଛଂତି, ତାହା ଗ୍ରହଣ କରି ପାରିବା ଉଚିତ ।

## ବ୍ରୋକରଙ୍କ ସହିତ ମାରଜିନ୍‌ସ ଏବଂ ଡିପୋଜିଟ୍‌ସ ଜମା :

ବିନିଯୋଗକାରୀ କୌଣସି ପ୍ରକାରର ଡିପୋଜିଟ ପରିମାଣ ବ୍ରୋକରଙ୍କ ସହିତ ଜମା ରଖିବା ଆଇନ ସଙ୍ଗତ (ନିୟମ ବହିର୍ଭୂତ) ନୁହେଁ । ଏହା ଆପଣଙ୍କର ବ୍ରୋକର/ସବ୍ ବ୍ରୋକର୍‌ଙ୍କ ସହିତ ବୁଝାମଣା ଉପରେ ନିର୍ଭର କରେ । କିଂତୁ ବ୍ୟବସାୟ କାର୍ଯ୍ୟକାରୀ କରାଯିବା ପୂର୍ବରୁ ଆପଣ ବ୍ରୋକରଙ୍କୁ ତାଙ୍କର ଅପ୍-ଫ୍ରଣ୍ଟ ମାର୍ଜିନ୍‌ସ ପଇଠ କରିବା ଉଚିତ । ଏକ୍ସଚେଞ୍ଜମାନ ସାଧାରଣତଃ ଅଧିକ ହାରରେ ମାର୍ଜିନସ ଗ୍ରାହକଙ୍କ ଠାରୁ ସଂଗ୍ରହ କରିବା ପାଇଁ ବ୍ରୋକର୍‌ସଙ୍କୁ ସୁପାରିଶ କରିଥଆଂତି । ଏ ପ୍ରକାର ସୁପାରିଶ ସିକ୍ୟୁରିଟୀର ଲିକ୍ୱିଡିଟୀ ଅବସ୍ଥା ଉପରେ ନିର୍ଭର କରିଥାଏ ।

## ବିନିଯୋଗକାରୀ ସୁରକ୍ଷା ଫଣ୍ଡ କାହିଁକି ?

ଏକ୍ସଚେଞ୍ଜମାନ ବିନିଯୋଗକାରୀ ସୁରକ୍ଷା ଫଣ୍ଡ ଚାଲୁ କରିଛଂତି, ଯାହାଦ୍ୱାରା ବିନିଯୋଗକାରୀଙ୍କର ଦାବୀ ପୂରଣ କରିବାରେ ସହାୟକ ହୋଇପାରିବେ । ବ୍ୟବସାୟ କରୁଥିବା କମ୍ପାନୀମାନେ ଯଦି କୌଣସି କାରଣରୁ

ସେମାନଙ୍କ ଚୁକ୍ତିବଦ୍ଧତାରେ ତ୍ରୁଟି କାରଣରୁ ଡିଫଲ୍ଟର (ଦୋଷୀ ଅଭିଯୁକ୍ତ) ହୁଅଂତି, ଏକ୍ସଚେଞ୍ଜମାନ ନିୟମାନୁସାରେ ବିନିଯୋଗକାରୀଙ୍କୁ ସୁରକ୍ଷା ପ୍ରଦାନ କରିବା ସହିତ ଡିଫଲ୍ଟର ପକ୍ଷଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିଥାଆଂତି ।

### କମ୍ପାନୀ ଏବଂ ବ୍ରୋକରମାନଙ୍କ ବିରୁଦ୍ଧରେ ଅଭିଯୋଗ :

ଆପଣ ଏ ପ୍ରକାର ଅଭିଯୋଗ ବ୍ରୋକରଙ୍କ ଦୃଷ୍ଟି ଆକର୍ଷଣ କରିବା ଉଚିତ, ଯାହାଙ୍କ ସହିତ ସବ୍-ବ୍ରୋକରଙ୍କ ଦୃଷ୍ଟି ଆକର୍ଷଣ ମଧ କରିବା ଉଚିତ, ଯାହାଙ୍କ ସହିତ ସବ୍-ବ୍ରୋକର୍ ସଂଲଗ୍ନ ହୋଇ ସ୍ୱୀକୃତି ପ୍ରାପ୍ତ ହୋଇ ରହିଥାଆଂତି । ଯଦି ସବ୍-ବ୍ରୋକର / ବ୍ରୋକର୍ ସେମାନଙ୍କ ମତଭେଦକୁ ମିଳାମିଶା କରାଇବାରେ ଅସମର୍ଥ ହୁଅଂତି କିମ୍ବା କୌଣସି କମ୍ପାନୀ / ବ୍ରୋକରଙ୍କ ବିରୁଦ୍ଧରେ ନିଁଷ୍ଟ ମତଭେଦ ଥାଏ, ତେବେ ଆପଣ ସେହି ନିଁଷ୍ଟ ବିନିଯୋଗକାରୀ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ଦାଖଲ କରି ସମାଧାନର ପନ୍ଥା ବାହର କରିପାରିବେ । ବିନିଯୋଗକାରୀ ଅଭିଯୋଗ ପ୍ରକୋଷ୍ଠ ଏକ୍ସଚେଞ୍ଜମାନଙ୍କ ଜରିଆରେ ଅଭିଯୁକ୍ତ କମ୍ପାନୀମାନଙ୍କ ବିରୁଦ୍ଧରେ ଏକ୍ସଚେଞ୍ଜ ମାଧମରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାଆଂତି । ସମସ୍ତ ପ୍ରକାରର ତତ୍ସଂଲଗ୍ନ ଡକ୍ୟୁମେଣ୍ଟ୍ସ (କାଗଜ ପତ୍ର) ସହିତ ଅନୁମୋଦିତ ଫର୍ମରେ ଆପଣ ଅଭିଯୋଗ ଦାଖଲ କରିପାରିବେ ।

### ଡେରିଭେଟିଭ ମାର୍କେଟ :

ଡେରିଭେଟିଭ ହେଉଛି ଏକ ପ୍ରକାର ଚୁକ୍ତି (କଣ୍ଟ୍ରାକ୍ଟ), ଯାହା ସିକ୍ୟୁରିଟୀଜ୍‌ର ମୂଲ୍ୟ କିମ୍ବା ମୂଲ୍ୟ-ସୂଚୀରୁ ଆହରଣ କରାଯାଇଥାଏ। ସିକ୍ୟୁରିଟୀଜରେ ମୂଲ୍ୟ ଜନିତ ଆପଦ ଏବଂ ଆପଣଙ୍କ ବିନିଯୋଗରୁ ପ୍ରତିଲାଭ ବୃଦ୍ଧି କରିବା ପାଇଁ ଆପଣଙ୍କୁ ସୁରକ୍ଷା ପ୍ରଦାନ ଦେବା ସକାଶେ ଏହି ମାର୍କେଟ ଆପଣଙ୍କ ସ୍ଥିତିକୁ ଦୃଢ଼ କରିବାରେ ମଧ ସହାୟକ ହୋଇଥାଏ । ଡେରିଭେଟିଭ କଣ୍ଟ୍ରାକ୍ଟ କେବଳ ସ୍ୱୀକୃତିପ୍ରାପ୍ତ ଷ୍ଟକ ଏକ୍ସଚେଞ୍ଜମାନଙ୍କ ମାଧମରେ ପରିଚାଳିତ କରାଯାଇଥାଏ । ଯଦି ଆପଣ ଡେରିଭେଟିଭ କାରବାର କୌଣସି ଏକ୍ସଚେଞ୍ଜ ମାଧମରେ କରିଥାଆଂତି ତେବେ କ୍ଲିଅରିଙ୍ଗ କର୍ପୋରେସନ ବିଧି ସମ୍ମତ ପ୍ରତିପକ୍ଷ ହିସାବରେ ସମସ୍ତ ପ୍ରକାର ବ୍ୟବସାୟ ପରିଚାଳିତ କରିବା ସହିତ ସମସ୍ତ ଅଭିଯୋଗର ଗ୍ୟାରେଣ୍ଟୀ ଯୁକ୍ତ ପ୍ରତିକାର ମଧ କରାଯାଇଥାଏ । ଆପଣଙ୍କୁ ବ୍ୟବସାୟ କାରବାର ପାଇଁ କୌଣସି ପ୍ରତିପକ୍ଷ ଖୋଜିବା ଆବଶ୍ୟକ ପଡ଼ିନଥାଏ । କାରଣ ମାର୍କେଟ ଆପଣଙ୍କୁ ଲିକ୍ୱିଡିଟୀ ସୁବିଧା ପ୍ରଦାନ କରିଥାଏ । ଏକ୍ସଚେଞ୍ଜର ଔପଚାରିକ ନିୟମ ଏବଂ ପଦ୍ଧତି ଦ୍ୱାରା ମାର୍କେଟର ସ୍ଥିରତା ଏବଂ ଅଖଣ୍ଡତା (ସତ୍ୟନିଷ୍ଠତା) ମଧ ସୁନିଶ୍ଚିତ କରାଯାଇ ପାରିଥାଏ । ଡେରିଭେଟିଭସ୍‌ର ସାଧାରଣ ଅର୍ଥ ହେଲା ଫ୍ୟୁଚର୍ସ ଏବଂ ଅପସନ୍ସ । ଷ୍ଟାଣ୍ଡାର୍ଡାଇଜଡ଼ ଡେରିଭେଟିଭ୍ସ କଣ୍ଟ୍ରାକ୍ଟ୍ସ ଯଥା ଇଣ୍ଡେକ୍ସ ଫ୍ୟୁଚରସ୍, ଇଣ୍ଡେକ୍ସ ଅପସନ୍ସ, ଷ୍ଟକ ଫ୍ୟୁଚର୍ସ ଏବଂ ଷ୍ଟକ୍ ଅପସନ୍ସ ଇତ୍ୟାଦି ଯାହା ଏବେ ଭାରତୀୟ ଏକ୍ସଚେଞ୍ଜମାନଙ୍କରେ କାରବାର କରାଯାଉଛି ।

### ଡେରିଭେଟିଭ୍ ମାର୍କେଟମାନଙ୍କରେ ବ୍ରୋକର୍ସ ଏବଂ ଷ୍ଟକ୍ ଏକ୍ସଚେଞ୍ଜ :

ଷ୍ଟକ ଏକ୍ସଚେଞ୍ଜ ଡେରିଭେଟିଭ୍ କଣ୍ଟ୍ରାକ୍ଟସଗୁଡ଼ିକର ରୂପରେଖ ପ୍ରସ୍ତୁତ କରିଥାଆଂତି ଏବଂ ସେହି କଣ୍ଟ୍ରାକ୍ଟସ ଜରିଆରେ କାରବାର କରିବା ପାଇଁ ସୁଯୋଗ ପ୍ରଦାନ କରିଥାଆଂତି । ଆପଣଙ୍କ ତରଫରୁ ଏହା ଆପଣଙ୍କର କଣ୍ଟ୍ରାକ୍ଟସ କାର୍ଯକାରୀ କରାଇବାରେ ଏବଂ ସମସ୍ତ ସମସ୍ୟାର ସମାଧାନ ପାଇଁ ଗ୍ୟାରେଣ୍ଟୀ ଦେଇଥାଏ । ଯଦି ଆପଣଙ୍କର ବ୍ରୋକର ଡିଫଲ୍ଟର (ଦୋଷୀ) ଅଭିଯୁକ୍ତ ହୋଇଥାଆଂତି, ସେହି କାରଣରୁ ଡେରିଭେଟିଭ୍ ମାର୍କେଟ ଆପଣଙ୍କୁ ସୁରକ୍ଷା ପ୍ରଦାନ କରିଥାଆଂତି । ଆପଣ କେବଳ ଏକ ବ୍ରୋକରଙ୍କ ମାଧମରେ ଡେରିଭେଟିଭ୍ ମାର୍କେଟରେ କାରବାର କରିପାରିବେ । ଏ ପ୍ରକାର ମାର୍କେଟ ହେଉଛି ସେବିଙ୍କ ଦ୍ୱାରା ରେଜିଷ୍ଟ୍ରିଭୁକ୍ତ ଏକ ମଧସ୍ଥ ପକ୍ଷ, ଯିଏ ଆପଣଙ୍କ ତରଫରୁ ଏକ୍ସଚେଞ୍ଜରେ କାରବାର କରିଥାଆଂତି । କ୍ଲାଏଣ୍ଟ-ବ୍ରୋକର୍ ଏଗ୍ରିମେଣ୍ଟ ଅନୁସାରେ ଆପଣଙ୍କ ସମ୍ବନ୍ଧ ସୁପରିଚାଳିତ (ଅନୁଶାସିତ) ହୋଇଥାଏ । ବ୍ରୋକର ନିଶ୍ଚିତ ଭାବରେ ସେବିଙ୍କ ସହିତ ରେଜିଷ୍ଟ୍ରିଭୁକ୍ତ ହୋଇଥିବେ, ଯାହା ଆପଣ ସେବିଙ୍କ କାର୍ଯ୍ୟାଳୟରେ ପ୍ରଦର୍ଶିତ କରାଯାଇଥିବା ରେଜିଷ୍ଟ୍ରେସନ ସାର୍ଟିଫିକେଟରୁ ଜାଞ୍ଚ କରିପାରିବେ ।



### ମାର୍ଜିନ୍ସ ଏବଂ ଡିପୋଜିଟ୍ସ (ଜମା) :

ସାଧାରଣ ଭାବରେ ଆପଣଙ୍କୁ ଏକ ପ୍ରାଥମିକ ମାର୍ଜିନ ପରିମାଣ ପଇଠ କରିବାକୁ ପଡ଼ିବ, କାରଣ ଯେ କୌଣସି ପୋର୍ଟଫୋଲିଓକୁ ଯଥାର୍ଥ ଭାବରେ ଏକ ବଡ଼ ଧରଣର କ୍ଷତି ସହିତ ମୁକାବିଲା କରିବାକୁ ପଡ଼ିଥାଏ । ଏ ପ୍ରକାର କ୍ଷତି ପ୍ରଥମ ଦିନରୁ ଦ୍ୱିତୀୟ ଦିନ ମଧରେ ଏବଂ ଆଗକୁ ବଢ଼ି ଚାଲିଥାଏ । ତେଣୁ ବ୍ୟବସାୟ କାର୍ଯ୍ୟକାରୀ କରାଯିବ ପୂର୍ବରୁ ବିନିଯୋଗକାରୀ ଏହି ମାର୍ଜିନ୍ ପରିମାଣ ପଇଠ କରିଥାଆଂତି । ଏ ସମ୍ବନ୍ଧରେ ଆପଣଙ୍କ ବ୍ରୋକର ଆପଣଙ୍କୁ ଜଣାଇ ଥାଆଂତି । ସେଥିପାଇଁ ଆପଣ ଆପଣଙ୍କ ବ୍ରୋକରଙ୍କ ନିକଟରେ ଏକ 'ଅପଫ୍ରଣ୍ଟ ମାର୍ଜିନ' ପରିମାଣ ନଗଦ ଅର୍ଥ ଆକାରରେ ଜମା ରଖିବା ଆବଶ୍ୟକ । ଏହା ଅନିବାର୍ଯ୍ୟ, ଯେହେତୁ ମାର୍ଜିନ୍ସ ସର୍ବଦା ଅଗ୍ରିମ୍ ଆକାରରେ ଜଣେ ଗ୍ରାହକଙ୍କୁ ପଇଠ କରିବାକୁ ପଡ଼ିଥାଏ । ଏହା, ବ୍ୟବସାୟ କାର୍ଯ୍ୟକାରୀ ସମୟରେ ପଇଠ କରାଯାଇଥାଏ । ଏପରିକି 'ଦୈନିକ ମାର୍ଜିନ କଲ୍ସ' ଯାହା କ୍ଲାଏଣ୍ଟ୍ସ (ଗ୍ରାହକ)ଙ୍କୁ ଆର୍ଥିକ ବୋଝ ଆକାରରେ ମଧ ଦେବାକୁ ପଡ଼ିଥାଏ । (ତେଣୁ ଏହାକୁ ଗ୍ରାହକ ଏଡ଼ାଇବା ଉଚିତ ।)?

### ଯଦି ବ୍ରୋକର ଦୋଷୀ ଅଭିଯୁକ୍ତ ହୋଇଥାଆଂତି, ତେବେ ଅପଣ କଅଣ କରିବେ ?

ଏହି ପରିସ୍ଥିତିରେ ଆପଣଙ୍କର ଅଭିଯୋଗ / ସମସ୍ୟାମାନ ବିନିଯୋଗକାରୀ ସମସ୍ୟା ପ୍ରତିକାର ପ୍ରକୋଷ୍ଠ (ସେଲ୍)ଙ୍କୁ ଆପଣ ତୁରଂତ ଜଣାଇବା ଉଚିତ । ଏହାର ବିକଳ୍ପ ଭାବରେ ଆପଣ ଏ ପ୍ରକାର ଅଭିଯୋଗକୁ ଆରବିଟ୍ରେସନ୍‌କୁ ଅବଗତ କରାଂତୁ କିମ୍ବା ଡିଫଲ୍ଟର୍ସ କମିଟୀଙ୍କ ନିକଟରେ ଡିଫଲ୍ଟର (ଦୋଷୀ)ଙ୍କ ବିରୁଦ୍ଧରେ ଅଭିଯୋଗ କରିବା ସହିତ ଆପଣଙ୍କର ଅଧିକାର ସାବ୍ୟସ୍ତ କରଂତୁ । ଏହା ବ୍ୟତୀତ ନିଁଷ୍ଟ ଏକ୍ସଚେଞ୍ଜ'ର ବିନଯୋଗକାରୀ ସୁରକ୍ଷା ଫଣ୍ଡରୁ ମଧ ଆପଣଙ୍କୁ ସୁରକ୍ଷା ସହାୟକ ମିଳିପାରିବ । ଏହି ଫଣ୍ଡ ଆପଣଙ୍କର କ୍ଲେମ (ଦାବୀ)କୁ ପୂରଣ କରିବାରେ ସହାୟକ ହୋଇଥାଏ, ଯାହା ବ୍ରୋକରଙ୍କ ଦୋଷରୁ ଠିକ ଅଭିଯୁକ୍ତ ହୋଇଥିବେ,ତେବେ ଯୋଉ ଏକ୍ସଚେଞ୍ଜରେ ସେ କାରବାର କରିଥିବେ ସେହି ଏକ୍ସଚେଞ୍ଜର 'ଇନ୍‌ଭେଷ୍ଟର ପ୍ରୋଟେକ୍ସନ୍ ଫଣ୍ଡ' ବ୍ରୋକରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ମଧ ଗ୍ରହଣ କରିପାରିବେ ।

### କ୍ରୟ କରାଯାଇଥିବା ଡେରିଭେଟିଭ୍ସ ପାଇଁ ବିନିଯୋଗକାରୀ କୋଉ ସମୟରେ ପଇଠ କରିଥାଆଂତି ?

ଆପଣ କିଛି ପରିମାଣର ଅର୍ଥ ବ୍ରୋକରଙ୍କ ନିକଟରେ ଜମା ରଖିବା ଆବଶ୍ୟକ, ଯାହା ଆପଣଙ୍କର ଚୁକ୍ତିର ଦାୟିତ୍ୱ ବହନ କରିବା ସହିତ ଏହି ଜମା ପରିମାଣରୁ ଆଡ୍‌ଜଷ୍ଟ କରାଯାଇପାରିବ । ଆପଣ ଅଲଗା ଭାବରେ ମଧ ପ୍ରତ୍ୟେକ କଣ୍ଟ୍ରାକ୍ଟ ପାଇଁ ପଇଠ କରିପାରଂତି, ଯାହା କ୍ଲାଏଣ୍ଟ-ମେମ୍ବର ଏଗ୍ରିମେଣ୍ଟରେ ସହମତି ସହ ସନ୍ନିବେଶିତ କରାଯାଇଥାଏ । କିଂତୁ ଆପଣଙ୍କ ବ୍ରୋକରଙ୍କ ସହିତ ଆପଣଙ୍କର ଆକାଉଣ୍ଟକୁ ସବୁ ସମୟରେ ଠିକ ଭାବରେ ବୁଝାମଣା କରାଇନେବା ଉଚିତ, ଯାହାଦ୍ୱାରା ଆଗକୁ କୌଣସି ବିବାଦ ସୃଷ୍ଟି ହେବାର ସମ୍ଭାବନା ରହିବ ନାହିଁ ।

### ଡେରିଭେଟିଭ୍ସ ବିକ୍ରୟ ବାବଦରେ ବିନିଯୋଗକାରୀ କୋଉ ସମୟରେ ଅର୍ଥ ପ୍ରାପ୍ତ କରି ପାରିଥାଆଂତି ?

ଏକ୍ସଚେଞ୍ଜ ଦ୍ୱାରା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆପଣଙ୍କ କଣ୍ଟ୍ରାକ୍ଟସ୍ ବିକ୍ରୟ ବାବଦରେ ଆପଣଙ୍କ ଆକାଉଣ୍ଟରେ ଅର୍ଥ ଆକାରରେ କ୍ରେଡିଟ୍ ପଇଠ ମିଳିବା ଉଚିତ । ତା'ଛଡ଼ା, ଆପଣ ହୁଏତ ଦୈନିକ ହାରରେ କ୍ରେଡିଟ ପାଇ ପାରଂତି କିମ୍ବା କ୍ଲାଏଣ୍ଟ-ମେମ୍ବର ଏଗ୍ରିମେଣ୍ଟ ଅନୁସାରେ ନିୟମିତ ବ୍ୟବଧାନରେ ଦୁଇ ପକ୍ଷର ସମ୍ମତି କ୍ରମେ ମଧ୍ୟ ଆପଣ କ୍ରେଡିଟ ପାଇପାରିବେ ।

### ବ୍ରୋକରଙ୍କ ବିରୁଦ୍ଧରେ ଅଭିଯୋଗ :

ଆପଣଙ୍କ ସଂପୃକ୍ତ ଏକ୍ସଚେଞ୍ଜ ସଂଲଗ୍ନ 'ବିନିଯୋଗକାରୀ ସମସ୍ୟା ପ୍ରତିକାର ପ୍ରକୋଷ୍ଠ' ସହିତ ଆପଣଙ୍କର ଅଭିଯୋଗ ଉପସ୍ଥାପନ କରିପାରିବେ ।

### ଡିପୋଜିଟୋରୀ ସର୍ଭିସେସ୍ (ସେବା) :

ମୂଖ୍ୟତଃ ଦୁଇଟି ଡିପୋଜିଟୋରୀ ସଂସ୍ଥା ରହିଛି । ସେମାନଙ୍କର ନାମ ହେଲା : ନାଶନାଲ୍ ସିକ୍ୟୁରିଟୀଜ୍ ଡିପୋଜିଟୋରୀ ଲିମିଟେଡ ଏବଂ ସେଣ୍ଟ୍ରାଲ ଡିପୋଜିଟୋରୀ ସର୍ଭିସେସ (ଇଣ୍ଡିଆ) ଲିମିଟେଡ । ସେମାନେ ରେକର୍ଡସ ସାଇତି ରଖିଥାଆଂତି ଏବଂ ସିକ୍ୟୁରିଟୀଜ୍‌ର ପରିବର୍ତ୍ତନ କାର୍ଯ୍ୟକାରୀ କରିଥାଆଂତି । ଏ ପ୍ରକାର କାର୍ଯ୍ୟ ଯଥେଷ୍ଟ ବେଗ, ପରିଶୁଦ୍ଧତା (ଆକ୍ୟୁରେସି) ଏବଂ ନିରାପତ୍ତାକୁ ଆଧାର କରାଯାଇ ସମ୍ପନ୍ନ କରାଯାଇଥାଏ । ଡିପୋଜିଟୋରୀଜ୍ ମାନେ ସିକ୍ୟୁରିଟୀଜ୍‌କୁ ଡିମାଟ ଆକାରରେ ଧାରଣ କରିଥାଆଂତି ଏବଂ ଡିପୋଜିଟୋରୀରେ ସମସ୍ତ ସିକ୍ୟୁରିଟୀଜମାନ କ୍ଷଣ ଭଙ୍ଗୁର ବା ଅସ୍ଥାୟୀ ସିକ୍ୟୁରିଟୀଜରେ ବିନିଯୋଗକାରୀ ଡିପୋଜିଟୋରୀ ରେକର୍ଡସ୍‌ରେ ଉପକୃତ ମାଲିକାନା ସତ୍ତ୍ୱ ଲାଭ କରିଥାଆଂତି ଏବଂ ଡିପୋଜିଟୋରୀଜ କମ୍ପାନୀଙ୍କ ରେକର୍ଡରେ ରେଜିଷ୍ଟ୍ରିଭୁକ୍ତ ମାଲିକ ଭାବରେ ପରିଗଣିତ ହୋଇଥାଆଂତି । ସିକ୍ୟୁରିଟୀଜ ସମ୍ବନ୍ଧୀୟ ସମସ୍ତ ରାଇଟ୍‌ସ (ଅଧିକାର) ଉପକୃତ ମାଲିକମାନଙ୍କୁ ଉପଲବ୍ଧ ହୋଇଥାଏ ।

ଡିମାଟ ଆକାରରେ ଆପଣଙ୍କ ନିକଟରେ ସିକ୍ୟୁରିଟୀଜ ରହିଥିଲେ, ଆପଣ ଯଦି କ୍ରୟ କରିବାକୁ ଚାହୁଁଛଂତି ତେବେ ତାହାକୁ ବଦଳାଇ ପାରିବେ । ସିକ୍ୟୁରିଟୀଜ୍ ବଦଳାଇବା (ଟ୍ରାନ୍‌ସଫର) ପାଇଁ ଆପଣଙ୍କୁ ଷ୍ଟାମ୍ପ ଡ୍ୟୁଟୀ ଆବଶ୍ୟକ ହୋଇନଥାଏ । ଦୈହିକ ସାର୍ଟିଫିକେଟ ସମ୍ବନ୍ଧୀୟ ଆପଦ ଯଥା ଖରାପ ଡେଲିଭରୀ, ନକଲ ସିକ୍ୟୁରିଟୀଜ୍ ଇତ୍ୟାଦି ଆପଣ ଏଡ଼ାଇ ପାରିବେ ।

କୌଣସି ଡିପୋଜିଟୋରୀ ବିନିଯୋଗକାରୀଙ୍କ ସହିତ ଏଜେଣ୍ଟସ୍‌ମାନଙ୍କ ମାଧ୍ୟମରେ ଭାବ ବିନିମୟ କରିଥାଆଂତି, ସେଥିପାଇଁ ସେମାନଙ୍କୁ ଡିପୋଜିଟୋରୀ ଅଂଶଗ୍ରହଣକାରୀ ନାମ ଦିଆଯାଇଥାଏ । ଯଦି କୌଣସି ଡିପୋଜିଟୋରୀଙ୍କ ସେବା ଆପଣ ଗ୍ରହଣ କରିବାକୁ ଚାହୁଁଛଂତି, ତେବେ ଆପଣ ଏକ ଡିପିଙ୍କ ସହିତ ଏକ ଆକାଉଣ୍ଟ ଖୋଲିବା ଆବଶ୍ୟକ । ଏହି ଆକାଉଣ୍ଟ ଯେକୌଣସି ବ୍ୟାଙ୍କର ଏକ ଶାଖାରେ ଖୋଲା ଯାଉଥିବା ଆକାଉଣ୍ଟ ସହିତ ସମାନ, ଯାହାଦ୍ୱାରା ବ୍ୟାଙ୍କର ସେବା ଗ୍ରାହକମାନଙ୍କୁ ମିଳିଥାଏ ।

### ଡିମେଟେରିଆଲାଇଜିଙ୍ଗ ଏବଂ ରିମେଟେରିଆଲାଇଜିଙ୍ଗ :

ଆପଣଙ୍କ ନାମରେ ଯୋଉ ସିକ୍ୟୁରିଟୀଜମାନ ରେଜିଷ୍ଟ୍ରିଭୁକ୍ତ କରାଯାଇଥାଏ ଏବଂ ସିକ୍ୟୁରିଟୀଜ୍ ସୂଚୀରେ ଯେ କୌଣସି ଡିପୋଜିଟୋରୀ ସହିତ ଡିମେଟେରିଆଲାଇଜେସନ୍ ପାଇଁ ପ୍ରବେଶ କରାଯାଇଥାଏ, ଆପଣ ସେ



ସମସ୍ତ ଡିମେଟେରିଆଲାଇଜ୍ କରି ପାରିବେ ଆପଣଙ୍କର ଡିପିଙ୍କଠାରୁ କିମ୍ବା ଡିପୋଜିଟୋରୀଜ୍‌ଙ୍କର ୱେବ୍‌ସାଇଟ୍‌ସ୍‌ରୁ ଡିମେଟେରିଆଲାଇଜେସନ୍ ସକାଶେ ପ୍ରବେଶ କରାଯାଇଥିବା ଏକ ଆଧୁନିକକରଣ ସୂଚୀ ପାଇ ପାରିବେ । ଆପଣ ଯଦି ଦୈହିକ ରୂପରେ ଆପଣଙ୍କ ସିକ୍ୟୁରିଟୀଜ୍ ଫେରି ପାଇବାକୁ ଚାହୁଁଛଂତି, ଆପଣ ଆପଣଙ୍କ ଡିପିଙ୍କୁ ସେହି ସିକ୍ୟୁରିଟୀଜ୍‌ର ରିମେଟେରିଆଲାଇଜେସନ୍ ପାଇଁ ଅନୁରୋଧ କରିବା ଆବଶ୍ୟକ । ଡିପି ଆପଣଙ୍କ ଅନୁରୋଧକୁ ଡିପୋଜିଟୋରୀଙ୍କ ନିକଟକୁ ସୁପାରିଶ କରିବେ ଯିଏ ସଂମ୍ପୃକ୍ତ କମ୍ପାନୀଙ୍କ ସହିତ ଏହି ବିଷୟକୁ ତ୍ୱରାନ୍ୱିତ କରିପାରିବେ । ଆପଣଙ୍କ ଇଚ୍ଛା ଅନୁସାରେ ଆପଣ ଆପଣଙ୍କର ସିକ୍ୟୁରିଟୀଜକୁ ଦୈହିକ କିମ୍ବା ଡିମାଟ୍ ଆକାରରେ ରଖିବା ଆପଣଙ୍କର ସ୍ୱାଧିନତା ଅଟେ ।

### କିପରି ଏକ ଡିପିଙ୍କୁ ନିର୍ବାଚିତ କରିବେ :

ଯେପରି ଆପଣ ଏକ ସେଭିଙ୍ଗସ ଆକାଉଣ୍ଟ ଖୋଲିବା ପାଇଁ ଏକ ବ୍ୟାଙ୍କ ନିର୍ବାଚିତ କରିଥାଆଂତି ସେହିପରି ଏକ ଡିମାଟ ଆକାଉଣ୍ଟ ଖୋଲିବା ପାଇଁ ଆପଣଙ୍କର ଏକ ଡିପିଙ୍କୁ ନିର୍ବାଚିତ କରିବା ଉଚିତ । କେତେକ ବିଷୟ ପ୍ରତି ଆପଣ ଧ୍ୟାନ ଦେବା ଆବଶ୍ୟକ । ସେଗୁଡ଼ିକ ହେଲା : ସୁବିଧା (ଆପଣଙ୍କ ଅଫିସ/ଘର ନିକଟ, ବ୍ୟବସାୟ ସମୟ ନିର୍ଘଣ୍ଟ) ସ୍ୱାଚ୍ଛନ୍ଦ୍ୟ (ସୁନାମ, ପ୍ରସିଦ୍ଧ) (ଐତିହ୍ୟ), ଅନ୍ୟ ବିନିଯୋଗକାରୀଙ୍କ ଅଭିଜ୍ଞତା, ଆଧାରିକ ସଂରଚନା (ଇନ୍‌ଫ୍ରାଷ୍ଟ୍ରକ୍ଚର) ଏବଂ ମୂଲ୍ୟ (ସର୍ଭିସ ଦେୟ ଏବଂ ସର୍ଭିସ ଷ୍ଟାଣ୍ଡାର୍ଡସ), ଆପଣ ଏ କଥା ମଧ୍ୟ ସୁନିଶ୍ଚିତ କରଂତୁ ଯେ, ସେହି ଡିପି ସେବିଙ୍କ ସହିତ ରେଜିଷ୍ଟ୍ରିଭୁକ୍ତ ହୋଇଛଂତି ।

### ଡେଲିଭରୀ ଇନ୍‌ଷ୍ଟ୍ରକ୍ସନ ସ୍ଲିପ୍‌ସ (ଡିଆଇଏସ) :

ଡିଆଇଏସ ହେଉଛି ଚେକବୁକ୍ ସଦୃଶ, ଆପଣ ଏହାକୁ ଯତ୍ନର ସହିତ ବ୍ୟବହାର କରିବା ଉଚିତ । ଆପଣ ଆପଣଙ୍କ ଡିପିଙ୍କୁ ଡିଆଇଏସ ବୁକ୍ ପ୍ରଦାନ କରିବାପାଇଁ ଅନୁରୋଧ କରଂତୁ (ଲୁଜ୍ ସ୍ଲିପ୍‌ସ ନୁହେଁ) ଡିଆଇଏସ୍ ନମ୍ବରମାନ ପୂର୍ବରୁ ମୁଦ୍ରିତ କରାଯାଇଥାଏ ଏବଂ ଆପଣଙ୍କର ଆକାଉଣ୍ଟ ନମ୍ବର (କ୍ଲାଏଣ୍ଟ ଆଇଡି) ପୂର୍ବରୁ ଷ୍ଟାମ୍ପ କରାଯିବା ଆବଶ୍ୟକ । ଦସ୍ତଖତ କରାଯାଇଥିବା ବ୍ଲାଙ୍କ (ଶୂନ୍ୟ) ଡିଆଇଏସ କାହାରି ନିକଟରେ ଛାଡ଼ି ଯାଆଂତୁ ନାହିଁ । ଚାବିତାଲା ପକାଇ ଡିଆଇଏସ ବୁକ୍ ସାଇତି ରଖଂତୁ, ଯେତେବେଳେ ତାହାକୁ ବ୍ୟବହାର ନ କରାଯାଉଥିବ ।

### ଡିମେଟେରିଆଲାଇଜ୍‌ଡ ସେୟାର୍‌ସ କିପରି ପାଇ ପାରିବେ ?

କୌଣସି ପବ୍ଲିକ ଇସ୍ୟୁରେ, ଇସ୍ୟୁଅର ଆପଣଙ୍କ ଆକାଉଣ୍ଟରେ ଆପଣଙ୍କୁ ଦିଆଯାଇଥିବା ସିକ୍ୟୁରିଟୀଜଙ୍କୁ କ୍ରେଡିଟ କରାଇବା ପାଇଁ ଡିପିଙ୍କୁ ଉପଦେଶ ଦେଇଥାଆଂତି । ସେକେଣ୍ଡାରୀ ମାର୍କେଟରୁ କ୍ରୟ କରାଯାଉଥିବା ଡିମାଟ ସିକ୍ୟୁରିଟୀଜ୍ ପ୍ରାପ୍ତ କରିବା ନିମଂତେ ଆପଣ ଆପଣଙ୍କ ଡିପିଙ୍କୁ କେବଳ ଗୋଟିଏ ଥର ପାଇଁ ଷ୍ଟାଣ୍ଡିଙ୍ଗ ଇନ୍‌ଷ୍ଟ୍ରକ୍ସନ୍ ଦେଇ ପାରିବେ । ବୈପ୍ଲବିକ ଭାବରେ, ଆପଣ ଡିପିକୁ ପ୍ରତ୍ୟେକ କ୍ରେଡିଟ ପ୍ରାପ୍ତି ସକାଶେ ଅଲଗା ରିସିପ୍ଟ ଇନ୍‌ଷ୍ଟ୍ରକ୍ସନ ଦେବାରେ ସିଦ୍ଧାଂତ ମଧ୍ୟ ଗ୍ରହଣ କରିପାରିବେ । ଆପଣ ଏହା ସୁନିଶ୍ଚିତ କରଂତୁ ଯେ ଆପଣଙ୍କ ବ୍ରୋକର ଆପଣଙ୍କ ସିକ୍ୟୁରିଟୀଜ୍‌କୁ ଆପଣଙ୍କ କ୍ଲିଆରିଙ୍ଗ ଆକାଉଣ୍ଟରୁ ଆପଣଙ୍କ ଡିପୋଜିଟୋରୀ ଆକାଉଣ୍ଟକୁ ଟ୍ରାନ୍ସଫର କରୁଛଂତି କି

ନାହିଁ ? ଏହା ମଧ୍ୟ ବୁକ୍ କ୍ଲୋଜର୍ ପୂର୍ବରୁ କରାଯିବା ଆବଶ୍ୟକ । ଯଦି ସିକ୍ୟୁରିଟୀଜ୍‌ମାନେ ବ୍ରୋକରଙ୍କ କ୍ଲିଅରିଙ୍ଗ ଆକାଉଣ୍ଟରେ ରହିଥାଏ, ତେବେ କମ୍ପାନୀ କର୍ପୋରେଟ ବେନିଫିଟ୍‌ସ (ସୁବିଧା) ବ୍ରୋକରଙ୍କୁ ଡିଭିଡେଣ୍ଡ

କିମ୍ବା ବୋନସ ଆକାରରେ ଦେଇଥାଆଂତି । ସେ କ୍ଷେତ୍ରରେ ଆପଣ ଆପଣଙ୍କ ବ୍ରୋକରଙ୍କ ନିକଟରୁ ଆର୍ଥିକ ଲାଭ ସଂଗ୍ରହ କରି ପାରିବେ ।

## ଡିମେଟେରିଆଲାଇଜଡ଼ ସେୟାର୍‌ସ କିପରି ବିକ୍ରୟ କରିବେ ?

ସିକ୍ୟୁରିଟୀଜ୍ ବିକ୍ରୟ କରି ସାରିବା ପରେ ଆପଣଙ୍କର ଡିପିଙ୍କ ସହିତ ସମ୍ପର୍କ ସ୍ଥାପନ କରଂତୁ । ସେ ଆପଣଙ୍କ ଦ୍ୱାରା ବିକ୍ରୟ କରାଯାଇଥିବା ସିକ୍ୟୁରିଟୀଜ ସଂଖ୍ୟାକୁ ଆପଣଙ୍କ ଆକାଉଣ୍ଟକୁ ଡେବିଟ କରିବାକୁ ନିର୍ଦ୍ଦେଶ ଦେଇ ପାରିବେ ଏବଂ ଆପଣଙ୍କ ବ୍ରୋକରଙ୍କ କ୍ଲିଅରିଙ୍ଗ ଆକାଉଣ୍ଟକୁ କ୍ରେଡିଟ ଦେଇ ପାରିବେ । ଆପଣ ଡିପିଙ୍କୁ ଆପଣଙ୍କ ଏ ପ୍ରକାର ଡେଲିଭରୀ ଇନ୍‌ଷ୍ଟ୍ରକ୍ସନ୍ ଦେଇ ପାରିବେ । ଆକାଉଣ୍ଟ ଖୋଲିବା ସମୟରେ ଆପଣଙ୍କ ଡିପିଙ୍କ ଦ୍ୱାରା ଦିଆଯାଇଥିବା ଡିଆଇଏସ୍ ମଧ୍ୟ ଏଥି ସକାଶେ ବ୍ୟବହାର କରି ପରିବେ ।

## ଡିଭିଡେଣ୍ଡ ଏବଂ ସୁଧ :

ଉପକୃତ ଡିପୋଜିଟୋରୀ ହୋଲ୍‌ଡର (ଧାରୀ) ଏବଂ ଡିପୋଜିଟ୍‌ରୁ ସେମାନଙ୍କର ହୋଲ୍‌ଡିଙ୍ଗସ୍ ସମ୍ବନ୍ଧରେ ସମ୍ପୃକ୍ତ କମ୍ପାନୀମାନେ ବିଶଦ ତଥ୍ୟ ପାଇ ପାରିଥାଆଂତି । ଇସିଏସ୍ ସୁବିଧା (ଇଲେକ୍‌ଟ୍ରୋନିକ କ୍ଲିଅରିଙ୍ଗ ସର୍ଭିସ) ମାଧ୍ୟମରେ ଆପଣଙ୍କ ପ୍ରାପ୍ୟ ଅର୍ଥ ପରିମାଣ କମ୍ପାନୀଙ୍କ ଦ୍ୱାରା କରାଯାଇଥାଏ କିମ୍ବା ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟର ବିଶଦ ବିବରଣୀ ସହିତ ଛପା ଯାଇଥିବା ୱାରେଣ୍ଟସ ମାଧ୍ୟମରେ ଆପଣଙ୍କୁ ପଇଠ କରାଯାଇଥାଏ ।

## ବୋନସ ସେୟାର୍‌ସ :

ଉପକୃତ ଡିପୋଜିଟୋର ହୋଲ୍‌ଡର୍‌ସ ଏବଂ ଡିପୋଜିଟୋରୀରୁ ସେମାନଙ୍କର ହୋଲ୍‌ଡିଙ୍ଗସ ସମ୍ବନ୍ଧରେ କମ୍ପାନୀମାନେ ବିଶଦ ବିବରଣୀ ପ୍ରାପ୍ତ କରିଥାଆଂତି । ଆପଣଙ୍କର ଡିପୋଜିଟୋରୀ ଆକାଉଣ୍ଟରେ ଆପଣଙ୍କର ପ୍ରାପ୍ୟ ପ୍ରତ୍ୟକ୍ଷ ଭାବରେ ଜମା କରାଯାଇଥାଏ ।

## ଜଣେ ବିନିଯୋଗକାରୀ ଡିପୋଜିଟୋରୀଙ୍କୁ କୋଉ ପରିମାଣ ଅର୍ଥ ପଇଠ କରିଥାଆଂତି ?

ଡିପିମାନଙ୍କ ମାଧ୍ୟମରେ ଏକ ଡିପୋଜିଟୋରୀ ବିନିଯୋଗକାରୀଙ୍କ ସହିତ ଯୋଗାଯୋଗ ସ୍ଥାପିତ କରିଥଆଂତି । ପ୍ରତ୍ୟକ୍ଷ ଭାବରେ କୌଣସି ଡିପୋଜିଟୋରୀ ବିନିଯୋଗକାରୀଙ୍କୁ ଫିସ୍ ମାଗି ନଥାଆଂତି କିଂତୁ ଡିପିମାନଙ୍କୁ ଚାର୍ଜ (ଫିସ୍) ମାଗିଥାଆଂତି । ଏହି ଡିପିମାନେ ସେମାନଙ୍କର ନିଜସ୍ୱ ଫୀସ୍ ରୂପରେଖ (ଷ୍ଟ୍ରକ୍ଚର) ବିନିଯୋଗକାରୀଙ୍କ ପାଇଁ ସ୍ଥିର କରିଥାଆଂତି । ତେଣୁ ଆପଣ ଜଣେ ଡିପିଙ୍କ ଦ୍ୱାରା ନିଆଯାଉଥିବା ଫିସ୍‌କୁ ଲକ୍ଷ କରିବା ଉଚିତ ଏବଂ ତତ୍‌ସହିତ ସେମାନଙ୍କ ଦ୍ୱାରା ଉପଲବ୍ଧ ହେଉଥିବା ବିଭିନ୍ନ ଶ୍ରେଣୀର ସେବା ତଥା ସେବାର ଗୁଣବତ୍ତା ମଧ୍ୟ ପରୀକ୍ଷା କରି ଦେଖିବା ବିଧେୟ ।

## ସମସ୍ୟା (ଅଭିଯୋଗ) :

ଆପଣଙ୍କର ଡିପୋଜିଟୋରୀ ସମ୍ବନ୍ଧୀୟ କୌଣସି ସମସ୍ୟାଥିଲେ ଆପଣଙ୍କ ଡିପିଙ୍କୁ ପରାମର୍ଶ କରଂତୁ । ଯଦି ଡିପିଙ୍କ ଦ୍ୱାରା ଆପଣଙ୍କ ସମସ୍ୟାର ସମାଧାନ ସମ୍ଭବପର ନହୁଏ, ଆପଣ ଆପଣଙ୍କ ଡିପୋଜିଟୋରୀଙ୍କୁ ଲେଖି ଜଣାଇ ପାରିବେ । ଯଦି କୌଣସି କାରଣରୁ ଡିପୋଜିଟୋରୀ / ଡିପୋଜିଟୋରୀ ଅଂଶଗ୍ରହଣ କାରୀ ଆପଣଙ୍କ ସମସ୍ୟାର ଉପଯୁକ୍ତ ସମାଧାନ ନ କରି ପାରଂତି, ତେବେ ଆପଣ ସେବିଙ୍କୁ ସେ ସମ୍ପର୍କରେ ଲେଖଂତୁ ।



## ମ୍ୟୁଚୁଆଲ ଫଣ୍ଡସ :

ଆପଣଙ୍କ ମଧ୍ୟରୁ ଅନେକ ହୁଏତ କଲେକ୍ଟିଭ୍ ଇନ୍‌ଭେଷ୍ଟମେଣ୍ଟ ପସନ୍ଦ କରିପାରଂତି, ଯାହା ଆପଣଙ୍କର ମାର୍ଜିନାଲ୍ ସମ୍ବଳକୁ ପୁଞ୍ଜିଭୂତ (ଏକତ୍ରିତ କରାଇ) କରିପାରିବ । ଏ ପ୍ରକାର ବିନିଯୋଗ ଆପଣଙ୍କୁ ସିକ୍ୟୁରିଟୀଜରେ ବିନିଯୋଗ ସୁବିଧା ପ୍ରଦାନ କରିବା ସହିତ କର୍ପୋରେଟ ନିୟମାନୁସାରେ ଆପଣଙ୍କୁ ପ୍ରାପ୍ୟ ପ୍ରତିଲାଭ ମଧ୍ୟ ଯୋଗାଇଥାଏ । ଆପଣ କ୍ରମହ୍ରାସମାନ ରିସ୍କ ଏ ପ୍ରକାର ବିନିଯୋଗ ମାଧ୍ୟମ ଦ୍ୱାରା ନିଯୁକ୍ତ ଫଣ୍ଡ ମ୍ୟାନେଜର୍‌ସଙ୍କ ବ୍ୟବସାୟିକ ବିଶେଷଜ୍ଞତା ଯୋଗୁଁ ଆପଣଙ୍କୁ କମ ରିସ୍କ / ଉଚ୍ଚ ପ୍ରତିଲାଭ ସହିତ ଅନ୍ୟାନ୍ୟ ସୁବିଧା ମଧ୍ୟ ମିଳିଥାଏ। ଏହା ମ୍ୟୁଚୁଆଲ ଫଣ୍ଡସଙ୍କର ଏପରି ଏକ ନିବେଦନ, ଯାହା ଷ୍ଟକ ମାର୍କେଟ ରାସ୍ତାକୁ ସରଳୀକୃତ ଏବଂ ନିରାପଦ କରିଥାଏ । ଏହା କଲ୍-ଏ-ବ୍ରୋକର୍ ଏଣ୍ଡ-ବାୟା ସେଲ୍ ସିକ୍ୟୁରିଟୀଜ ରାସ୍ତାରେ ମାଧ୍ୟମ ଅପେକ୍ଷା ଅଧିକ ଶ୍ରେୟସ୍କର । ଭାରତରେ ଅନେକ ସଂଖ୍ୟକ ଫଣ୍ଡସମାନ ରହିଛି ଯୋଉଗୁଡ଼ିକ ଅନେକ କିସମର ସ୍କିମ୍‌ସ (ଯୋଜନା) ପ୍ରତ୍ୟେକ ବିନିଯୋଗକାରୀଙ୍କ ଆବଶ୍ୟକତା ଅନୁସାରେ ପ୍ରସ୍ତୁତ କରିଥାଆଂତି ।

ସିକ୍ୟୁରିଟ ମାର୍କେଟ ଅତ୍ୟଂତ ଅସ୍ଥିର (କ୍ଷଣ ଭଙ୍ଗୁର) ଅଟେ । ଏଥିରେ ଅର୍ଥ କ୍ଷତିର ଆଶଙ୍କା ମଧ୍ୟ ଅଧିକ । ସିକ୍ୟୁରିଟୀଜ ମାର୍କେଟରୁ ବୃଦ୍ଧିକାରୀ ଏବଂ ଆୟ ସାମର୍ଥ୍ୟ ସିକ୍ୟୁରିଟୀଜମାନଙ୍କୁ ନିର୍ବାଚିତ କରିବା ପାଇଁ ମାର୍କେଟକୁ ଅନୁଧ୍ୟାନ କରିବା ତଥା ଯତ୍ନର ସହିତ ଗବେଷଣା ଜନିତ ତଥ୍ୟ ସଂଗ୍ରହ କରିବା ଆବଶ୍ୟକ । ଏହା ସମସ୍ତ ବିନିଯୋଗକାରୀଙ୍କ ପକ୍ଷରେ ସମ୍ଭବପର ହୋଇନଥାଏ । ସିକ୍ୟୁରିଟୀଜ ମାର୍କେଟରେ ସଫଳ ବିନିଯୋଗର ଉପାୟ ହେଲା ଏକ ବହୁମୁଖୀ ପୋର୍ଟଫୋଲିଓ ନିର୍ମାଣ କରିବା, ଯୋଉଥିରେ ଏକ ଅଧିକ ପରିମାଣର ବିନିଯୋଗ ମୂଳ ଧନରାଶି ଆବଶ୍ୟକ ହୋଇଥାଏ ।

ମ୍ୟୁଚୁଆଲ୍ ଫଣ୍ଡ ହେଉଛି ଏକ ବ୍ୟବସାୟିକ ମଧ୍ୟସ୍ଥ ଯିଏ ବିନିଯୋଗକାରୀ ଏବଂ ସିକ୍ୟୁରିଟୀଜ ମାର୍କେଟ ମଧ୍ୟରେ ସମନ୍ୱୟ ରକ୍ଷା କରିଥାଆଂତି । ପ୍ରତ୍ୟକ୍ଷ ବିନିଯୋଗ ଜନିତ ବିନିଯୋଗ ସମ୍ବନ୍ଧୀୟ ଅନେକ ପ୍ରକାର ତ୍ରୁଟିମାନଙ୍କୁ ବିଶେଷ ଭାବରେ ସୁଧାରିବା ପାଇଁ ମ୍ୟୁଚୁଆଲ ଫଣ୍ଡସ ସହାୟକ ହୋଇଥାଏ । ମ୍ୟୁଚୁଆଲ୍ ଫଣ୍ଡସରେ ବିନିଯୋଗର ବିଶେଷତ୍ୱ ମାନ ହେଲା :

**ବ୍ୟବସାୟିକ ପରିଚାଳନା :** ପରିଚାଳନା କୌଶଳ ତଥା ଗବେଷଣାଜନିତ କୌଶଳ ଏବଂ ତତ୍‌ସହିତ ଏକ ବ୍ୟବସାୟିକ ପରିଚାଳନା ସଂଯୋଜିତ (ସଂପୃକ୍ତ) ହୋଇଥାଆଂତି ।

**ବିବିଧକରଣ (ଡାଇଭର୍‌ସିଫିକେସନ୍):** ମ୍ୟୁଚୁଆଲ୍ ଫଣ୍ଡରେ ଜଣେ ବିନିଯୋଗକାରୀ ପୋର୍ଟଫୋଲିଓକୁ ଏକ ବିବିଧ ରୂପରେ ପ୍ରାପ୍ତ କରିଥାଆଂତି, ଏପରିକି ବିନିଯୋଗାକାରୀଙ୍କ ବିନିଯୋଗ ପରିମାଣ ମଧ୍ୟ କମ ହୋଇପାରେ । ସୁତରାଂ କ୍ଷତିର ଅନେକ ସଂଖ୍ୟକ ବିନିଯୋଗକାରୀଙ୍କ ମଧ୍ୟରେ କ୍ଷତି ପରିମାଣ ବିସ୍ତାରିତ ହୋଇଥାଏ, ତେଣୁ ବ୍ୟକ୍ତିବିଶେଷ ବିନିଯୋଗକାରୀ ସମ୍ପୂର୍ଣ୍ଣ କ୍ଷତି ପରିମାଣ ସହି ନଥାଂତି । ଯେ କୌଣସି ଏକ ଇନ୍‌ଷ୍ଟ୍ରୁମେଣ୍ଟର ଆପଦ ଅନେକ ସଂଖ୍ୟକ ବିନିଯୋଗ ଇନ୍‌ଷ୍ଟ୍ରୁମେଣ୍ଟ ମାଧ୍ୟମରେ ବିସ୍ତାରିତ ହୋଇଯାଇଥାଏ ।

**ନିମ୍ନ ମୂଲ୍ୟ :** ମ୍ୟୁଚୁଆଲ ଫଣ୍ଡରେ ରହିଛି ଏକ ଆର୍ଥିକ ସ୍କେଲ ଫଣ୍ଡ ନିମ୍ନତର ମୂଲ୍ୟ ପ୍ରଦାନ କରିଥାଏ । କାରଣ ମ୍ୟୁଚୁଆଲ୍ ଫଣ୍ଡର ପରିମାଣ ଅଧିକ ଏବଂ ଏହି ସୁବିଧା ବିନିଯୋଗକାରୀଙ୍କୁ ପ୍ରାପ୍ତ ହୋଇଥାଏ ।

**ଲିକ୍ୱିଡିଟୀ :** ମ୍ୟୁଚୁଆଲ୍ ଫଣ୍ଡସ୍‌ର ୟୁନିଟସ୍‌ମାନଙ୍କୁ ଫଣ୍ଡକୁ ପୁନର୍ବାର ବିକ୍ରୟ କରି ଦିଆଯାଇପାରିବ (ଓପନ୍-ଏଣ୍ଡ) କିମ୍ବା ମାର୍କେଟରେ ବିକ୍ରୟ କରାଯାଇ ପାରିବ (କ୍ଲୋଜ୍‌ଡ-ଏଣ୍ଡ) କିମ୍ବା ନିର୍ଦ୍ଧାରିତ ସମୟକାଳ ସମାପ୍ତ ହେବାପରେ ରିଡିମ୍ଡ୍ (ମୁକ୍ତ) କରାଯାଇପାରିବ ।

**ଟ୍ରାନ୍ସ୍‌ପାରେନ୍‌ସୀ (ଅଜ୍ଞାତତା, ସତ୍ୟନିଷ୍ଠତା) :** ଆସୋସିଏସନ୍ ଅଫ ମ୍ୟୁଚୁଆଲ୍ ଫଣ୍ଡସ୍ ଇନ୍ ଇଣ୍ଡିଆ (ଏଏମଏଫଆଇ)ଙ୍କ ୱେବସାଇଟ ତଥା ଅନ୍ୟ ସାଇଟସ୍‌ରେ ସ୍କିମସମାନଙ୍କର ନି. ପ. ମୂଲ୍ୟ (ଏନଏଭି) ଦୈନିକ ପ୍ରଦର୍ଶିତ କରାଯାଇଥାଏ ।

**ସ୍କିମ୍‌ସମାନଙ୍କର ପସନ୍ଦ :** ବିଭିନ୍ନ ପ୍ରକାରର ବିନିଯୋଗକାରୀଙ୍କ ପସନ୍ଦ ଅନୁସାରେ ମ୍ୟୁଚୁଆଲ୍ ଫଣ୍ଡସ ଏକ ବିସ୍ତୃତ ଶ୍ରେଣୀର ସ୍କିମ୍‌ସମାନ ଚାଲୁ କରି ଆସୁଛଂତି ।

**ରେଗୁଲେଟେଡ (ନିୟନ୍ତ୍ରିତ) :** ସେବିଙ୍କ ଦ୍ୱାରା ମ୍ୟୁଚ୍ୟୁଆଲ ଫଣ୍ଡସ୍ ନିୟନ୍ତ୍ରିତ ହୋଇଥାଆଂତି ।

## ଆପଣଙ୍କ ବିନିଯୋଗ ଲକ୍ଷକୁ ଜାଣଂତୁ :

ପ୍ରଥମେ ଆପଣଙ୍କର ନଜସ୍ୱ ବିନିଯୋଗ ଲକ୍ଷଗୁଡ଼ିକ ଜାଣଂତୁ ଅର୍ଥାତ୍ ଆପଣ ଲିକ୍ୱିଡିଟୀ ଚାହୁଁଛଂତି କିମ୍ବା ସ୍ୱଳ୍ପ ମିଆଦି ପ୍ରତିଲାଭ କିମ୍ବା ଦୀର୍ଘ ମିଆଦି କ୍ୟାପିଟାଲ (ମୂଳ ଧନରାଶି) ପରିବୃଦ୍ଧି ଇତ୍ୟାଦି । ତା ପରେ ଉପଲବ୍ଧ ବିଭିନ୍ନ କିସମର ସ୍କିମ୍‌ସମାନଙ୍କ ମଧ୍ୟରୁ ଆପଣଙ୍କ ବିନିଯୋଗ ଲକ୍ଷକୁ ଖାପ ଖାଉଥିବା ନିର୍ଦ୍ଦିଷ୍ଟ ସ୍କିମ/ସ୍କିମ୍‌ସ ନିର୍ବାଚିତ କରିବା ଉଚିତ । ସ୍କିମ୍ ନିର୍ବାଚନ ପରେ ଆପଣ କମ୍ପାନୀଙ୍କ କାର୍ଯ୍ୟକଳାପ ସମ୍ବନ୍ଧରେ ଅତୀତର ରେକର୍ଡ ଏବଂ ସେହି ପ୍ରକାର ସ୍କିମ୍‌ସମାନଙ୍କରୁ ଉତ୍ପନ୍ନ ପ୍ରତିଲାଭ ସହିତ ଅନ୍ୟାନ୍ୟ ମ୍ୟୁଚୁଆଲ ଫଣ୍ଡସର କାର୍ଯ୍ୟକଳାପକୁ ତୁଳନା କରି ଦେଖଂତୁ । ଏଥିପାଇଁ ଆପଣ ପୁଙ୍ଖାନୁପୁଙ୍ଖ ଭାବରେ ଅଫର ଡକ୍ୟୁମେଣ୍ଟକୁ ଯାଞ୍ଚ କରି ଦେଖିବା ଆବଶ୍ୟକ । ଅଫର୍ ଡକ୍ୟୁମେଣ୍ଟ ଯାଞ୍ଚ ସମୟରେ କମ୍ପାନୀଙ୍କ ଅତୀତର ଫଳାଫଳ, ସ୍ପୋନ୍‌ସର୍‌ସ, ବିନିଯୋଗ ଲକ୍ଷ ଆସେଟ୍ ଆଲୋକେସନ ଧାରା ଇତ୍ୟାଦିକୁ ପ୍ରାଧାନ୍ୟ ଦିଆଯିବା ଉଚିତ ।

## ଏକ ମ୍ୟୁଚୁଆଲ ଫଣ୍ଡ ସ୍କିମ୍‌ର ନିର୍ବାଚନ କିପରି କରିବେ :

ସ୍କିମ୍ ହାଇଲାଇଟ୍‌ସ, ସ୍କିମ ସ୍ପେସିଫିକ ରିସ୍କ ଫେକ୍ଟର୍‌ସ, ଫୀସ୍ ର ବିଶଦ ବିବରଣୀ, ଖର୍ଚ୍ଚ ଓ ଲୋଡ୍ ଅତୀତର ଫଳାଫଳ ତଦ୍‌ବ୍ୟତୀତ ବିନିଯୋଗ ଲକ୍ଷ ଏବଂ ପ୍ରାଧାନ୍ୟ, କୌଣସି ଏକ ନିର୍ଦ୍ଦିଷ୍ଟ ସ୍କିମର ଲକ୍ଷ ଓ ପ୍ରାଧାନ୍ୟକୁ ଅନ୍ୟାନ୍ୟ ସ୍କିମ୍‌ସମାନଙ୍କ ସହିତ ତୁଳନା କରିବା ହେଉଛି ଅନେକ ପ୍ରକାରର ବୈଶିଷ୍ଟ୍ୟତା ଯାହା ଜଣେ ବିନିଯୋଗକାରୀ ସୂକ୍ଷ୍ମଭାବରେ ପରୀକ୍ଷା କରି ଦେଖିବା ବିଧେୟ ।

## ମ୍ୟୁଚୁଆଲ ଫଣ୍ଡ ୟୁନିଟ୍‌ସ କିପରି କ୍ରୟ କରି ପରିବେ ?

ଓପନ୍-ଏଣ୍ଡ ସ୍କିମ୍ କ୍ଷେତ୍ରରେ ଆପଣ ଫଣ୍ଡରୁ ପ୍ରତ୍ୟକ୍ଷ ଭାବରେ ୟୁନିଟ୍‌ସମାନ କ୍ରୟ କରିପାରିବେ । ଆପଣ ଫଣ୍ଡ'ର ଅଫିସ କିମ୍ବା ଡିଷ୍ଟ୍ରିବ୍ୟୁଟର୍‌ସ / ସବ-ବ୍ରୋକର୍‌ସ / ବ୍ରୋକର୍‌ସ କିମ୍ବା ଏଜେଣ୍ଟ୍‌ସଙ୍କୁ ଏଥି ସକାଶେ ପରାମର୍ଶ କରିପାରିବେ । କ୍ଲୋଜ୍‌ଡ-ଏଣ୍ଡ ସ୍କିମ୍ କ୍ଷେତ୍ରରେ ଆପଣ ଷ୍ଟକ ଏକ୍ସଚେଞ୍ଜରୁ ୟୁନିଟ୍‌ସମାନ ସୂଚିତ କରାଯାଇଥାଏ କିମ୍ବା ଆପଣ ମ୍ୟୁଚୁଆଲ ଫଣ୍ଡସ୍‌ରୁ ମଧ୍ୟ କ୍ରୟ କରି ପାରିବେ, ଯୋଉଠାରେ ପୁନଃକ୍ରୟ ସୁବିଧା ଉପଲବ୍ଧ ହୋଇଥାଏ ।



ମ୍ୟୁଚୁଆଲ୍ ଫଣ୍ଡ ସାଧାରଣତଃ ଏ ସମ୍ବନ୍ଧରେ ଖବରକାଗଜ ମାନଙ୍କରେ ଏକ ବିଜ୍ଞପ୍ତି ପ୍ରକାଶିତ କରିଥାଆଂତି । ଏହି ବିଜ୍ଞାପନରେ ନୂତନ ସ୍କିମ୍‌ସମାନଙ୍କର ଉପସ୍ଥାପନ ତାରିଖ ମଧ୍ୟ ପ୍ରକାଶ କରାଯାଇଥାଏ । ମ୍ୟୁଚୁଆଲ୍ ଫଣ୍ଡ ଏଜେଣ୍ଟ୍‌ସ ଏବଂ ଡିଷ୍ଟ୍ରିବ୍ୟୁଟର୍‌ସମାନଙ୍କ ସହିତ ଆପଣ ସମ୍ପର୍କ ସ୍ଥାପନ କରିପାରିବେ ଏ ପ୍ରକାର ଏଜେଣ୍ଟ୍‌ସ ଏବଂ ଡିଷ୍ଟ୍ରିବ୍ୟୁଟର୍‌ସ ସମଗ୍ର ଦେଶରେ ବିସ୍ତାରିତ ହୋଇ ରହିଛଂତି । ସେମାନେ ବିନିଯୋଗକାରୀଙ୍କୁ ଆବଶ୍ୟକୀୟ ତଥ୍ୟ ଏବଂ ଦରଖାସ୍ତ ଫର୍ମ୍‌ସ ତୁରଂତ ଯୋଗାଇ ଦେଇ ଥାଆଂତି । ମ୍ୟୁଚୁଆଲ୍ ଫଣ୍ଡସ୍‌ଙ୍କ ସହିତ ଏ ପ୍ରକାର ଫର୍ମ୍‌ସ ଗୁଡ଼ିକ ଏଜେଣ୍ଟ୍‌ସ ଏବଂ ଡିଷ୍ଟ୍ରିବ୍ୟୁଟରସ୍‌ଙ୍କ ଜରିଆରେ ଜମା କରିପାରିବେ । ସେମାନେ ଆପଣଙ୍କୁ ଏ ପ୍ରକାର ସେବା ଦେବା ପାଇଁ ପ୍ରସ୍ତୁତ । ଆଜିକାଲି ପୋଷ୍ଟ ଅଫିସ ଏବଂ ବ୍ୟାଙ୍କସ୍‌ମାନେ ମଧ୍ୟ ମ୍ୟୁଚୁଆଲ୍ ଫଣ୍ଡସ ୟୁନିଟ୍‌ସ ବିତରଣରେ ସହାୟକ ହୋଇ ପାରିଛଂତି । କିଂତୁ ଆପଣ ଏକଥା ସୁନିଶ୍ଚିତ କରଂତୁ ଯେ, ବ୍ୟାଙ୍କସ୍ ଏବଂ ପୋଷ୍ଟ ଅଫିସ୍‌ମାନଙ୍କ ଦ୍ୱାରା ବିପଣନ କରାଯାଉଥିବା ମ୍ୟୁଚୁଆଲ୍ ଫଣ୍ଡସ ସ୍କିମ୍‌ସମାନ ସେମାନଙ୍କର ନିଜସ୍ୱ ସ୍କିମ୍‌ସ ହିସାବରେ ଯେପରି (ସ୍ୱୀକୃତି) ପରିଗଣିତ ନ ହୋଇଥାଏ । ମ୍ୟୁଚୁଆଲ୍ ଫଣ୍ଡସ ସ୍କିମ୍‌ସକୁ ବିନିଯୋଗକାରୀମାନଙ୍କ ମଧ୍ୟରେ ବିତରଣ କରିବାହେଉଛି କେବଳ ବ୍ୟାଙ୍କସ ଓ ପୋଷ୍ଟ ଅଫିସ ମାନଙ୍କର ଏକ ଦାୟିତ୍ୱ, ଏହା ଏକ ପ୍ରକାର ସହାୟତା ମାତ୍ର ।

## ଲିକ୍ୱିଡିଟୀ :

ମ୍ୟୁଚୁଆଲ୍ ଫଣ୍ଡସ୍‌ର ୟୁନିଟ୍‌ସମାନ ଅତ୍ୟଂତ ଭାବରେ 'ଲିକ୍ୱିଡ' ଅଟେ । ଓପନ-ଏଣ୍ଡ ସ୍କିମ୍‌ସ କ୍ଷେତ୍ରରେ, ଆପଣ ଯେ କୌଣସି କାର୍ଯ୍ୟରତ ଦିନମାନଙ୍କରେ ୟୁନିଟ୍‌ସମାନଙ୍କୁ ରିଡୀମ (ମୁକ୍ତ) କରି ପାରିବେ । ମ୍ୟୁଚୁଆଲ୍ ଫଣ୍ଡରୁ ସେହି ନିର୍ଦ୍ଦିଷ୍ଟ ଦିନରେ ସୂଚିତ ନି.ପ. ମୂଲ୍ୟ (ଏନ.ଏ.ଭି.) ଅନୁସାରେ ଆପଣଙ୍କୁ ଆପଣଙ୍କର ପଇଠ ମିଳିପାରିଥାଏ । କ୍ଲୋଜ୍‌ଡ-ଏଣ୍ଡ ସ୍କିମ୍ କ୍ଷେତ୍ରରେ ସ୍ୱୀକୃତି ପ୍ରାପ୍ତ ଏକ୍ସଚେଞ୍ଜରେ ଯୋଉଠାରେ ଫଣ୍ଡର ୟୁନିଟ୍‌ସମାନ ସୂଚିତ କରାଯାଇଥିବ ଆପଣ ସେହି ଏକ୍ସଚେଞ୍ଜମାନଙ୍କରେ କ୍ରୟ-ବିକ୍ରୟ କାରବାର କରିପାରିବେ ।

## ସେକ୍ଟର ସ୍ପେସିଫିକ ଫଣ୍ଡସ୍ :

ଏହି ଫଣ୍ଡ୍‌ସ / ସ୍କିମ୍‌ସ୍‌ମାନ କେବଳ ସେହି ପ୍ରକାର ସେକ୍ଟର/ଇଣ୍ଡଷ୍ଟ୍ରିଜର ସିକ୍ୟୁରିଟୀଜ ମାନଙ୍କରେ ବିନିଯୋଗ କରିଥାଆଂତି ଯାହା ଅଫର ଡକ୍ୟୁମେଣ୍ଟ୍‌ସରେ ନିର୍ଦ୍ଧାରିତ ଭାବରେ ସୂଚୀତ କରାଯାଇଥାଏ ଯଥା : ଫାର୍ମାସିଉଟିକାଲ୍ ଏବଂ ସଫ୍ଟୱେଅର, ଫାଷ୍ଟ ମୁଭିଙ୍ଗ କଞ୍ଜୁମର ଗୁଡ଼୍‌ସ (ଏଫଏମସିଜି), ପେଟ୍ରୋଲିଅମ ଷ୍ଟକ୍‌ସ ଇତ୍ୟାଦି । ସେକ୍ଟର ସ୍ପେସିଫିକ ଫଣ୍ଡସ ସାଧାରଣତଃ ଚକ୍ର ସଦୃଶ । ସେହି ଫଣ୍ଡସ୍‌ମାନଙ୍କ ଦ୍ୱାରା ସାମନା କରାଯାଉଥିବା ଆପଦମାନ ସେକ୍ଟର ସ୍ପେସିଫିକ ରିସ୍କସ (ଆପଦ) ଭାବରେ ପରିଚିତ, ଏହି ଫଣ୍ଡସ୍‌ମାନଙ୍କରୁ ଉତ୍ପନ୍ନ ପ୍ରତିଲାଭ ନିର୍ଦ୍ଦିଷ୍ଟ ସେକ୍ଟରସ/ଇଣ୍ଡଷ୍ଟ୍ରିଜ୍ ମାନଙ୍କର ଫଳାଫଳ ଉପରେ ନିର୍ଭର କରିଥାଏ ।

## ଟ୍ୟାକ୍ସ ସେଭିଙ୍ଗ ସ୍କିମ୍‌ସ (କର ସଂଚୟ ଯୋଜନା)

ଏହି ସ୍କିମ୍‌ସମାନ ବିନିଯୋଗକାରୀଙ୍କୁ ଟ୍ୟାକ୍ସ ରିବେଟ ଦେଇଥାଆଂତି । ଏହା ଆୟକର ନିୟମ, ୧୯୬୧ ଅଂତର୍ଗତ । ଏହି ନିୟମ ଅନୁସାରେ ସରକାର ନିର୍ଦ୍ଦିଷ୍ଟ ମାଧ୍ୟମମାନଙ୍କରେ ଯଥା ଇକ୍ୱିଟୀ ଲିଙ୍କଡ ସେଭିଙ୍ଗ୍‌ସ ସ୍କିମ୍‌ସ (ଇଏଲଏସଏସ) ପାଇଁ ବିନିଯୋଗକାରୀଙ୍କୁ ଟ୍ୟାକ୍ସ ପ୍ରୋତ୍ସାହନ ଦେଇଥାଂତି । ମ୍ୟୁଚୁଆଲ୍ ଫଣ୍ଡସଙ୍କ ଦ୍ୱାରା ପ୍ରଚଳିତ କରାଯାଇଥିବା ପେନ୍‌ସନ୍ ସ୍କିମ୍ ଉପରେ ମଧ୍ୟ କର ସୁବିଧା ମିଳିଥାଏ । ଏହି ସ୍କିମ୍‌ସଗୁଡ଼ିକ ବୃଦ୍ଧିକାରୀ ଏବଂ ଏଗୁଡ଼ିକ ମୁଖ୍ୟତଃ ଇକ୍ୱିଟୀଜ୍ ମାନଙ୍କରେ ବିନିଯୋଗ କରାଯାଇଥାଏ ।

## ଆସ୍ୟୁରଡ ରିଟର୍ଣ୍ଣ ସ୍କିମ୍ସ :

ଫଳାଫଳ ଉପରେ ନିର୍ଭର  ନ କରି ଏହି ସ୍କିମ୍‌ସମାନ ଇଉନିଟଧାରୀମାନଙ୍କୁ ଏକ ନିର୍ଦ୍ଦିଷ୍ଟ ପ୍ରତିଲାଭ ନିଶ୍ଚିତ କରାଇଥାଏ । କୌଣସି ସ୍କିମ୍ ପ୍ରତିଲାଭର ପ୍ରତିଶ୍ରୁତି ଦେଇପାରିବ ନାହିଁ ଯୋଉ ପର୍ଯ୍ୟଂତ ସେ ପ୍ରକାର ପ୍ରତିଲାଭକୁ ସ୍ପୋନ୍ସର୍ କିମ୍ବା  ଆସେଟ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀଙ୍କ ଦ୍ୱାରା ସମ୍ପୂର୍ଣ୍ଣଭାବରେ ଗ୍ୟାରେଣ୍ଟୀ ଦିଆ ନଯାଇଛି । ଏହା ମଧ୍ୟ ଅଫର ଡକ୍ୟୁମେଣ୍ଟରେ ପରିପ୍ରକାଶ କରାଯିବା ଆବଶ୍ୟକ । ଆପଣ ଅଫର ଡକ୍ୟୁମେଣ୍ଟକୁ ଯତ୍ନର ସହିତ ପଢ଼ି ବୁଝଂତୁ ଯେ ସ୍କିମର ସମଗ୍ର ସମୟକାଳ ପାଇଁ ଉପରୋକ୍ତ ପ୍ରତିଲାଭ ନିଶ୍ଚିତ କରାଯାଇଛି କି ନାହିଁ କିମ୍ବା ଏହା ସୀମିତ ସମୟକାଳ ପାଇଁ ଉପଲବ୍ଧ । କେତେକ ସ୍କିମ୍ସ ଏକ ସମୟରେ ଗୋଟିଏ ବର୍ଷ ସମୟ ପାଇଁ ପ୍ରତିଲାଭ ନିଶ୍ଚିତ କରାଇଥାଆଂତି ଏବଂ ତା ପରେ ସେମାନେ ସ୍କିମ୍‌ସକୁ ଅନୁଧ୍ୟାନ କରି ପରବର୍ତ୍ତୀ ବର୍ଷର ପ୍ରାରମ୍ଭରେ ପ୍ରତିଲାଭକୁ ପରିବର୍ତ୍ତନ କରିଥାଆଂତି ।

## ମ୍ୟୁଚୁଆଲ୍ ଫଣ୍ଡ ସ୍କିମ୍‌ର ଫଳାଫଳକୁ କିପରି ବୁଝିବେ ?

କୌଣସି  ସ୍କିମ୍‌ର ଫଳାଫଳ ଏହାର ନି.ପ. ମୂଲ୍ୟ (ଏନ୍.ଏ.ଭି.) ଅନୁସାରେ ପ୍ରତିଫଳିତ ହୋଇଥାଏ । ଓପନ-ଏଣ୍ଡେଡ ସ୍କିମ୍ସ କ୍ଷେତ୍ରରେ ଏହା ଦୈନିକ ଭାବରେ ପରିପ୍ରକାଶିତ କରାଯାଇଥାଏ ଏବଂ ସେହିପରି କ୍ଲୋଜ-ଏଣ୍ଡେଡ ସ୍କିମ କ୍ଷେତ୍ରରେ ସାପ୍ତାହିକ ଭାବରେ ପରିପ୍ରକାଶିତ କରାଯାଇଥାଏ । ମ୍ୟୁଚୁଆଲ୍ ଫଣ୍ଡସ୍‌ର ନି.ପ. ମୂଲ୍ୟ (ଏନ.ଏ.ଭି.) ଖବରକାଗଜମାନଙ୍କରେ ପ୍ରକାଶିତ କରାଯାଇଥାଏ । ମ୍ୟୁଚୁଆଲ୍ ଫଣ୍ଡସ୍‌ର ଏନଏଭି ସେମାନଙ୍କର ୱେବ୍‌ସାଇଟ୍‌ସରୁ ମଧ୍ୟ ମିଳିଥାଏ । ସମସ୍ତ ମ୍ୟୁଚୁଆଲ୍ ଫଣ୍ଡ ସେମାନଙ୍କର ନି.ପ. ମୂଲ୍ୟ (ଏନ.ଏ.ଭି.) କୁ ଏଏମଏଫଆଇ (AMFI) ୱେବସାଇଟ୍ : www.amfiindia.com ମାଧ୍ୟମରେ ପ୍ରକାଶ କରିବା ଜରୁରୀ, ଯାହାଦ୍ୱାରା ଗୋଟିଏ ସ୍ଥାନରେ ଆପଣ ସମସ୍ତ ମ୍ୟୁଚୁଆଲ୍ ଫଣ୍ଡର ଏନଏଭିକୁ ପରୀକ୍ଷା କରି ଦେଖିବା ସହିତ ସେମାନଙ୍କର ଫଳାଫଳ ମଧ୍ୟ ଆକଳନ କରିପାରିବେ ।

ମ୍ୟୁଚୁଆଲ୍ ଫଣ୍ଡ୍‌ସ ଷାଣ୍ମାସିକ ଫଳାଫଳ ଭିତ୍ତିରେ ସେମାନଙ୍କର କାର୍ଯ୍ୟ କୁଶଳତାକୁ ପ୍ରକାଶ କରିବା ଆବଶ୍ୟକ । ଏହି ଫଳାଫଳ ସେମାନଙ୍କ ପ୍ରତିଲାଭ / ବୃଦ୍ଧି ସ୍କିମ୍‌ସର ପ୍ରାରମ୍ଭରୁ ପୂର୍ବ ଛ ମାସ, ଏକ ବର୍ଷ, ତିନି ବର୍ଷ ଏବଂ ପାଞ୍ଚ ବର୍ଷ ସମୟକାଳ ପର୍ଯ୍ୟଂତ ସଂଯୋଜିତ । ଆପଣ ମଧ୍ୟ ସେମାନଙ୍କର ଅନ୍ୟାନ୍ୟ ବିବରଣୀକୁ ଲକ୍ଷ କରିବା ଉଚିତ, ଯଥା ଷ୍ଡ ସମଗ୍ର ପରିସମ୍ପତ୍ତି (ଆସେଟ୍‌ସ) ଖର୍ଚ୍ଚର ପରସେଣ୍ଟେଜ୍, କାରଣ ଏହା ସେମାନଙ୍କର ପରିବୃଦ୍ଧିକୁ ପ୍ରଭାବିତ କରିଥାଏ । ଅନ୍ୟାନ୍ୟ ଆବଶ୍ୟକୀୟ ବିବରଣୀ ମଧ୍ୟ ସେହି ସମାନ ଷାଣ୍ମାସିକ ଫର୍ମାଟ ଆକାରରେ ପାଇପାରିବେ ।

ମ୍ୟୁଚୁଆଲ ଫଣ୍ଡସ ସ୍କିମ୍ସ ଏବଂ ବିଭିନ୍ନ ପ୍ରକାର ସ୍କିମ୍ସ ଉପରେ ଉତ୍ପନ୍ନ ପରିବୃଦ୍ଧି ସମ୍ବନ୍ଧରେ ବିତ୍ତୀୟ ଖବରକାଗଜ ମାନଙ୍କରେ ଏକ ସାପ୍ତାହିକ ଭିତ୍ତିରେ ବିଶଦ ଆଲୋଚନାମାନ ପ୍ରକାଶିତ କରାଯାଇଥାଏ । ଏହାଛଡ଼ା ଅନେକ ଗବେଷଣା ସଂସ୍ଥା ମ୍ୟୁଚୁଆଲ୍ ଫଣ୍ଡସର ଫଳାଫଳ ସମ୍ବନ୍ଧରେ ରିସର୍ଚ୍ଚ ରିପୋର୍ଟ ପ୍ରକାଶିତ କରିଥାଂତି । ଏହି ରିପୋର୍ଟସରେ ବିଭିନ୍ନ ସ୍କିମ୍‌ସମାନଙ୍କର ଫଳାଫଳ ଜନିତ ମୂଲ୍ୟାଙ୍କନ ମଧ୍ୟ କରାଯାଇଥାଏ । ଆପଣ ବିଭିନ୍ନ ମ୍ୟୁଚୁଆଲ ଫଣ୍ଡସ୍ ସ୍କିମସମାନଙ୍କର ଫଳାଫଳ ରିପୋର୍ଟସକୁ (ବିବରଣୀ) ଭଲଭାବରେ ପଢ଼ି ନିଜକୁ ଅବଗତ କରାଂତୁ ।

ଏକ ସମାନ ଶ୍ରେଣୀଭୁକ୍ତ ମ୍ୟୁଚୁଆଲ୍ ଫଣ୍ଡସ୍‌ର ବିଭିନ୍ନ ପ୍ରକାର ସ୍କିମ୍‌ସର ଫଳାଫଳକୁ ଅନ୍ୟାନ୍ୟ ମ୍ୟୁଚୁଆଲ୍ ଫଣ୍ଡ୍‌ସର ସ୍କିମ୍ ସହିତ ତୁଳନା କରିପାରିବେ । ଇକ୍ୱିଟୀ ଓରିଏଣ୍ଟେଡ ସ୍କିମ୍‌ସମାନଙ୍କର ଫଳାଫଳ ବିଏସଇ



ସେନ୍‌ସିଟିଭ୍ ଇଣ୍ଡେକ୍ସ ଏସ ଆଣ୍ଡ ପି, ସି ଏନ ଏକ୍ସ  ନିଫଟୀ ଇତ୍ୟାଦିଙ୍କ ବେଞ୍ଚମାର୍କ ସହିତ ତୁଳନା କରାଯାଇପାରିବ ।

ମ୍ୟୁଚୁଆଲ ଫଣ୍ଡସର ଫଳାଫଳକୁ ଆଧାର କରାଯାଇ କୌଣସି ମ୍ୟୁଚୁଆଲ ଫଣ୍ଡସ ସ୍କିମ୍‌ରେ କୋଉ ସମୟରେ ଆପଣ ପ୍ରବେଶ ଏବଂ ପ୍ରସ୍ଥାନ କରିବେ ତାହା ମଧ୍ୟ ସ୍ଥିର କରିପାରିବେ ।

## ଉପଲବ୍ଧ ଅନେକ ସଂଖ୍ୟକ ସ୍କିମ୍‌ସମାନଙ୍କ ମଧ୍ୟରୁ ଆପଣ କେମିତି ଏକ ସ୍କିମ୍ ବାଛିବେ ?

ମ୍ୟୁଚୁଆଲ ଫଣ୍ଡ୍‌ସ ସ୍କିମର ଅଫର ଡକ୍ୟୁମେଣ୍ଟ ସ୍କିମକୁ ଯତ୍ନର ସହିତ ପଢ଼ଂତୁ । ସେହି ସମାନ ମ୍ୟୁଚୁଆଲ ଫଣ୍ଡସ ସ୍କିମ ଅଂତର୍ଗତ ଅନ୍ୟାନ୍ୟ ସ୍କିମ ସହିତ ଉକ୍ତ ସ୍କିମର ପୂର୍ବ ଫଳାଫଳର ବିବରଣୀକୁ ଅନୁଧ୍ୟାନ କରଂତୁ । ଆପଣ ମଧ୍ୟ ସମାନ ପ୍ରକାରର ବିନିଯୋଗ ଲକ୍ଷ ଥିବା ସ୍କିମ୍ସ ମାନଙ୍କର ଫଳାଫଳକୁ ତୁଳନା କରିପାରିବେ । ଯଦିଓ କୌଣସି ସ୍କିମ୍‌ର ଅତୀତର ଫଳାଫଳ ଏହାର ଭବିଷ୍ୟତ ଫଳାଫଳ ପାଇଁ ପରିଚାୟକ ନୁହେଁ ଏବଂ ଅତୀତର ଉତ୍ତମ ଫଳାଫଳ ଭବିଷ୍ୟତ ପାଇଁ ସମାନ ନ ହୋଇପାରେ । ବିନିଯୋଗ ସିଦ୍ଧାଂତ ଗ୍ରହଣ କରିବା ସମୟରେ ଏ ପ୍ରକାର ବୈଶିଷ୍ଟ୍ୟତାକୁ ଗୁରୁତ୍ୱ ଦିଅଂତୁ । ଡେବ୍‌ଟ ଓରିଏଣ୍ଟେଡ୍ ସ୍କିମ୍ସ ମାନଙ୍କରେ ଅତୀତର ଫଳାଫଳକୁ ପରୀକ୍ଷା କରି ଦେଖିବା ବ୍ୟତୀତ ଆପଣ ଡେବ୍‌ଟ ଇନ୍‌ଷ୍ଟ୍ରୁମେଣ୍ଟର ଗୁଣବତ୍ତା - ଯାହା ଏହାର ମୂଲ୍ୟାଙ୍କନକୁ ପ୍ରତିଫଳିତ କରିଥାଏ, ତାହା ଅନୁଧ୍ୟାନ କରଂତୁ । କୌଣସି ଏକ ସ୍କିମ ହୁଏତ ନିମ୍ନ ହାରର ପ୍ରତିଲାଭ ଦେଇଥାଏ କିଂତୁ ଉତ୍ତମ ମୂଲ୍ୟାଙ୍କିତ ଇନ୍‌ଷ୍ଟ୍ରୁମେଣ୍ଟସ୍ ମାନଙ୍କରେ ବିନିଯୋଗ କାରଣରୁ ଏହା ଅଧିକ ନିରାପତ୍ତା ଯୋଗାଇଥାଏ । ସେହିପରି ଭାବରେ ଇକ୍ୱିଟୀଜ୍ ସ୍କିମ୍‌ସ୍‌ରେ ପୋର୍ଟଫୋଲିଓର ଗୁଣବତ୍ତାକୁ ଲକ୍ଷ କରି ଦେଖଂତୁ । ଏଥିପାଇଁ ଆପଣ ବିଶେଷଜ୍ଞମାନଙ୍କର ଉପଦେଶ ନେଇପାରଂତି ।

## ମ୍ୟୁଚୁଆଲ ଫଣ୍ଡସ ସମ୍ବନ୍ଧୀୟ ବିବରଣୀ

ସମସ୍ତ ମ୍ୟୁଚୁଆଲ ଫଣ୍ଡସମାନଙ୍କର ନିଜସ୍ୱ ୱେବ୍‌ସାଇଟ୍‌ସମାନ ଅଛି । ଆପଣ ମଧ୍ୟ ସମସ୍ତ ମ୍ୟୁଚୁଆଲ ଫଣ୍ଡସମାନଙ୍କର ଷାଣ୍ମାସିକ ଫଳାଫଳ ଏବଂ ନି.ପ. ମୂଲ୍ୟ (ଏନଏଭି) ଏହି ୱେବ୍‌ସାଇଟ୍‌ସ ମାନଙ୍କରୁ ପାଇପାରିବେ । www.amfiindia.com ସେବିଙ୍କର ୱେବ୍‌ସାଇଟ୍ ମଧ୍ୟ ଆପଣ ଉପଲବ୍ଧ କରିପାରିବେ । ଏହା ହେଉଛି www.sebi.gov.in -ଏହି ୱେବ୍‌ସାଇଟ୍‌ର ‘‘ମ୍ୟୁଚୁଆଲ ଫଣ୍ଡସ ବିଭାଗ’’ରେ ସେବିଙ୍କର ବିଭିନ୍ନ ନିୟମକାନୁନ ଏବଂ ମାର୍ଗଦର୍ଶନ, ମ୍ୟୁଚୁଆଲ ଫଣ୍ଡସ ସମ୍ବନ୍ଧରେ ଆବଶ୍ୟକୀୟ ତଥ୍ୟ, ମ୍ୟୁଚୁଆଲ ଫଣ୍ଡସ ଦ୍ୱାରା ଫାଇଲ କରାଯାଇଥିବା ଡ୍ରାଫ୍ଟ ଅଫର ଡକ୍ୟୁମେଣ୍ଟସ, ମ୍ୟୁଚୁଆଲ ଫଣ୍ଡସ୍‌ର ଠିକଣା ଇତ୍ୟାଦି ସମ୍ବନ୍ଧରେ ବିଶେଷ ବିବରଣୀ ଉପଲବ୍ଧ ହୋଇଥାଏ ।

## ଅଭିଯୋଗ ପ୍ରତିକାର :

ମ୍ୟୁଚୁଆଲ ଫଣ୍ଡ ସ୍କିମ୍‌ର ଅଫର ଡକ୍ୟୁମେଣ୍ଟରେ ଆପଣ ସମ୍ପର୍କ କରିବାକୁ ଚାହୁଁଥିବା ବ୍ୟକ୍ତିଙ୍କର ନାମ ପାଇପାରିବେ, ଯାହାଙ୍କୁ ଆପଣଙ୍କର କୌଣସି ଅନୁସନ୍ଧାନ, ଅଭିଯୋଗ ଏବଂ ସମସ୍ୟା ସମ୍ପର୍କରେ ଜଣାଇପାରିବେ । ମ୍ୟୁଚୁଆଲ ଫଣ୍ଡର ଟ୍ରଷ୍ଟୀଜ୍‌ମାନେ ମ୍ୟୁଚୁଆଲ ଫଣ୍ଡର କାର୍ଯ୍ୟକଳାପକୁ ପରିଚାଳିତ କରିଥାଆଂତି । ଏଏମସିର ଡାଇରେକ୍ଟର୍‌ସ ଏବଂ  ଟ୍ରଷ୍ଟୀଜ୍‌ଙ୍କର ନାମ ଅଫର ଡକ୍ୟୁମେଣ୍ଟସ୍‌ରେ ସେବିଙ୍କୁ ପରାମର୍ଶ କରିପାରିବେ । ଏ ପ୍ରକାର ଅଭିଯୋଗ ଗ୍ରହଣ କରିସାରିବା ପରେ ସେବି ସମ୍ପୃକ୍ତ ମ୍ୟୁଚୁଆଲ ଫଣ୍ଡଙ୍କ ସହଯୋଗରେ ଏହି ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ପର୍ଯ୍ୟାୟରେ ଉପନୀତ ହେବା ପାଇଁ ଉଦ୍ୟମ ଚଳାଇଥାଆଂତି ।

## ସାମୂହିକ ବିନିଯୋଗ ଯୋଜନା

ସାମୂହିକ ବିନିଯୋଗ ଯୋଜନା (କଲେକ୍ଟିଭ ଇନ୍‌ଭେଷ୍ଟମେଣ୍ଟ ସ୍କିମ) ହେଉଛି ଏକ ବ୍ୟବସ୍ଥା ଯାହାଦ୍ୱାରା ବିନିଯୋଗକାରୀମାନେ ସେମାନଙ୍କର ଦେୟ ଅର୍ଥ ପଇଠ କରିଥାଆଂତି । ଏହି ଅର୍ଥପରିମାଣକୁ ଏକତ୍ରିତ କରାଯାଇ କେବଳ ଏହି ବ୍ୟବସ୍ଥା ସକାଶେ ବ୍ୟବହାର କରାଯାଇଥାଏ । ଏହାର ଉର୍ଦ୍ଦେଶ୍ୟ ହେଲା ଲାଭ/ଆୟ ପ୍ରାପ୍ତ କରିବା । ସିଆଇଏସ ଅଂତର୍ଗତ ସମସ୍ତ କମ୍ପାନୀମାନେ ସେବିଙ୍କ ସହିତ ରେଜିଷ୍ଟ୍ରିଭୁକ୍ତ ହୋଇଥିବା ଆବଶ୍ୟକ ।

କଲେକ୍ଟିଭ ଇନ୍‌ଭେଷ୍ଟମେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀ ସେବିଙ୍କ ସହିତ ରେଜିଷ୍ଟ୍ରିଭୁକ୍ତ ହୋଇଛଂତି କି ନାହିଁ ତାହା ନିଶ୍ଚିତ କରାଂତୁ । କେବଳ ସେବିଙ୍କ ସହିତ ରେଜିଷ୍ଟ୍ରିଭୁକ୍ତ କମ୍ପାନୀ ନୁତନ ସ୍କିମ୍‌ସ ପ୍ରଚଳନ କରିବା ସହିତ ଜନସାଧାରଣଙ୍କ ଠାରୁ ଫଣ୍ଡସ (ନିଧି) ସଂଗ୍ରହ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥାଂତି । ଏହି ସ୍କିମ୍‌ସ ଗୁଡ଼ିକ ବାଧ୍ୟତାମୂଳକ ଭାବରେ କ୍ରେଡିଟ ରେଟେଡ (କ୍ରେଡିଟ ମୂଲ୍ୟାଙ୍କିତ) ତଥା ଆପ୍ରାଇଜିଙ୍ଗ ଏଜେନ୍ସୀଙ୍କ ଦ୍ୱାରା ବିନିଯୋଗକାରୀଙ୍କୁ ଅବଗତ କରାଇଥାଂତି । ଏହି ସ୍କିମ୍‌ସମାନ ମଧ୍ୟ ଟ୍ରଷ୍ଟୀଦ୍ୱାରା ସ୍ୱୀକୃତିପ୍ରାପ୍ତ ହେବା ଆବଶ୍ୟକ । ଏଥିରେ ସେବିଙ୍କ ସହିତ ଯଥାର୍ଥ ଭାବରେ ପ୍ରଦତ୍ତ ନିୟମମାନ ଏବଂ ପରିପ୍ରକାଶ (ଡିସ୍‌କ୍ଲୋଜର୍‌ସ) ରହିଥାଏ ।





# ବିନିଯୋଗକାରୀଙ୍କ ଅଭିଯୋଗ ପ୍ରତିକାର

ସମସ୍ତ ନିୟମକାନୁନ ଏବଂ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ସତ୍ତ୍ୱେ ଆପଣଙ୍କର ପୁଣି କିଛି ସମସ୍ୟା ନିଶ୍ଚିତ ଭାବରେ ରହିବ । ରେଗୁଲେଟର (ନିୟାମକ), ସେଲ୍ଫ ରେଗୁଲେଟରୀ ଅର୍ଗାନାଇଜେସନ୍‌ସ (ଆତ୍ମନିୟାମକ ସଂସ୍ଥାମାନ) ଏବଂ ଅନ୍ୟାନ୍ୟ ସଂସ୍ଥା କେତେକ ଆବଶ୍ୟକୀୟ ପ୍ରଣାଳୀ ଅବଲମ୍ବନ କରି ବିନିଯୋଗକାରୀଙ୍କ ସମସ୍ୟାର ପ୍ରତିକାର କରିବାରେ ସମର୍ଥ ହୋଇଥାଂତି ।

ନିମ୍ନୋକ୍ତ ଟେବଲ ବିନିଯୋଗକାରୀଙ୍କର ସମସ୍ୟା ଏବଂ ସେଥି ସକାଶେ ସେମାନେ କୋଉ କର୍ତ୍ତୃପକ୍ଷଙ୍କୁ ନିବେଦନ କରିପାରିବେ ସେ ସମ୍ବନ୍ଧରେ କେତେକ ତଥ୍ୟ ଦିଆଯାଇଛି । ଏତଦ୍‌ବ୍ୟତୀତ ଆପଣଙ୍କର ସମସ୍ୟା ପାଇଁ ଆପଣ ସେବି ଏବଂ କୋର୍ଟଙ୍କ ଆଶ୍ରୟ ନେଇପାରଂତି ।

| ସମସ୍ୟା ସମ୍ପର୍କରେ | କାହାକୁ ସମ୍ପର୍କ କରିବେ ? |
|---|---|
| ଇସ୍ୟୁ / କମ୍ପାନୀ | ଇସ୍ୟୁଅର୍ କମ୍ପାନୀ / ଲିଡ ମ୍ୟାନେଜର୍ / ଷ୍ଟକ ଏକ୍ସଚେଞ୍ଜର କମ୍ପ୍ଲାୟାନ୍‌ସ ଅଫିସର |
| ଟ୍ରେଡିଙ୍ଗ-ବ୍ରୋକରସବ-ବ୍ରୋକର | ସମ୍ପୃକ୍ତ ଏକ୍ସଚେଞ୍ଜର ଇନ୍‌ଭେଷ୍ଟରଗ୍ରିଭାନ୍‌ସ ସେଲ୍ |
| ମ୍ୟୁଚୁଆଲ ଫଣ୍ଡ | ମ୍ୟୁଚୁଆଲ ଫଣ୍ଡର କମ୍ପ୍ଲାୟାନ୍‌ସ ଅଫିସ |
| ଡିପୋଜିଟୋରୀ ସର୍ଭିସେସ | ଇନ୍‌ଭେଷ୍ଟର ରିଲେସନ୍ ସେଲ କିମ୍ବା ସମ୍ପୃକ୍ତ ଡିପୋଜିଟୋରୀ |
| କର୍ପୋରେଟ କାର୍ଯ୍ୟାନୁଷ୍ଠାନ | ସମ୍ପୃକ୍ତ କମ୍ପାନୀ / ସମ୍ପୃକ୍ତ ଏକ୍ସଚେଞ୍ଜ |
| ଇଣ୍ଟର ମିଡିଆରୀ (ମଧ୍ୟସ୍ଥ) | ଇଣ୍ଟରମିଡିଆରୀଙ୍କର କମ୍ପ୍ଲାୟାନ୍‌ସ ଅଫିସର / ସ୍ୱୀକୃତିପ୍ରାପ୍ତ ଇଣ୍ଡଷ୍ଟ୍ରୀ ଆସୋସିଏସନ / ଏସ.ଆର.ଓ. |